# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ମାର୍ଚ୍ଚ ୯/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Balasore, Saturday, March 9/2019 | ★★★★

୪୫ଶ ଭାଗ ୧୦୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



ଓଡ଼ିଶା ସରକାର

DSPL-493

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

## ଚାଷୀ ମହାସମାବେଶ
**କନ୍ଧମାଳ**
୯ ମାର୍ଚ୍ଚ ୨୦୧୯ ଶନିବାର

**ମାର୍ଚ୍ଚ ୨୦** ପର୍ଯ୍ୟନ୍ତ ପ୍ରତି ଗ୍ରାମ ପଞ୍ଚାୟତରେ ପ୍ରଦର୍ଶିତ ହେବ **ତୃତୀୟ ପର୍ଯ୍ୟାୟ** ହିତାଧିକାରୀ ତାଲିକା

ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ **ଏପ୍ରିଲ ୧ରୁ କାଳିଆ** ସହାୟତା



"ଜଣେ ବି ଯୋଗ୍ୟ ଚାଷୀ ଯେପରି କାଳିଆ ଯୋଜନାରୁ ବଞ୍ଚିତ ନହେବ ତା ଉପରେ ମୁଁ ନଜର ରଖୁଛି ।"

ନବୀନ ପଟ୍ଟନାୟକ

କାଳିଆ
ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

**କାଳିଆ ଛାତ୍ରବୃତ୍ତି**

ଯୋଗ୍ୟ ଶିକ୍ଷାର୍ଥୀ ଆବେଦନ କରନ୍ତୁ
kalia.co.in/scholarship

39001/13/0033/1819



"ବାୟୁସେନା ପାଇଲଟମାନେ ପାକିସ୍ତାନର ନିର୍ଦ୍ଦିଷ୍ଟ ଆତଙ୍କବାଦୀ ଶିବିର ଧ୍ୱଂସ ମିଶନରେ ଥିଲେ। ସେମାନେ ପୁଷ୍ପ ବୃଷ୍ଟି କରିବାକୁ ଯାଇ ନ ଥିଲେ।
- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ



■ ଭାରତ-ପାକିସ୍ତାନ ଉତ୍ତେଜନା: ନ୍ୟୁୟର୍କ ଟାଇମ୍ସର ରିପୋର୍ଟ

# ଆଣବିକ ଯୁଦ୍ଧ ଆଶଙ୍କା

ୱାଶିଂଟନ,୮।୩(ପି.ଟି.)

କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ କଳହର ମଞ୍ଜି। ଏହି ଦୀର୍ଘ ସମସ୍ୟାର ସମାଧାନ ପାଇଁ ଦୁଇ ପଡ଼ୋଶୀ ବିଶେଷ ପ୍ରୟାସ କରୁ ନାହାନ୍ତି। ଫଳରେ ଆଗକୁ କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଆଣବିକ ଯୁଦ୍ଧ ହେବାର ଅନେକ ଆଶଙ୍କା ରହିଛି ବୋଲି ଆମେରିକାର 'ନ୍ୟୁୟର୍କ ଟାଇମ୍ସ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି।

ଆମେରିକାର ଏହି ଅଗ୍ରଣୀ ଖବରକାଗଜରେ ଗୁରୁବାର ପ୍ରକାଶିତ ନିବନ୍ଧରେ ସମ୍ପାଦକୀୟ ମଣ୍ଡଳୀ ଉଲ୍ଲେଖ କରିଛନ୍ତି ଯେ, ସମ୍ପ୍ରତି ଯଦିଓ ଭାରତ ଓ ପାକିସ୍ତାନ ମଧ୍ୟରେ ସାମୟିକ ଭାବେ ଉତ୍ତେଜନା ପ୍ରଶମିତ ହୋଇଛି, ତଥାପି ଦୁଇଦେଶର ଆଣବିକ ଯୁଦ୍ଧାସ୍ତ୍ର କୌଣସି ସମୟରେ ଅକଳ୍ପନୀୟ ପରିଣତିକୁ ଜନ୍ମ ଦେଇପାରେ। ଦୁଇଦେଶର ଆପେକ୍ଷିକ ନୀରବତା ଏକ ସମାଧାନ ନୁହେଁ। ଏଭଳି ସମୟରେ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଆମେରିକା ହସ୍ତକ୍ଷେପ କରିବା ଆବଶ୍ୟକ।


The New York Times
Opinion
This Is Where a Nuclear Exchange Is Most Likely. (It's Not North Korea.)
Tensions have cooled between India and Pakistan after a terrorist attack, but their nuclear arsenals mean unthinkable consequences are always possible.
By The Editorial Board
The editorial board represents the opinions of the board, its editor and the publisher. It is separate from the newsroom and the Op-Ed section.
March 7, 2019

ମୂଳ ପ୍ରସଙ୍ଗ 'କଶ୍ମୀର ବିବାଦ'ର ସମାଧାନ ପାଇଁ ଭାରତ ଓ ପାକିସ୍ତାନ ଯେତେଦିନ ମନାକରୁଥିବେ, ଉପତ୍ୟକାର ଭବିଷ୍ୟତକୁ ନେଇ ସେତେଦିନ ଅପ୍ରତ୍ୟାଶିତ ଓ ଭୟଙ୍କର ପରିଣାମ ଭୋଗି ଚାଲିଥିବେ। ଦୁଇ ପଡ଼ୋଶୀ ଆଗକୁ ମୁହାଁମୁହିଁ ହେଲେ ଏତେ ସହଜରେ ସ୍ଥିତି ଶାନ୍ତ ହେବ ନାହିଁ ବୋଲି ନ୍ୟୁୟର୍କ ଟାଇମ୍ସ ଭବିଷ୍ୟବାଣୀ କରିଛି।

ଏହି ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ପୁଲୱାମାରେ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଥିଲା। ପାକିସ୍ତାନକୁ ଏହାର ଜବାବ ଦେବାକୁ ଯାଇ ଭାରତ ବାଲାକୋଟରେ ଥିବା ଜେଇଏମ୍‌ର ସବୁଠୁ ବଡ଼ ତାଲିମ ଶିବିରକୁ ଟାର୍ଗେଟ କରିଥିଲା। ଭାରତୀୟ ବାୟୁସେନା (ଆଇଏଏଫ୍)ର ବୋମାମାଡ଼ ଯୋଗୁ ସ୍ୱତ୍ତ୍ୱ ପାକିସ୍ତାନ ପରଦିନ ବାୟୁସୀମା ଉଲ୍ଲଂଘନ କରି ଭାରତ ଉପରେ ଆକ୍ରମଣ କରିଥିଲା। ପାକିସ୍ତାନୀ ସେନା ଦୀର୍ଘବର୍ଷ ଧରି ଚାଲିଥିବା ଲଢ଼େଇରୁ ଓହରିବା ପାଇଁ ଚାହୁଁ ନ ଥିଲେ ହେଁ ସେଠାକାର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏକ ଭଲ ପଦକ୍ଷେପ ନେଇଛନ୍ତି। ମାର୍ଚ୍ଚ ୧ରେ ସେ ଆଇଏଏଫ୍ ପାଇଲଟ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଭାରତକୁ ଫେରାଇ ଦେବା ଶାନ୍ତି ଦିଗରେ ଏକ ପଦକ୍ଷେପ ଭାବେ ଦେଖାଯାଉଛି। ପୁଲୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ଇମ୍ରାନ୍ ତାଙ୍କର ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ପ୍ରମାଣ ମାଗିବା ସହ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଭାରତର ପ୍ରଧାନମନ୍ତ୍ରୀ ମୋଦି ଉତ୍ତେଜନା ବୃଦ୍ଧି ଲାଗି ଏହାକୁ ଏକ ସୁଯୋଗ ଭାବେ ବ୍ୟବହାର କରିଥିଲେ। ଭାରତରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମୋଦି ପୁଣିଥରେ କ୍ଷମତାକୁ ଫେରିବା ଲାଗି ପ୍ରଚାର ବେଳେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦେଇ ହିନ୍ଦୁ ଜାତୀୟତାବାଦକୁ ଇନ୍ଧନ ଯୋଗାଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭାରତର ଆତଙ୍କବାଦ ନିରୋଧୀ ଦକ୍ଷତା ବୃଦ୍ଧିରେ ଆମେରିକା ସହାୟକ ହୋଇପାରିବ। ଆମେରିକାର ସହାୟତାରେ ଭାରତ ଭବିଷ୍ୟତରେ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ଲାଗି ପ୍ରସ୍ତୁତ ହୋଇପାରିବ। କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ହେଉଛି ବୋଲି ଜାତିସଂଘ ଓ ଅନ୍ୟ କେତେକ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଆପତ୍ତି ଉଠାଯାଉଛି। ଏଭଳି ସମୟରେ ଅନ୍ତର୍ଜାତୀୟ ଚାପ ନ ହେଲେ ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ବାହାରିବା ଆଶା କ୍ଷୀଣ ଏବଂ ଆଣବିକ ଯୁଦ୍ଧର ଆଶଙ୍କା ଅଧିକ ରହିଛି।

ଆମେରିକା ଭାରତକୁ କଶ୍ମୀର ପ୍ରସଙ୍ଗରେ ନିଜ ଅଭିମୁଖ୍ୟରେ ପରିବର୍ତ୍ତନ ଲାଗି ପ୍ରୋତ୍ସାହିତ କରିପାରେ। ଭାରତ-ପାକିସ୍ତାନ ବିବାଦରୁ ପଛଘୁଞ୍ଚା ଦେବାକୁ ନିଷ୍ପତ୍ତି ନେଲେ ବିଶ୍ୱର ଦୁଇ ସର୍ବାଧିକ ବିରୋଧୀ ପଡ଼ୋଶୀଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଆମେରିକା ଆଗେଇଆସିବା ଉଚିତ। କାରଣ ବିଗତ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତ ଓ ପାକିସ୍ତାନ ୩ଟି ଯୁଦ୍ଧ ଲଢ଼ିସାରିଛନ୍ତି। ଜମ୍ମୁ-କଶ୍ମୀରରେ ଆକ୍ରମଣ କରୁଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ଉପରେ ପାକିସ୍ତାନ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କେବେ ନେଇ ନ ଥିଲା। ହେଲେ କଶ୍ମୀରର ସ୍ୱାଧୀନତା ପାଇଁ ଲଢ଼େଇ କରୁଛି ବୋଲି କହୁଥିବା ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କ ଭାଇ ଓ ପୁଅଙ୍କ ସମେତ ୪୪ ଆତଙ୍କବାଦୀଙ୍କୁ ଗିରଫ କରି ଏହି ସଂଗଠନର କେତେକ ସମ୍ପତ୍ତି ବାଜ୍ୟାପ୍ତ ଯୋଜନା କରିଛି। ତେବେ ପାକିସ୍ତାନ ଏଭଳି ପ୍ରତିଶ୍ରୁତିଗୁଡ଼ିକ ପୂର୍ବରୁ ପାଳନ କରିଥିବା ପ୍ରାୟତଃ ଦେଖିବାକୁ ମିଳିନାହିଁ।

**ବିବାଦର ମଞ୍ଜି କଶ୍ମୀର**

- ■ କଶ୍ମୀରର ସ୍ୱାଧୀନତା ପାଇଁ ଲଢ଼େଇ କରୁଛି ଜୈଶ୍
- ■ ଦୁଇଦେଶ ମଧ୍ୟରେ ଉତ୍ତେଜନା ସାମୟିକ ଭାବେ ହ୍ରାସ ପାଇଛି
- ■ ଭାରତ-ପାକିସ୍ତାନ ମୁହାଁମୁହିଁ ହେଲେ ଦେଖାଦେବ ଭୟାବହ ସ୍ଥିତି
- ■ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦେଇ ହିନ୍ଦୁ ଜାତୀୟତାବାଦକୁ ଇନ୍ଧନ ଯୋଗାଉଛନ୍ତି ମୋଦି

"ପୁଲୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ତୁରନ୍ତ ପୃଷ୍ଠା ଓଲଟାଇ ପରସ୍ପର ସହ ଆଲୋଚନା କରନ୍ତୁ। ଦୁଇ ପଡ଼ୋଶୀ ବର୍ତ୍ତମାନର ସଙ୍କଟକୁ ଦ୍ୱିପାକ୍ଷିକ ସମ୍ପର୍କରେ ମୌଳିକ ଉନ୍ନତି ପାଇଁ ଏକ ସୁଯୋଗରେ ପରିଣତ କରନ୍ତୁ।



-ୱାଙ୍ଗ୍ ୟି, ଚାଇନା, ବହିର୍ବ୍ୟାପାର ମନ୍ତ୍ରୀ

"ପୁଲୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନା ବାଲାକୋଟରେ କରିଥିବା ବୋମାମାଡ଼କୁ ନେଇ ପ୍ରଥମେ ପାକିସ୍ତାନ ନିଜେ ଟୁଇଟ୍ କରିଥିଲା। ଆମ କାର୍ଯ୍ୟାନୁଷ୍ଠାନକୁ ନେଇ ଯେଉଁମାନେ ପ୍ରମାଣ ମାଗୁଛନ୍ତି ସେମାନେ ପାକିସ୍ତାନକୁ ସନ୍ତୁଷ୍ଟ କରୁଛନ୍ତି। ୧୩୦ କୋଟି ଭାରତୀୟ ମୋର ପ୍ରମାଣ।



- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

"ପାକିସ୍ତାନ ଭୂଖଣ୍ଡ ଭିତରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନଗୁଡ଼ିକ ବିରୋଧରେ ଇସ୍‌ଲାମାବାଦ ନିରନ୍ତର ଓ ଅପରିବର୍ତ୍ତନୀୟ କାର୍ଯ୍ୟାନୁଷ୍ଠାନ ନେଉ। ଏହାଦ୍ୱାରା ଭବିଷ୍ୟତରେ ଆକ୍ରମଣକୁ ଏଡାଯାଇ ଆଞ୍ଚଳିକ ନିରାପତ୍ତାକୁ ପ୍ରୋତ୍ସାହିତ କରାଯାଇ ପାରିବ।



-ରବର୍ଟ ପଲ୍ଲାଡିନୋ, ଆମେରିକା ପରରାଷ୍ଟ୍ର ବିଭାଗ ଉପମୁଖପାତ୍ର




ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶୁକ୍ରବାର ଚେନ୍ନାଇର ଜଣେ କଲେଜ ଛାତ୍ରୀ ନିଜ ମୁହଁରେ ପେଣ୍ଟିଂ କରାଇଛନ୍ତି।

■ କଶ୍ମୀରୀଙ୍କ ଉପରେ ଆକ୍ରମଣ

## ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୩

କଶ୍ମୀରୀମାନଙ୍କ ବିରୋଧରେ ହିଂସାକାଣ୍ଡ ଘଟାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରାଜ୍ୟଗୁଡ଼ିକୁ ଆହ୍ୱାନ କରିଛନ୍ତି। ଦେଶରେ ଏକତାର ବାତାବରଣ ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଗୁରୁବାର ଲକ୍ଷ୍ନୌରେ ୨ ଜଣ କଶ୍ମୀରୀଙ୍କୁ ଆକ୍ରମଣ କରାଯାଇଥିଲା। ଉତ୍ତରପ୍ରଦେଶ ସରକାର ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆକ୍ରମଣର ଭିଡିଓ ଭାଇରାଲ ହେବା ପରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି।

## ମିଜୋରାମ ରାଜ୍ୟପାଳ ଇସ୍ତଫା ଦେଲେ

ଥିରୁଭାନନ୍ତପୁରମ୍,୮।୩(ପି.ଟି.)

ମିଜୋରାମ ରାଜ୍ୟପାଳ କୁମ୍ମନାମ ରାଜଶେଖରନ ଶୁକ୍ରବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ ଆଗାମୀ ଲୋକ ସଭା ନିର୍ବାଚନ ଥିରୁଭାନନ୍ତପୁରମ୍‌ରୁ ଲଢ଼ିବା ନେଇ ଚର୍ଚ୍ଚା ହେଉଛି । ଭାଜପା ଏପର୍ଯ୍ୟନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରି ନ ଥିଲେ ମଧ୍ୟ ରାଜଶେଖରନ କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ବିରୋଧରେ ଭାଜପାରୁ ପ୍ରାର୍ଥୀ ହେବାର ଯଥେଷ୍ଟ ସମ୍ଭାବନା ଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଆରଏସ୍‌ଏସ୍‌ର ସକ୍ରିୟ ସଦସ୍ୟ ତଥା ଭାଜପାର ପୂର୍ବତନ ରାଜ୍ୟ ସଭାପତି ରାଜଶେଖରନଙ୍କୁ ଗତବର୍ଷ ମେ ମାସରେ ମିଜୋରାମ ରାଜ୍ୟପାଳ କରାଯାଇଥିଲା। ସେ ପୁଣି ଥରେ ସକ୍ରିୟ ରାଜନୀତିକୁ ଫେରିବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।



କୁମ୍ମନାମ ରାଜଶେଖରନ

**ଥରୁରଙ୍କ ବିରୋଧରେ ଭାଜପାରୁ ହୋଇପାରନ୍ତି ପ୍ରାର୍ଥୀ**




## ମିଗ୍-୨୧ ଦୁର୍ଘଟଣାଗ୍ରସ୍ତ

ଜୟପୁର,୮।୩(ପି.ଟି.)

ଭାରତୀୟ ବାୟୁସେନାର ଏକ ମିଗ୍-୨୧ ଯୁଦ୍ଧବିମାନ ରାଜସ୍ଥାନର ବିକାନେର୍ ଜିଲା ଅନ୍ତର୍ଗତ ଶୋଭାସର କୀ ଧାନି ଅଞ୍ଚଳରେ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ପକ୍ଷୀ ସହ ମାଡ଼ ହେବାରୁ ଏହି ଦୁର୍ଘଟଣା ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି। ତେବେ ଏହାର ପାଇଲଟ ନିରାପଦର ସହ ଅବତରଣ କରିଛନ୍ତି। ନାଲ୍ ଏୟାରବେସ୍‌ରୁ ବିମାନଟି ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ପକ୍ଷୀ ସହ ଧକ୍କା ଲାଗିଥିଲା ବୋଲି ବାୟୁସେନା ମୁଖପାତ୍ର ଗ୍ରୁପ୍ କ୍ୟାପ୍‌ଟେନ ଅନୁପମ ବାନାର୍ଜୀ କହିଛନ୍ତି।

## ସିବିଆଇରେ ୫ ଏସ୍‌ପି ନିଯୁକ୍ତ

ନୂଆଦିଲ୍ଲୀ,୮।୩(ପି.ଟି.)

ସରକାର ଶୁକ୍ରବାର ସିବିଆଇରେ ୫ ଏସ୍‌ପିଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ସୁଧା ସିଂ, ଥମ୍‌ସନ ଜୋସ୍ ଏବଂ ଜୟଦେବନ୍ ଆଇପିଏସ୍ ଅଧିକାରୀ। ଅନ୍ୟ ଦୁଇଜଣ ଭାରତୀୟ ରାଜସ୍ୱ ସେବା ଅଧିକାରୀ। ୧୩୦୦୦ କୋଟି ଟଙ୍କାର ପିଏନ୍‌ବି ଦୁର୍ନୀତି ସମେତ ଅନେକ ବଡ଼ ଆର୍ଥିକ ଅନିୟମିତତା ମାମଲା ସିବିଆଇ ତଦନ୍ତ ପାଇଁ ଆସୁଥିବାରୁ ଦୁଇ ଆଇଆର୍‌ଏସ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ୨୦୦୬ ବ୍ୟାଚ୍‌ର ଆଇଆର୍‌ଏସ ଅଫିସର ଅଶୋକ କୁମାର ଏବଂ ୨୦୦୮ ବ୍ୟାଚର ଲଳିତ ମୋହନ ଜିନ୍ଦଲ।

■ ଆଇଏଏଫ୍ ବୋମାମାଡ଼ରେ ବାଲାକୋଟରେ ଭାଙ୍ଗିଛି ୧୯ ଗଛ

## ମାମଲା ଦାଏର କଲା ପାକ୍



ଇସ୍‌ଲାମାବାଦ,୮।୩(ପି.ଟି.)

ପୁଲୱାମା ଆକ୍ରମଣର ଜବାବ ଦେବାକୁ ଯାଇ ଭାରତୀୟ ବାୟୁସେନା (ଆଇଏଏଫ୍) ଫେବୃୟାରୀ ୨୬ରେ ପାକିସ୍ତାନର ଖାଇବର-ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାଲାକୋଟରେ ବୋମାମାଡ଼ କରିଥିଲା। ମିରାଜ୍-୨୦୦୦ର ଏହି କାର୍ଯ୍ୟାନୁଷ୍ଠାନରେ ଜୈଶ୍ ଆତଙ୍କବାଦୀ ତାଲିମ ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏଥିରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ଭାଜପା ନେତା ଓ କେନ୍ଦ୍ରମନ୍ତ୍ରୀମାନେ କହୁଛନ୍ତି, ଯାହାକୁ ପାକିସ୍ତାନ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ ଖଣ୍ଡନ କରୁଛି। ଆତଙ୍କବାଦୀଙ୍କ ମୃତ୍ୟୁସଂଖ୍ୟାକୁ ନେଇ ବିବାଦ ଥମି ନ ଥିବାବେଳେ ଶୁକ୍ରବାର ପାକିସ୍ତାନରେ ଆଇଏଏଫ୍ ବିରୋଧରେ ମାମଲା ଦାଏର ହୋଇଛି। ଭାରତୀୟ ବାୟୁସେନାର ଅଚିହ୍ନା ପାଇଲଟମାନେ ବାଲାକୋଟରେ ଭୋର ସମୟରେ ତରବରିଆ ଭାବେ ବୋମା ନିକ୍ଷେପ କରିଥିଲେ। ଏଥିଯୋଗୁ ୧୯ଟି ଗଛ ଭାଙ୍ଗିଯାଇଛି ବୋଲି ସେଠାକାର ବନ ବିଭାଗ ଅଧିକାରୀମାନେ ଦାଏର କରିଥିବା ଏଫ୍‌ଆଇଆର୍‌ରେ ଉଲ୍ଲେଖ ରହିଛି। ଆଇଏଏଫ୍ ଯୁଦ୍ଧବିମାନ ଏକ ସଂରକ୍ଷିତ ଜଙ୍ଗଲକୁ ଟାର୍ଗେଟ କରି ପରିବେଶ ପ୍ରତି ବିପଦ ସୃଷ୍ଟି କରିଛି ବୋଲି ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମଲିକ୍ ଅମିନ୍ ଅସ୍‌ଲମ୍ କହିଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୦ | ୧୭.୦ |
| ଚାନ୍ଦବାଲି | ୩୦.୨ | ୧୯.୬ |
| କଟକ | ୩୨.୦ | ୧୮.୨ |
| ପାରାଦ୍ୱୀପ | ୨୯.୫ | ୨୦.୬ |
| ଭୁବନେଶ୍ୱର | ୩୩.୧ | ୨୦.୦ |
| ଗୋପାଳପୁର | ୩୨.୫ | ୨୨.୫ |
| ପୁରୀ | ୨୯.୬ | ୨୧.୩ |
| ଅନୁଗୋଳ | ୩୫.୧ | ୧୬.୮ |
| ବାରିପଦା | ୩୧.୦ | ୧୭.୬ |
| ଝାରସୁଗୁଡ଼ା | ୩୨.୮ | ୧୫.୪ |
| କେନ୍ଦୁଝର | ୨୯.୭ | ୧୫.୪ |
| ସମ୍ବଲପୁର | ୩୩.୦ | ୧୬.୨ |
| ସୁନ୍ଦରଗଡ଼ | ୩୩.୦ | ୧୪.୦ |
| ହୀରାକୁଦ | ୩୨.୯ | ୧୭.୧ |
| ତାଳଚେର | ୩୩.୩ | ୧୯.୭ |
| ଭବାନୀପାଟଣା | ୩୨.୮ | ୧୬.୮ |
| ବଲାଙ୍ଗୀର | ୩୩.୮ | ୧୬.୫ |
| କୋରାପୁଟ | ୩୧.୨ | ୧୬.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | ୩୭.୦ | ୧୬.୬ |
| ସୋନପୁର | ୩୨.୮ | ୧୫.୪ |
| ଦାରିଙ୍ଗିବାଡ଼ି | ୨୯.୫ | ୧୫.୫ |

ଡିଗ୍ରୀ ସେଲ୍‌ସିୟସ୍

ଇତିହାସର ଆଇନାରେ

### ମାର୍ଚ୍ଚ ୯ର ପ୍ରମୁଖ ଘଟଣା

୧୯୭୬ ମାର୍ଚ୍ଚ ୯ରେ କାଭାଲିଜ୍ କାର୍ ଦୁର୍ଘଟଣାରେ ୪୨ ଲୋକଙ୍କ ମୃତ୍ୟୁ ଘଟିଥିଲା। ଇତିହାସରେ ଏହା ହେଉଛି ମରଣାନ୍ତକ କେବୁଲ୍ କାର୍ ଦୁର୍ଘଟଣା। ଏକ ପୂର୍ଣ୍ଣ ବୋଝେଇ କେବୁଲ କାର ଇଟାଲିୟାନ ସ୍କାଇ ରିସର୍ଟ କାଭାଲିଜ୍‌ରୁ ଅବତରଣ କରୁଥିବା ବେଳେ ଏହାର ସହାୟକ ଷ୍ଟିଲ୍ କେବୁଲ ଭାଙ୍ଗି ଯାଇଥିଲା।

୨୦୧୨ ମାର୍ଚ୍ଚ ୯ରେ ଗାଜାରୁ ୧୩୦ଟି ରକେଟ୍ ଇସ୍ରାଏଲ୍‌କୁ ମାଡ କରାଯାଇଥିଲା। ଏଥିରେ ୧୨ ପାଲେଷ୍ଟିନୀୟ ଉଗ୍ରପନ୍ଥୀ ପ୍ରାଣ ହରାଇଥିଲେ। ଗାଜା ଷ୍ଟ୍ରିପ୍ ବା ଗାଜା ହେଉଛି ସ୍ୱୟଂଶାସିତ ପାଲେଷ୍ଟିନୀୟ ଉପଖଣ୍ଡ। ଏହା ଭୂମଧ୍ୟସାଗରର ପୂର୍ବ ଉପକୂଳରେ ଅବସ୍ଥିତ ହୋଇଥିବା ବେଳେ ଏହାର ଦକ୍ଷିଣପଶ୍ଚିମରେ ଇଜିପ୍ଟ ଏବଂ ପୂର୍ବରେ ଇସ୍ରାଏଲ ରହିଛି।

# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ମାର୍ଚ୍ଚ ୯ /୨୦୧୯ | Balasore, Saturday, March 9/ 2019 | ପୃଷ୍ଠା-୧




**ଅଧିନାୟକଭାବେ କୋହଲିଙ୍କ ରେକର୍ଡ**

କ୍ୟାରିୟରର ୪୧ତମ ଦିନିକିଆ ଶତକ ସହ ବିରାଟ କୋହଲି ଅଧିନାୟକଭାବେ ଏକଦିବସୀୟ କ୍ରିକେଟରେ ଦ୍ରୁତ ୪୦୦୦ ରନ ପୂରଣ କରି ରେକର୍ଡର ଅଧିକାରୀ ହୋଇଛନ୍ତି । **୧୭**

**୧୦** **'କଳଙ୍କ'ରେ ଆଲିଆଙ୍କ ନୂଆ ଚାହାଣି**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଫିଲ୍ମ ନିର୍ମାତା କରଣ ଜୋହର 'କଳଙ୍କ'ରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ନୂଆ ଚାହାଣି ଅନାବରଣ କରିଛନ୍ତି ।




**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


■ ରେଳମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଓଡ଼ିଶାର ରେଳ ଟିକେଟ ଓଡ଼ିଆରେ ଛପାଯାଉ

ଭୁବନେଶ୍ୱର,୮।୩ (ବ୍ୟୁରୋ): ଓଡ଼ିଶାରେ ରେଳ ଟିକେଟ୍‌କୁ ଆଞ୍ଚଳିକ ଓଡ଼ିଆ ଭାଷାରେ ଛପାଯାଉ। ଏଥିପାଇଁ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ରେଳଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳ ବିଭାଗ ତରଫରୁ ଅନେକ ବ୍ୟବସ୍ଥା କରାଯାଇଛି । ଯାତ୍ରୀ ସୁବିଧାରେ ଗତ କିଛିବର୍ଷରେ ବହୁ ଉନ୍ନତି ହୋଇଥିବା ମଧ ପରିଲକ୍ଷିତ ହୋଇଛି। ଏହାସହ ରେଳଯାତ୍ରା ସମୟରେ ଲୋକମାନଙ୍କର ଅନୁଭୂତି ସୁଖଦ ହେଉଛି । ଓଡ଼ିଶାରେ ଟିକେଟ୍‌ଗୁଡ଼ିକ ଯଦି ଓଡ଼ିଆରେ ଉପଲବ୍ଧ ହେବ ତେବେ ରାଜ୍ୟର ଲୋକମାନେ ଆହୁରି ଲାଭବାନ ହେବେ ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ।

## କ୍ୟାପିଟାଲ ହସ୍ପିଟାଲରେ ଖୋଲିଲା କର୍କଟ ବିଭାଗ

ଭୁବନେଶ୍ୱର,୮।୩(ବ୍ୟୁରୋ): ରାଜଧାନୀସ୍ଥିତ କ୍ୟାପିଟାଲ ହସ୍ପିଟାଲରେ କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ଶୁକ୍ରବାର ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଏହି ବିଭାଗର ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ୨୦୧୬ରୁ କମ୍ପ୍ରେହେନସିଭ୍ କ୍ୟାନସର କେୟାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲ ସମେତ ରାଉରକେଲା ସରକାରୀ ହସ୍ପିଟାଲ ଏବଂ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ କରାଯାଇଛି। ମାଗଣା ଚିକିତ୍ସା ପରାମର୍ଶ, କେମୋଥେରାପି, ଉପଶମ ଚିକିତ୍ସା ଏବଂ ଚିକିତ୍ସା ପରବର୍ତ୍ତୀ ସେବା ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏଣିକି ଡାକ୍ତରଖାନାରେ କେମୋଥେରାପି ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ଆରମ୍ଭ ହେବା ଦିନଠାରୁ ୧୧,୩୩୦ କର୍କଟରୋଗୀ ବହିର୍ବିଭାଗ ଚିକିତ୍ସା ନିମନ୍ତେ ଆସିଛନ୍ତି।

# ପୋଲିସ ହାତରେ ବ୍ରାଉନ୍ ସୁଗାର



ପୋଲିସ ଡ୍ରାଇଭର ମାଡ ଖାଇବା ପରେ ତାଙ୍କୁ ଥାନାକୁ ନିଆଯାଉଛି।



୩ ବ୍ରାଉନ ସୁଗାର ବେପାରୀଙ୍କୁ ବାନ୍ଧି ମାଡ ମାରୁଛନ୍ତି ବସ୍ତିବାସିନ୍ଦା।

ଭୁବନେଶ୍ୱର,୮।୩ (ବ୍ୟୁରୋ)

ଜବତ ଆଳରେ ପୋଲିସ ବ୍ରାଉନ୍ ସୁଗାର ଲୁଚାଇବା ଘଟଣାରେ ଧରାପଡ଼ି ସ୍ଥାନୀୟ ଲୋକଙ୍କଠାରୁ ଛେଚା ଖାଇଛି । ଏଥିସହ ଲୋକେ ବ୍ରାଉନ ସୁଗାର କାରବାର କରୁଥିବା ୩ ଯୁବକଙ୍କୁ ମଧ ଏକ ଖୁଣ୍ଟରେ ବାନ୍ଧି ନିର୍ଦ୍ଧୂମ ପିଟିଛନ୍ତି। ଶୁକ୍ରବାର ଏଭଳି ଘଟଣା ନୟାପଲ୍ଲୀ ଥାନା ଅଧୀନ ସାଲିଆସାହିରେ ଘଟିଛି।

ସାଲିଆସାହି ଅଞ୍ଚଳରେ ଖୋଲାଖୋଲି ଭାବେ ବ୍ରାଉନ୍ ସୁଗାର କାରବାର ଚାଲିଛି । ଏହାକୁ ବନ୍ଦ କରିବା ପାଇଁ ବସ୍ତି ବାସିନ୍ଦା ବାରମ୍ବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଶେଷରେ ବସ୍ତି ବାସିନ୍ଦା ଆଇନ ହାତକୁ ନେଇଛନ୍ତି। ବ୍ରାଉନ୍ ସୁଗାର ବ୍ୟବସାୟ କରୁଥିବା ୩ ଯୁବକଙ୍କୁ ସେମାନେ କାବୁ କରି ଏକ ଖୁଣ୍ଟରେ ବାନ୍ଧି ନିର୍ଘାତ ମାଡ଼ ମାରିଛନ୍ତି। ଥାନାର ଡ୍ରାଇଭର ପ୍ରମୋଦ ରାଉତ ବ୍ରାଉନ ସୁଗାର ଜବତ କରିବା ଆଳରେ ଲୁଚାଇ ରଖିଥିବା ଜଣାପଡ଼ିବା ପରେ ତାଙ୍କୁ ଲୋକେ ଉତ୍ତମ ମଧ୍ୟମ ଦେଇଛନ୍ତି। ଖବର ପାଇ ଥାନା ଅଧିକାରୀ

■ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣିଲାନି ପୋଲିସ
■ ଆଇନ ହାତକୁ ନେଲେ ବସ୍ତି ବାସିନ୍ଦା
■ ବ୍ରାଉନ୍ ସୁଗାର ବେପାରୀଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ
■ ଥାନା ଡ୍ରାଇଭର ବି ଛେଚା ଖାଇଲେ

ଅରୁଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ୩ ବ୍ରାଉନ୍ ସୁଗାର ବେପାରୀଙ୍କୁ ଥାନାକୁ ଆଣିବା ସହ ପ୍ରମୋଦଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଡମଣାର ଦୀପ୍ତିରଞ୍ଜନ ସାହୁ, ଏକାମ୍ରବିହାରର କେଶବ ଜେନା ଓ ସାଲିଆସାହି ହାତିଆଶୁଣିର ତପନ ନାୟକ। ସେମାନଙ୍କ ନିକଟରୁ ୩.୨ ଗ୍ରାମ ବ୍ରାଉନ ସୁଗାର ପୋଲିସ ଜବତ କରିଛି।

ସୂଚନା ଅନୁଯାୟୀ, ଗିରଫ ଯୁବକମାନେ ଏକ ଅଟୋରେ ବସି ବ୍ରାଉନ ☞ପୃଷ୍ଠା-୨

## ଜୟପୁର ସମାବେଶରେ ରାହୁଲ ଗାନ୍ଧୀ

# 'ଅଫିସର ଚଳାଉଛନ୍ତି ସରକାର'

■ ରାଫାଲ ପ୍ରସଙ୍ଗ: ହାଲ୍ କଥା ଉଠାଇ ମୋଦିଙ୍କୁ ଟାର୍ଗେଟ୍

ଜୟପୁର,୮।୩(ଡି.ଏନ୍.ଏ./ନି.ପ୍ର.)

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସନ କରୁନାହାନ୍ତି। ବରଂ ୪ରୁ ୫ ଜଣ ଅଫିସରଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି ରାଜ୍ୟ ସରକାର। ରାଫାଲ ପ୍ରସଙ୍ଗରେ ମୋଦି ସରକାର ସୁନାବେଡ଼ା ସ୍ଥିତ ହାଲ୍ ବଦଳରେ ଅମ୍ବାନୀଙ୍କୁ ଅନୁକମ୍ପା ଦେଖାଇ ସ୍ଥାନୀୟ ଯୁବତୀ ଯୁବକଙ୍କୁ ବେକାର କରିଛନ୍ତି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ କୋରାପୁଟ ଜିଲା ଜୟପୁର ସମାବେଶକୁ ଶୁକ୍ରବାର ସମ୍ବୋଧିତ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏହିଭଳି କହି ଟାର୍ଗେଟ୍ କରିଛନ୍ତି। ଏହାସହ ମହିଳା ଭୋଟରଙ୍କୁ ନିଜ ଫୋକସରେ ରଖି ସେମାନଙ୍କ ପାଇଁ ବିଭିନ୍ନ ପ୍ରତିଶ୍ରୁତି ମଧ ବାଢ଼ିଛନ୍ତି। କ୍ଷମତାକୁ ଆସିଲେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାରିତ କରିବା, ଓଡ଼ିଶାରେ ଯୁବତୀଙ୍କୁ ମାଗଣା ଉଚ୍ଚଶିକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସର୍ବାଧିକ ବ୍ୟାଙ୍କ ଋଣ, କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ଅର୍ଥ ନିଗମ ଭଳି ପ୍ରତିଶ୍ରୁତି ଦେଇଛନ୍ତି ରାହୁଲ।

ପୂର୍ବାହ୍ନ ୧୨ଟା ୨୦ରେ ବିଶାଖାପାଟଣାରୁ



ସମାବେଶରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

ହେଲିକପ୍ଟର ଯୋଗେ ଜୟପୁର ଏୟାରଷ୍ଟ୍ରିପରେ ଓହ୍ଲାଇବା ପରେ ସେଠାରୁ ଶିବସାଇ ଫଙ୍କସନ ହଲରେ ପହଞ୍ଚିଥିଲେ ରାହୁଲ ଗାନ୍ଧୀ। ବିଶ୍ୱ ମହିଳା ଦିବସ ଅବସରରେ 'ସଶକ୍ତ ମହିଳା ସମୃଦ୍ଧ ଓଡ଼ିଶା' ଶୀର୍ଷକ କାର୍ଯ୍ୟକ୍ରମରେ ପ୍ରାୟ ୬୦୦ ଜଣ ମହିଳାଙ୍କ

**ପ୍ରତିଶ୍ରୁତିର ଲମ୍ବା ତାଲିକା ବାଢ଼ିଲେ**
■ କ୍ଷମତାକୁ ଆସିଲେ ମହିଳା ସଂରକ୍ଷଣ ବିଲ୍ ପାସ୍ କରିବୁ
■ କୃଷିଋଣ ଛାଡ଼, ଧାନ ଏମ୍ଏସ୍‌ପି ୨୫୦୦ ଟଙ୍କା
■ ଓଡ଼ିଶାରେ ବାଳିକା, ଯୁବତୀଙ୍କୁ ମାଗଣା ଶିକ୍ଷା
■ ବିଧବା ଭତ୍ତା ୨ ହଜାର ଟଙ୍କା

ସହ ରାହୁଲ ସିଧାସଳଖ ଭାବ ବିନିମୟ କରିଥିଲେ। ଅପରାହ୍ନ ୨ଟାରେ ଜୟପୁରର ଏକମ୍ବା ପଞ୍ଚାୟତ ବାଙ୍କବିଜ ପଡ଼ିଆରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶରେ ଉପସ୍ଥିତ ପ୍ରାୟ ୭୦ ହଜାର ଜନତାଙ୍କୁ ସମ୍ବୋଧିତ କରିଥିଲେ ରାହୁଲ। ନିଜ ଅଭିଭାଷଣରେ ସେ ଦେଶ ସହ ଓଡ଼ିଶା ଓ ସ୍ଥାନୀୟ କୋରାପୁଟର ସମସ୍ୟା ଉପସ୍ଥାପନ କରିଥିଲେ। ☞ପୃଷ୍ଠା-୨

# ମଧ୍ୟସ୍ଥ କମିଟିକୁ ଗଲା ଅଯୋଧ୍ୟା ମାମଲା

ନୂଆଦିଲ୍ଲୀ,୮।୩(ପି.ଟି.)

ସୁପ୍ରିମକୋର୍ଟ ଶୁକ୍ରବାର ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାକୁ ମଧ୍ୟସ୍ଥ କମିଟିକୁ ହସ୍ତାନ୍ତର କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ଜଷ୍ଟିସ ଏଫ୍.ଏମ୍.ଆଇ.କାଲିଫୁଲ୍ଲାଙ୍କ ନେତୃତ୍ୱରେ ଗଠିତ ମଧ୍ୟସ୍ଥ କମିଟିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ତଥା ଜଣାଶୁଣା ମଧ୍ୟସ୍ଥ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି। ଅଯୋଧ୍ୟା ଜମି ବିବାଦର ଏକ



ଏଫ୍.ଏମ୍.ଆଇ.କାଲିଫୁଲ୍ଲା | ଶ୍ରୀରାମ ପଞ୍ଚୁ | ଶ୍ରୀଶ୍ରୀ ରବିଶଙ୍କର

**୮ ସପ୍ତାହରେ ଶାନ୍ତିପୂର୍ଣ୍ଣ ସମାଧାନ ସୂତ୍ର ବାହାର କରିବାକୁ ନିର୍ଦ୍ଦେଶ**

ଶାନ୍ତିପୂର୍ଣ୍ଣ ସମାଧାନ ପନ୍ଥା ବାହାର କରିବାକୁ କମିଟିକୁ କୁହାଯାଇଛି। କମିଟି ୮ ସପ୍ତାହ ମଧରେ ସମସ୍ତ ପକ୍ଷଙ୍କ ସହ ଆଲୋଚନା ଶେଷ କରି ରିପୋର୍ଟ ଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠରେ ଅନ୍ୟମାନଙ୍କ ମଧରେ ଜଷ୍ଟିସ୍ ଏସ.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ.ଏ. ନାଜିର ରହିଛନ୍ତି।

କମିଟି ଚାହିଁଲେ ଅଧିକ ସଦସ୍ୟଙ୍କୁ ନେଇପାରିବ ବୋଲି କୋର୍ଟ କହିଛନ୍ତି। ଉତ୍ତରପ୍ରଦେଶର ☞ପୃଷ୍ଠା-୨

## ଶ୍ରୀଶ୍ରୀଙ୍କୁ ନେଇ ବିବାଦ

ନୂଆଦିଲ୍ଲୀ,୮।୩(ପି.ଟି.)

ଅଯୋଧ୍ୟା ମାମଲାର ଆପୋଷ ସମାଧାନ ଲାଗି ସୁପ୍ରିମକୋର୍ଟ ୩ ଜଣିଆ ମଧ୍ୟସ୍ଥ କମିଟି ଗଢ଼ିଛନ୍ତି। ଆର୍ଟ ଅଫ୍ ଲିଭିଙ୍ଗର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଉକ୍ତ କମିଟିରେ ସ୍ଥାନ ପାଇଥିବାରୁ ତାଙ୍କର ନିରପେକ୍ଷତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ଶ୍ରୀଶ୍ରୀ ଅଯୋଧ୍ୟା ମାମଲାର ସମାଧାନ ଲାଗି ନିଜଆଡୁ ଉଦ୍ୟମ କରିଥିଲେ। ଯଦି ମୁସଲମାନମାନେ ଅଯୋଧ୍ୟା ଦାବିରୁ ଓହରି ନ ଯାଆନ୍ତି ତେବେ ଭାରତ ସିରିଆରେ ପରିଣତ ହେବ ବୋଲି ଏକଦା ଶ୍ରୀଶ୍ରୀ କହିଥିଲେ। ତେଣୁ ତାଙ୍କ ପରିବର୍ତ୍ତେ ମଧ୍ୟସ୍ଥ କମିଟିରେ ଜଣେ ନିରପେକ୍ଷ ବ୍ୟକ୍ତିଙ୍କୁ ନେବା ଭଲ ହେବ ବୋଲି ଏଆଇଏମ୍ଆଇଏମ୍ ଅଧକ୍ଷ ଆସାଦୁଦ୍ଦିନ ଓୱାଇସି କହିଛନ୍ତି। ନିର୍ବାଚନ ପୂର୍ବରୁ ଶାସକ ଦଳ ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧରେ ବିବାଦ ସୃଷ୍ଟି କରିବା ଦୁର୍ଭାଗ୍ୟଜନକ ବୋଲି ନ୍ୟାଶନାଲ୍ କନ୍‌ଫରେନ୍ସ ଅଧକ୍ଷ ଫାରୁକ ଅବଦୁଲା କହିଛନ୍ତି। ଆମେ ଯାହା କହିବୁ ମଧ୍ୟସ୍ଥ କମିଟି ଆଗରେ କହିବୁ, ଏହା ବାହାରେ ନୁହେଁ ବୋଲି ବାବ୍ରି ମସ୍‌ଜିଦ କ୍ରିୟାନୁଷ୍ଠାନ କମିଟି ଆବାହକ ଜାଫରୟାବ ଜିଲାନି କହିଛନ୍ତି।

# ଯୁବବାହିନୀ ପାଇଁ ମୋବାଇଲ କିଣା

■ ବିଡିଓମାନଙ୍କ ନାଁ ଥାଇ ଭୁଲ୍ ଠିକଣାରେ ଆସିଲା ପାର୍ସଲ

ଭଦ୍ରକ ଅଫିସ, ୮।୩

ବିଜୁ ଯୁବବାହିନୀ ପାଇଁ ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଚାଛପାରେ କିଣାଯାଇ ବଣ୍ଟାଯିବା ଘଟଣା ଏଠାରେ ପଦାକୁ ଆସିଛି। ଏଥିଲାଗି କୌଣସି ସରକାରୀ ଯୋଜନା ନ ଥିଲେ ମଧ କର୍ମକର୍ତ୍ତାଙ୍କୁ ସନ୍ତୁଷ୍ଟ କରିବାକୁ ଜିଲାର ସମସ୍ତ ବିଡିଓ ନିଜ ନାଁରେ ଏକ କମ୍ପାନୀଠାରୁ ମୋବାଇଲ କିଣି ବଣ୍ଟନ କରିଥିବା ଚର୍ଚ୍ଚା ହେଉଛି। ଜିଲା ପ୍ରଶାସନର ଜାଣତରେ ଏଭଳି ହୋଇଥିବା ଅଭିଯୋଗ ହେଉଥିଲେ ବି ଜିଲାପାଳ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଜିଲାର ବିଡିଓମାନଙ୍କୁ ପଚରା ଯିବାରୁ ସରକାର ଏସବୁ ମୋବାଇଲ୍ ସେମାନଙ୍କ ନାଁରେ ପଠାଇଛନ୍ତି ବୋଲି ପ୍ରତିକ୍ରିୟା ରଖୁଛନ୍ତି।

ଏହି ଜିଲାରେ ଥିବା ୭ଟି ବ୍ଲକରେ ମୋଟ ୧୩, ୮୦୭ ଜଣ ବିଜୁ ଯୁବବାହିନୀ କର୍ମକର୍ତ୍ତା ପଞ୍ଜୀକୃତ ହୋଇଛନ୍ତି। ବାସୁଦେବପୁର ପୌରପାଳିକାରେ ୫୪୬, ବାସୁଦେବପୁର ବ୍ଲକରେ ୧୭୧୫, ଭଦ୍ରକ ବ୍ଲକରେ ୧୪୨୭, ଭଦ୍ରକ ପୌରପାଳିକାରେ ୧୦୨୩, ଭଣ୍ଡାରିପୋଖରୀରେ ୧୫୯୩, ବନ୍ତରେ ୧୪୯୩, ଚାନ୍ଦବାଲିରେ ୧୭୯୯, ଚାନ୍ଦବାଲି ଏନ୍ଏସିରେ ୪୪୯, ଧାମନଗରରେ ୨୨୬୦, ଧାମନଗର ଏନ୍ଏସିରେ ୩୬୩, ତିହିଡ଼ିରେ ୧୧୩୯ ବିଜୁ ଯୁବବାହିନୀ କର୍ମକର୍ତ୍ତା ରହିଛନ୍ତି। ଗତ ସପ୍ତାହରେ କେତେକ ପ୍ରମୁଖ କର୍ମକର୍ତ୍ତାଙ୍କୁ ଗୋଟିଏ ଲେଖାଏ ମୋବାଇଲ ବାଣ୍ଟିବା ସକାଶେ ଜିଲାର ବିଭିନ୍ନ ବିଡିଓଙ୍କ

**ସରକାରଙ୍କ ଲୁଚାଣିଆ ଯୋଜନା ନେଇ ଚର୍ଚ୍ଚା**

ନିକଟକୁ ଜଟଣୀ ଠିକଣାରେ ଭୁବନେଶ୍ୱରରୁ ପାର୍ସଲ ଯୋଗେ ମୋବାଇଲ ଫୋନ ଆସିଥିଲା। ଏଥିରୁ ବନ୍ତ ବ୍ଲକକୁ ମୋଟ ୧୪୯୦ଟି ମୋବାଇଲ ପାର୍ସଲ ଯୋଗେ ଆସିଥିବା କୁହାଯାଉଛି। ତଥ୍ୟ ମୁତାବକ ଉକ୍ତ ପାର୍ସଲରେ ବନ୍ତ ବିଡିଓ ରେବିକା ବିଲୁଙ୍ଗଙ୍କ ନାମ ଓ ଫୋନ ନମ୍ବର ଥିବାବେଳେ ଭୁଲ୍ ଠିକଣା ଯଥା 'ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ ଲିମିଟେଡ, ବନ୍ତ, ଜିଲା ଭଦ୍ରକ ଲେଖା ରହିଥିଲା। ତ୍ରିବେଣୀ ଆର୍ଥ ମୁଭର୍ସ ନାମରେ କୌଣସି ସଂସ୍ଥା ବନ୍ତରେ ନ ଥିବା ଜଣାପଡ଼ିଛି। ତେବେ ପାର୍ସଲରେ ଲେଖାଥିବା ମୋବାଇଲ ନମ୍ବର ବିଡିଓଙ୍କର ବୋଲି ସୂଚନା ମିଳିଛି। ଉକ୍ତ ପାର୍ସଲରେ ପ୍ରେରକଙ୍କ ଠିକଣା ସ୍ଥାନରେ ଏକ ବ୍ରାଣ୍ଡେଡ ମୋବାଇଲ କମ୍ପାନୀର ନାଁ ଥିଲେ ମଧ ସେଥିରେ ଏକ ଅଟା କମ୍ପାନୀର ନାମ ଲେଖା ଯାଇଥିଲା। ଅନୁରୂପ ଭାବେ ଅନ୍ୟ ବିଡିଓମାନଙ୍କ ପାଖକୁ ଏଭଳି ଭୁଲ୍ ଠିକଣା ଥିବା ପାର୍ସଲ ମଧ ଆସିଥିଲା। ଏହି ଘଟଣା ପଦାକୁ ଆସିବା ପରେ ଏହାପଛରେ ଅନେକ ରହସ୍ୟ ରହିଥିବା ଏବଂ ସରକାରଙ୍କ ପକ୍ଷରୁ ଯୁବ ଭୋଟରଙ୍କୁ ହାତେଇବା ପାଇଁ ଏଭଳି ଲୁଚାଣିଆ ଯୋଜନା କରାଯାଇଥିବା ଚର୍ଚ୍ଚା ଜୋର ଧରିଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଘଣ୍ଟି ବାନ୍ଧିବ କିଏ**

**ଆଜିର ମନ୍ତବ୍ୟ**

"ଭାଜପାକୁ ପାଣ୍ଠି ଯୋଗାଇବା ପାଇଁ ମୋଦି ସରକାର ଦେଶର ସମ୍ବଳ ଚୋରି କରୁଛନ୍ତି।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

**କିଛି ତଥ୍ୟ**

୨୦୧୮-୧୯ ବର୍ଷରେ କପା ଉତ୍ପାଦନ ୧୧% ହ୍ରାସ ଘଟି ୩୨୮ ଲକ୍ଷ ବେଲ୍ସ ରହିଛି।

**- ଭାରତୀୟ କପା ସଂଘ**


NECC NATIONAL EGG CO-ORDINATION COMMITTEE | 08.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 79 | 131 | 141 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers


# କମ୍ପାନୀ ଶୋଷୁଛି ନଦୀଜଳ

ଝୁମ୍ପୁରା, ୮।୩ (ଡି.ଏନ.ଏ.)

ବୈତରଣୀ ନଦର ନଇବୁଗା ଗ୍ରାମ ନିକଟରେ ପମ୍ପହାଉସ ବସାଇ ଏକ କମ୍ପାନୀ ଜଳ ଶୋଷୁଥିବାରୁ ତଳମୁଣ୍ଡରେ ଜଳାଭାବ ସ୍ଥିତି ଦେଖାଦେଇଛି। ଆଗକୁ ଖରାଦିନେ, ସମସ୍ୟା ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏବେଠାରୁ ନଦୀ ତଳମୁଣ୍ଡରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ସେଚ ପ୍ରକଳ୍ପ ପ୍ରଭାବିତ ହେଉଥିବା କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନଦୀ ପାର୍ଶ୍ୱ ପଟୁଆକୁଦର, ଧନୁର୍ଜୟପୁର, ନୟାଗଡ, ନଇବୁଗା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ଓ ଜଳ ସମ୍ପଦ ବିଭାଗ ନୀରବ ରହୁଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନଇବୁଗା ନିକଟରେ ପମ୍ପହାଉସ ନିର୍ମାଣ କରି ଏସାର କମ୍ପାନୀ ବୈତରଣୀରୁ ପାଣି ଉଠାଇ ୩ କି.ମି. ଦୂର ଦବୁନାରେ ଥିବା ବେନିଫିକେଶନ ପ୍ଲାଣ୍ଟକୁ ଯୋଗାଉଛି। ପ୍ରତିଦିନ ୧୧ ହଜାର ୭୭୦ କ୍ୟୁସେକ୍ ପାଣି ଶୋଷି ନିଆଯାଉଛି। ଏନେଇ କମ୍ପାନୀ ଏବଂ ଜଳ ସମ୍ପଦ ବିଭାଗ ମଧରେ ୨୦୦୯ରେ ରାଜିନାମା ହୋଇଥିଲା। ସର୍ତ୍ତ ଥିଲା ଯେ, ସରକାରଙ୍କ ଧାର୍ଯ୍ୟଦର ଅନୁଯାୟୀ ଟିକସ ପଇଠ କରି କମ୍ପାନୀ ପାଣି ନେବ। ନଦୀର ଜଳ ପ୍ରବାହ ଯେଭଳି ବ୍ୟାହତ ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ୧୯୫୯ ଏବଂ ୧୯୬୧ରେ ପ୍ରଣୀତ ନଦୀଜଳ ଉତ୍ତୋଳନ ଓ ସେଚ ଅଧିନିୟମକୁ କଡାକଡି ପାଳନ କରାଯିବ। ଏ ସମ୍ପର୍କରେ ପର୍ଯ୍ୟାୟ କ୍ରମେ ଜଳ ସମ୍ପଦ ବିଭାଗକୁ ନିୟମିତ ରିପୋର୍ଟ ପ୍ରଦାନ କରାଯିବ। କିନ୍ତୁ ପରେ ଏଥିରେ ବ୍ୟତିକ୍ରମ ଘଟୁଥିବା ଗ୍ରାମବାସୀ ଦର୍ଶାଇଛନ୍ତି । ବାରମ୍ବାର ଅଭିଯୋଗ ପରେ ଜଳ ସମ୍ପଦ

■ ବୈତରଣୀ ତଳମୁଣ୍ଡରେ ଜଳାଭାବ
■ ପାନୀୟ ଜଳ ଓ ସେଚ ପ୍ରକଳ୍ପ ପ୍ରଭାବିତ
■ ଗ୍ରାମବାସୀଙ୍କ ଅଭିଯୋଗକୁ ପ୍ରଶାସନର ଅଣଦେଖା

ବିଭାଗ ଅଧିକାରୀ ଏଠାକୁ ଆସି ତଦନ୍ତ କରିଥିଲେ ମଧ ଗ୍ରାମବାସୀଙ୍କ ସହ କେବେ ଆଲୋଚନା କରି ନାହାନ୍ତି। ଏଠାକାର ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ଦେଇ ବୈତରଣୀ ପ୍ରବାହିତ ହେଉଥିବାରୁ ନଦୀଶଯ୍ୟା ସଙ୍କୀର୍ଣ୍ଣ ସ୍ଥିତିରେ ରହିଛି। କାରଖାନା ଲାଗି ପମ୍ପହାଉସ ନିର୍ମାଣ ହୋଇଥିବା ସ୍ଥାନରେ ପୋକ୍‌ଲିନ ମେଶିନ ଦ୍ୱାରା ନଦୀମଧକୁ ମାଟି ବନ୍ଧ କରାଯିବା ଏବଂ ସଫେଇ କାର୍ଯ୍ୟ ଆଳରେ ମେଶିନ



ପୋକଲିନ ମେଶିନ ଲଗାଇ ବୈତରଣୀ ନଦୀବନ୍ଧ ଓ ଶଯ୍ୟାକୁ ନଷ୍ଟ କରି ଦିଆଯାଇଛି।

ଦ୍ୱାରା ପଙ୍କମାଟି ଉଠାଯାଇ ନଦୀଗର୍ଭକୁ ପୋତି ଦିଆଯାଉଥିବା ଦେଖାଯାଉଛି। ଏହାଫଳରେ ନଦୀର ପାଣି ଗୋଳିଆ ରହୁଥିବାରୁ ତଳମୁଣ୍ଡ ଅଞ୍ଚଳବାସୀ ପ୍ରଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି । ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଦୈନନ୍ଦିନ ସ୍ନାନାଦି କାର୍ଯ୍ୟରେ ଅସୁବିଧା ଭୋଗକରୁଥିବା ବେଳେ ଅଞ୍ଚଳରେ ବିଭିନ୍ନ ଚର୍ମ ଓ ପେଟ ରୋଗ ଦେଖା ଦେଉଛି। ଏହାର ସ୍ଥାୟୀ ପ୍ରତିକାର କରାଯିବା ସକାଶେ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ ଜିଲା ପ୍ରଶାସନ ଜଳ ସମ୍ପଦ ବିଭାଗ ଉପରେ ଦାୟିତ୍ୱ ଠେଲି ଦେଇ ଚୁପଚାପ ବସିଯାଉଛି। ଅନ୍ୟପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନକୁ ଭୁଲ୍‌ତଥ୍ୟ ଦେଉଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଏସାର କମ୍ପାନୀର ସିନିୟର ମ୍ୟାନେଜର ତଥା ଜନସମ୍ପର୍କ ଅଧିକାରୀ ମିଥିଳେଶ ଠାକୁରଙ୍କୁ ପଚାରିବାରୁ ସେ କହିଲେ, ପମ୍ପ ହାଉସ ସ୍ଥାନରେ ନଦୀପଟେ ପଙ୍କ ଓ ମାଟି ଜମୁଥିବାରୁ ମେଶିନ ଲଗାଇ ଏହାକୁ ସଫା କରାଯାଇଥାଏ। ସେତେବେଳେ ନଦୀରେ ପକାଯାଇଥିବା ମାଟିବନ୍ଧକୁ ପରେ ଭାଙ୍ଗି ଦିଆଯାଇଥାଏ। ଜଳ ସମ୍ପଦ ବିଭାଗ ଆନନ୍ଦପୁର ଶାଳପଡା ସ୍ଥିତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁବ୍ରତ ଦାଶଙ୍କ ପ୍ରତିକ୍ରିୟାରେ ନଦୀରେ ମାଟିବନ୍ଧ ତିଆରି ହେବା ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।




## ମାଟ୍ରିକ୍ ପ୍ରଶ୍ନପତ୍ର ଭାଇରାଲ

# ସାହିତ୍ୟରୁ ଆରମ୍ଭ ସାମାଜିକ ବିଜ୍ଞାନରେ ଶେଷ

- ୨୫ରୁ ଖାତାଦେଖା
- ୧୨ରେ ପରୀକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

**କଟକ ଅଫିସ, ୮।୩:** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଭାଇରାଲରୁ ଆରମ୍ଭ ହୋଇ ଭାଇରାଲରେ ଶେଷ ହୋଇଛି। ଗତ ଫେବୃୟାରୀ ୨୨ରେ ପରୀକ୍ଷା ଆରମ୍ଭ ଦିନ ସାହିତ୍ୟ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲାବେଳେ ଶୁକ୍ରବାର ପରୀକ୍ଷାର ଶେଷ ଦିବସରେ ଭାଇରାଲ ହୋଇଛି ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର। ସେହିପରି ଗତ ୨ ତାରିଖରେ ଗଣିତ ପ୍ରଶ୍ନପତ୍ର ମଧ୍ୟ ଭାଇରାଲ ହୋଇଥିଲା। ବୋର୍ଡ ସଭାପତି ଡ. ଜାହାଁ ଆରା ବେଗମ୍ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର ଭାଇରାଲକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ପରୀକ୍ଷା ଶେଷ ହେବାର କିଛି ମିନିଟ ପୂର୍ବରୁ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ଭାଇରାଲ କରିଥିବା ବ୍ୟକ୍ତିଜଣକ ବହୁ ସତର୍କତାର ସହ ଏହି କାର୍ଯ୍ୟ କରିଛନ୍ତି। ସାମାଜିକ ବିଜ୍ଞାନର ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଅବ୍‌ଜେକ୍ଟିଭ ପ୍ରଶ୍ନପତ୍ରର ସମ୍ପୂର୍ଣ୍ଣ ଫଟୋ ଭାଇରାଲ ହୋଇଥିବା ବେଳେ ସବଜେକ୍ଟିଭର ୪ଟି ପ୍ରଶ୍ନର ଫଟୋ ଏଥିରେ ଦେଖିବାକୁ ମିଳିଥିଲା। ଫଟୋ ଉଠାଇଥିବା ବ୍ୟକ୍ତିଜଣଙ୍କ ପ୍ରଶ୍ନପତ୍ରର ଉପର ପାର୍ଶ୍ୱରେ ଖବରକାଗଜ ରଖି ସେଥିରେ ଥିବା ବିଭିନ୍ନ କୋଡ୍‌ଗୁଡ଼ିକୁ ଲୁଚାଇ ଦେଇଛନ୍ତି। ଫଳରେ ତାହା କେଉଁ ଜିଲାର ପରୀକ୍ଷାକେନ୍ଦ୍ରରୁ ଭାଇରାଲ ହୋଇଛି ତାହା କହିବା କଷ୍ଟକର। ହେଲେ ଏହା ଅରିଜିନାଲ ପ୍ରଶ୍ନପତ୍ର ସହ ମେଳ ଖାଉଛି। କୌଣସି ଠୋସ୍ ତଥ୍ୟ ନ ଥିବାରୁ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହୁଁ ବୋଲି ଡ. ବେଗମ୍ କହିଛନ୍ତି। ଏତଦବ୍ୟତୀତ ଶୁକ୍ରବାର ସାମାଜିକ ବିଜ୍ଞାନ ପରୀକ୍ଷାରେ ୧୩୭ଜଣ କପି କରି ଧରାପଡ଼ିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୨୫ ତାରିଖରୁ ଏପ୍ରିଲ ୫ ଯାଏ ଚାଲିବ ଖାତା ଦେଖା। ଏଥିନିମନ୍ତେ ୬୦ଟି ମୂଲ୍ୟାୟନ କେନ୍ଦ୍ର ସ୍ଥିର କରାଯାଇଛି। ପ୍ରଥମ ୩ଟି ପରୀକ୍ଷାର ଉତ୍ତରଖାତା ନୋଡାଲ ସେଣ୍ଟରରୁ ମୂଲ୍ୟାୟନ କେନ୍ଦ୍ରକୁ ଅଣାସରିଥିବା ବେଳେ ବଳକା ପରୀକ୍ଷାର ଓଏମ୍ଆର୍ ଶିଟ ଖୁବ୍‌ଶୀଘ୍ର ଅଣାଯିବ ବୋଲି ବୋର୍ଡ ସଭାପତି ବେଗମ୍ ସୂଚନା ଦେଇଛନ୍ତି। ଏବେ ମୂଲ୍ୟାୟନକାରୀ ଶିକ୍ଷକଙ୍କ ତାଲିକା ପ୍ରସ୍ତୁତି ଚାଲିଛି ବୋଲି ସେ କହିଥିଲେ। ସେହିପରି ଆସନ୍ତା ୧୨ ତାରିଖରେ ବସିବ ବୋର୍ଡର ପରୀକ୍ଷା କମିଟି ବୈଠକ। ଚଳିତ ମାଟ୍ରିକ ପରୀକ୍ଷା ନିମନ୍ତେ ଏହି ବୈଠକ ବହୁ ଗୁରୁତ୍ୱପୂର୍ଣ୍ଣ ରହିଛି। ବୈଠକରେ ଦୁଇଟି ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

ପ୍ରଥମଟି ହେଲା, ପରୀକ୍ଷା ସମୟରେ ଅଭିଭାବକ, ସମ୍ପର୍କୀୟମାନଙ୍କ ଦ୍ୱାରା ବିଶୃଙ୍ଖଳା ଆଚରଣ, କପି ଯୋଗାଇବା ତଥା ଅଧିକ ସଂଖ୍ୟକ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସରେ ଧରାପଡ଼ିବା ଯୋଗୁ ୩ଟି କେନ୍ଦ୍ରର ଇଂଲିଶ୍ ପରୀକ୍ଷାକୁ ବାତିଲ କରାଯାଇଥିଲା। ତେଣୁ ଉକ୍ତ ୩ ପରୀକ୍ଷା କେନ୍ଦ୍ରର ୬୭୫ ପରୀକ୍ଷାର୍ଥୀଙ୍କୁ ଶୂନ ମାର୍କ ଦିଆଯିବ ନା ମାଲପ୍ରାକ୍ଟିସ କରାଯିବ ସେ ନେଇ ନିଷ୍ପତ୍ତି ହେବ। ଅନ୍ୟ ଏକ ପ୍ରସଙ୍ଗ ହେଉଛି ମାଲକାନଗିରି ଜିଲା ପଡ଼ିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗଣିତ ଉତ୍ତରଖାତା ଗାଏବ ହେବା। ଏନେଇ ୧୦୮ଜଣ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ଲକ୍ ଗ୍ରାଣ୍ଟ କଲେଜ ଅଧ୍ୟାପକ, କର୍ମଚାରୀଙ୍କ ୩ ମାସର ବକେୟା ଦରମା ମିଳିବ

**ଭୁବନେଶ୍ୱର, ୮।୩ (ବ୍ୟୁରୋ):** ଦୀର୍ଘଦିନ ପରେ ରାଜ୍ୟ ସରକାର ବ୍ଲକଗ୍ରାଣ୍ଟ କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କ ଉପରେ କୃପା କରିଛନ୍ତି। ନିଜର ଦାବି ପୂରଣ ପାଇଁ ଧାରଣାରେ ବସିବା ଯୋଗୁ ୬୬୨ ଓ ୪୮୮ ବର୍ଗ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କର ବନ୍ଦ ଥିବା ୩ ମାସର ଦରମା ଦେବାକୁ ସରକାର ଶେଷରେ ରାଜି ହୋଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ଆସନ୍ତା ମାର୍ଚ୍ଚ ୩୦ ତାରିଖ ପୂର୍ବରୁ ବକେୟା ଦରମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପୂର୍ଣ୍ଣ ଅନୁଦାନ ଦାବି ନେଇ ଉଭୟ ବର୍ଗର କଲେଜ ସଂଘ ପକ୍ଷରୁ ଅଧ୍ୟାପକ ଓ କର୍ମଚାରୀମାନେ ଆନ୍ଦୋଳନ କରିବାରୁ ସେମାନଙ୍କର ୨୦୧୬ ଜୁନ ଏବଂ ୨୦୧୮ର ଅଗଷ୍ଟ ଏବଂ ସେପ୍ଟେମ୍ବର ଦରମାକୁ ବନ୍ଦ କରି ଦିଆଯାଇଥିଲା।

# ୭ କୋଟିରେ ପହଞ୍ଚିଲା ଉଜ୍ଜ୍ୱଳା: ଧର୍ମେନ୍ଦ୍ର

**ଭୁବନେଶ୍ୱର,୮।୩ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଦେଶର ୭କୋଟି ଗରିବ ପରିବାରକୁ ଗ୍ୟାସ ସଂଯୋଗ ଦେଇ ମୋଦି ସରକାର ଅସମ୍ଭବକୁ ସମ୍ଭବ କରିଛନ୍ତି। ୯ହଜାର କୋଟିଟଙ୍କା ବ୍ୟୟରେ ଦୁନିଆର ସବୁଠୁ ବଡ ଗ୍ୟାସ ପାଇପ ଲାଇନ ତିଆରି ସହ ବଟଲିଂ ପ୍ଲାଣ୍ଟ ନିର୍ମାଣ ହୋଇଛି। ବିତରକ ନେଟ୍‌ୱର୍କକୁ ତଳସ୍ତର ଅଞ୍ଚଳରେ ପହଞ୍ଚାଇବା ପାଇଁ କମନ ସର୍ଭିସ ସେଣ୍ଟରର ସହଯୋଗ ନିଆଯାଇଛି। ଫଳରେ ଦେଶରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବାର ପ୍ରତିଶ୍ରୁତି ପୂରଣ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୭ କୋଟିତମ ହିତାଧିକାରୀଙ୍କୁ ଗ୍ୟାସ ବିତରଣ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ମୋଦି ୨୦୧୬ ମେ ୧ରେ ଯୋଜନାର ଶୁଭାରମ୍ଭ କରିଥିଲେ। ୫ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରିବାର ଲକ୍ଷ୍ୟ ନେଇ ୮ନଭେମ୍ବର ୨୦୧୬ରେ ପ୍ରଥମ ୧କୋଟି ସଂଯୋଗ ପୂରଣ ହୋଇଥିଲା। ଆଜି ୭କୋଟି ଏଲ୍‌ପିଜି ଗ୍ୟାସ ସଂଯୋଗ ଲକ୍ଷ୍ୟ ପୂରଣ କରାଯାଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

SIVANANDA CENTENARY BOYS' HIGH SCHOOL
Chidananda Vihar, Khandagiri, Bhubaneswar

Swami Chidananda Vidya Dana Scheme

Applications are invited for grant of scholarship under **"Swami Chidananda Vidya Dana Scheme"** for the economically backward parents seeking admission for their meritorious boys in Stds. VI & VII.

**We at Sivananda Centenary Boys' High School believe in imparting Value-Based education in English Medium (CBSE curriculum) in Modern Gurukul Environment to achieve integrated development of the students' body, mind and soul.**



Application in plain paper containing the vital information namely: **Name**, **Father's Name**, **Address**, **Profession** of the parents, **School and Class** in which the student was studying, **Annual Income of the parents** (Certificate from the Tahsildar to be attached) should reach the school either by post or email or in person on or before **25th March, 2019**

*To ascertain the merit of the students, an entrance test and personal interview will be held on **1st April, 2019***

For Queries, Call: 9124493507 / 8917485130 / 0674 2470287

# ନିଯୁକ୍ତ ହେବେ ୧୫୩୮ ଡାକ୍ତର

**ଭୁବନେଶ୍ୱର, ୮।୩(ବ୍ୟୁରୋ):** ସରକାରୀ ଚିକିତ୍ସାଳୟରେ ୧୫୩୮ ଜଣ ଏମବିବିଏସ୍ ଡାକ୍ତରଙ୍କୁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନିଯୁକ୍ତି ଦେବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୬୦୦ ଏବଂ ଶୁକ୍ରବାର ୯୩୮ ଡାକ୍ତର ପଦବୀକୁ ଅନୁମୋଦନ କରିଥିଲେ। ଦୁଇଟି ପର୍ଯ୍ୟାୟରେ ଏହି ଡାକ୍ତରମାନଙ୍କୁ ନିଯୁକ୍ତି ଦିଆଯିବ। ଏହି ନିଯୁକ୍ତି ଦ୍ୱାରା ଚିକିତ୍ସାଳୟରେ ଡାକ୍ତରମାନଙ୍କର ଅଭାବ କେତେକାଂଶରେ ଦୂର ହେବା ନେଇ ସରକାର ଆଶା କରିଛନ୍ତି।






କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ



# ଘଣ୍ଟି ବାନ୍ଧିବ କିଏ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସ୍ଥାବର ସମ୍ପତ୍ତି ରିଟର୍ନ ଦାଖଲ କରିବା ପ୍ରକ୍ରିୟାକୁ ସରକାର ୨୦୧୬ରୁ ସରଳ କରିଦେଇଥିଲେ ମଧ୍ୟ ବାବୁମାନଙ୍କ ମନୋବୃତ୍ତିରେ ପ୍ରାୟ କିଛି ପରିବର୍ତ୍ତନ ଘଟିନାହିଁ। ୨୦୧୮ ବର୍ଷ ପାଇଁ ସ୍ଥାବର ସମ୍ପତ୍ତି ରିଟର୍ନ (ଆଇପିଆର୍) ଦାଖଲର ଶେଷ ସମୟ ପାର ହୋଇଥିଲେ ମଧ୍ୟ ୩୪୦ ଜଣ ଆଇଏଏସ୍ ଅଫିସର ଏଯାଏ ତାହା ଦାଖଲ କରିନାହାନ୍ତି। ୨୦୧୮ ପାଇଁ ଆଇପିଆର୍ ଦାଖଲ କରିବାର ଶେଷ ତାରିଖ ଥିଲା ଜାନୁୟାରୀ ୩୧ ତାରିଖ। ସୂଚନା ଅନୁସାରେ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ (ଡିଓପିଟି) ଏଥିପାଇଁ ଅନେକ ସ୍ମାରକ ପଠାଇଛି ଏବଂ ଶେଷ ସ୍ମାରକଟି ୨୦୧୯ ଫେବୃୟାରୀ ୭ରେ ପଠାଇଥିଲା। ସବୁ ରାଜ୍ୟକୁ ପଠାଯାଇଥିବା ଚିଠିରେ ଚେତାବନୀ ଦିଆଯାଇଛି ଯେ, ବାବୁମାନେ ସମ୍ପତ୍ତି ତାଲିକା ପ୍ରଦାନ କରିବାରେ ବିଫଳ ହେଲେ ତା'ର ଭୟଙ୍କର କୁପରିଣାମ ଭୋଗିବାକୁ ପଡ଼ିବ। ଯାହା ଜଣାଯାଏ ଆଇପିଆର୍ ଦାଖଲ ବାଧ୍ୟତାମୂଳକ ହୋଇଥିବା ବେଳେ ତାହା ଦାଖଲ କରିବାରେ ବିଫଳ ହେଲେ ପଦୋନ୍ନତି ଆଦି ପାଇଁ ନାମତାଲିକା ପ୍ରସ୍ତୁତିରେ ଦରକାର ହେଉଥିବା ଭିଜିଲାନ୍ସ କ୍ଲିୟରାନ୍ସ ମିଳିବ ନାହିଁ। ସେହିପରି ସର୍ବଭାରତୀୟ ସେବା (ଏଆଇଏସ୍) କ୍ୟାଡର ନିୟମ ଅନୁଯାୟୀ ଯେକୌଣସି ପ୍ରକାର ଡେପୁଟେଶନ ପାଇଁ, ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଯୁକ୍ତି ପାଇଁ, ତାଲିମ କାର୍ଯ୍ୟକ୍ରମ ପାଇଁ (ବାଧ୍ୟତାମୂଳକ ତାଲିମ ବ୍ୟତୀତ) ଏବଂ ଅବଧି ପୂର୍ବରୁ ନିଜ କ୍ୟାଡରକୁ ପ୍ରତ୍ୟାବର୍ତ୍ତନ ଲାଗି କେନ୍ଦ୍ର ସରକାରଙ୍କ କ୍ଲିୟରାନ୍ସ ମିଳିବ ନାହିଁ। ଅବଶ୍ୟ ଅମାନିଆ ବାବୁମାନେ ଧୀରେ ଧୀରେ ବାଟକୁ ଆସିଯାଇପାରନ୍ତି, କିନ୍ତୁ ଏହା ଏମିତି ଏକ କାର୍ଯ୍ୟ ଯାହା ସେମାନଙ୍କୁ ଅତି ଅନିଚ୍ଛା ସତ୍ତ୍ୱେ କରିବାକୁ ପଡ଼ିବ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା କାମ କରିବେ ପରବର୍ତ୍ତୀ ସରକାର।

## ସ୍ପଷ୍ଟୀକରଣ ଦିଅ

୧୯୮୪ ବ୍ୟାଚ୍ ଆଇପିଏସ୍ ଅଫିସର ଟି.କେ. ରାଜେନ୍ଦ୍ରନ୍, ଯେ କି ଦୁଇବର୍ଷ ତଳୁ ଅବସର ନେବା କଥା, ସେ ଏଯାଏ କିପରି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପଦରେ ଅଛନ୍ତି, ସେ ନେଇ ତାମିଲନାଡୁ ମୁଖ୍ୟ ଶାସନ ସଚିବଙ୍କଠାରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ମାଗିଛି। ଏସ୍‌ପି, ଡିଆଇଜି, ଆଇଜି ଓ ଏଡିଜିପି ପାହ୍ୟାର ଚାରୋଟି ବ୍ୟାଚ୍‌ର ଆଇପିଏସ୍ ଅଫିସରଙ୍କ ପଦୋନ୍ନତି ପ୍ରସ୍ତାବର ଉତ୍ତର ଦେବା ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେତେକ ପ୍ରଶ୍ନ ଉତ୍ଥାପନ କରିବା ସହ ଏହାର ସ୍ପଷ୍ଟୀକରଣ ଦେବାକୁ କହିଛି। କିନ୍ତୁ ମନ୍ତ୍ରଣାଳୟର ପ୍ରଶ୍ନରେ ରାଜ୍ୟର ଅଫିସରମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କାରଣ ରାଜେନ୍ଦ୍ରନ୍‌ଙ୍କର ଯେଉଁଦିନ ଅବସର ନେବାର ଥିଲା, ଠିକ୍ ସେହିଦିନ ହିଁ ସେ ଡିଜିପି ପଦରେ ନିଯୁକ୍ତ ହୋଇଥିଲେ। ପ୍ରକାଶ ସିଂ ମାମଲାରେ ସୁପ୍ରିମ୍‌କୋର୍ଟ ଯେଉଁ ରୁଲିଂ ଦେଇଥିଲେ, ସେହି ଅନୁଯାୟୀ ସେ ଦୁଇବର୍ଷିଆ ସ୍ଥାୟୀ କାର୍ଯ୍ୟକାଳର ସୁବିଧା ଭୋଗ କରୁଛନ୍ତି। ଏହି ପ୍ରକ୍ରିୟାରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ମଧ୍ୟ ଏକ ଅଂଶ ଥିଲା। କେନ୍ଦ୍ରର ଅନୁମୋଦନ ବିନା ଆଇପିଏସ୍ ଅଫିସରମାନଙ୍କୁ କିପରି ଏକ୍ସ-କ୍ୟାଡର ପୋଷ୍ଟରେ ରଖାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଆଇପିଏସ୍ ଅଫିସରଙ୍କ ପଦୋନ୍ନତି ତଥା କେନ୍ଦ୍ରୀୟ ଡେପୁଟେଶନ ପାଇଁ କରିଥିବା ସୁପାରିସରେ ଦୁଇଜଣ ଅଫିସରଙ୍କ ନାମ ଅଛି– ବି. ବାଲନାଗଦେବୀ ଓ ଡି. ଅଭିନବ କୁମାର। ଏହି ବାବୁମାନେ ତେଲେଙ୍ଗାନା ଓ ବିହାରରେ ଇଣ୍ଟର-କ୍ୟାଡର ଡେପୁଟେଶନରେ ଥିଲେ। ତେଣୁ ଏମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନିଆଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ଯାହା ଜଣାଯାଏ, କେନ୍ଦ୍ରୀୟ ଅନୁମୋଦନ ବିନା ବହୁ ବାବୁ ଏକ୍ସ-କ୍ୟାଡର ପଦବୀରେ ଦୁଇବର୍ଷରୁ ଅଧିକ କାଳ ହେଲା ରହିଛନ୍ତି। ଏହା କେବଳ ତାମିଲନାଡୁରେ ସୀମିତ ନୁହେଁ ବୋଲି ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି।

## ଅବସର ପରେ ସୁଯୋଗ

ଏକ ସରକାରୀ ଚାକିରି ଚାହୁଁଛନ୍ତି କି? କିମ୍ବା କେନ୍ଦ୍ରୀୟ ସେବାରୁ ଅବସର ପରେ ତଥାପି ଆପଣ ନିଜର କାର୍ଯ୍ୟ ଦିବସଗୁଡ଼ିକୁ ଝୁରୁଛନ୍ତି କି? କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସାମୟିକ ଭାବେ ଏକ ୱିଣ୍ଡୋ ଖୋଲିଛି, ଯାହା ମାଧ୍ୟମରେ କେନ୍ଦ୍ରୀୟ ସେବାରୁ ଅବସରପ୍ରାପ୍ତ ବ୍ୟକ୍ତିଗତ ସହାୟକ (ପିଏ) ଓ ପ୍ରାଇଭେଟ୍ ସେକ୍ରେଟାରୀ (ପିଏସ୍)ମାନେ ଉକ୍ତ ବିଭାଗରେ ଷ୍ଟେନୋଗ୍ରାଫର ଭାବେ ଚାକିରି କରିବାର ସୁଯୋଗ ପାଇପାରିବେ। ପ୍ରାପ୍ତ ସୂଚନା ଅନୁସାରେ, ଉପରୋକ୍ତ ବର୍ଗର ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଆବେଦନ କରିବା ପାଇଁ ଡିଓପିଟି ଏକ ସର୍କୁଲାର ଜାରି କରିଛି। ଏହି ନିଯୁକ୍ତି ପ୍ରାରମ୍ଭିକ ଭାବେ ଛଅମାସ ପାଇଁ ଦିଆଯିବ ଏବଂ ସେମାନେ ଅବସର ପୂର୍ବରୁ ମାସିକ ଯେତିକି ବେତନ ପାଉଥିଲେ, ପେନ୍‌ସନକୁ ବାଦ ଦେଇ ସେତିକି ପାଇବେ। ସେମାନଙ୍କୁ ଆଉ କୌଣସି ଭତ୍ତା ମିଳିବ ନାହିଁ। ଉକ୍ତ ସର୍କୁଲାର ଅନୁସାରେ, ଏହି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଭିତ୍ତିରେ ହେବ ଏବଂ ସମ୍ପୃକ୍ତ ଗ୍ରେଡ୍‌ରେ ଖାଲିସ୍ଥାନକୁ ଲକ୍ଷ୍ୟ କରି ସେମାନଙ୍କ ଚାକିରି ଅବଧିକୁ ପ୍ରତି ମାସରେ ବୃଦ୍ଧି କରାଯାଇପାରିବ। ଏଥିପାଇଁ ଦରଖାସ୍ତ କଲାବେଳେ ଉକ୍ତ ଅବସରପ୍ରାପ୍ତ ଆଶାୟୀ ପ୍ରାର୍ଥୀମାନଙ୍କୁ ଶେଷ ବେତନ ସାର୍ଟିଫିକେଟ୍ ଓ ବ୍ୟାଙ୍କ ବିବରଣୀ ଦେବାକୁ ହେବ।

Email: dilipcherian@gmail.com

# ମନ ଥିଲେ ସବୁ ହୁଏ



ମନ-ମାନଚିତ୍ର

ଡ. ନରହରି ବେହେରା

ଓଡ଼ିଆରେ ଗୋଟିଏ ରୋଚକ କଥା ଶୁଣିବାକୁ ମିଳେ– 'ମାଇଁ ଲୋ ମାଇଁ, ତୋ ହାତରେ କାହିଁକି ଶଙ୍ଖା ନାହିଁ?' ମାଇଁ କହେ– 'ତୋ ମାମୁ ଦିଏ ନାହିଁ କି ମୋର ପିନ୍ଧିବାକୁ ମନ ନାହିଁ।' ଏ ପ୍ରବାଦର ବ୍ୟାଖ୍ୟା ଏଇମିତି– ମାଇଁଟି ଭାରି ଆଧୁନିକା। ସେ ପାରମ୍ପରିକ ରୀତିନୀତିରେ ବିଶ୍ୱାସ କରନ୍ତି ନାହିଁ। ତେଣୁ ସେ ହାତରେ ଶଙ୍ଖା ପିନ୍ଧନ୍ତି ନାହିଁ। ମାମୁ ବି ସେହିପରି। ସେଥିପ୍ରତି ଧ୍ୟାନ ନ ଥାଏ। ଏଣେ ଭଣଜାଭାଣିଜୀମାନେ ମାଇଁଙ୍କର ଏପରି ଶଙ୍ଖାବିହୀନ ହାତସମ୍ପର୍କରେ ପ୍ରଶ୍ନ କରନ୍ତି। ଥରେ ଭଣଜାଭାଣିଜୀମାନେ ଜିଗର କରିବାରୁ ମାମୁମାଇଁ ଦି'ଜଣ ଶଙ୍ଖା କିଣିବା ପାଇଁ ବଜାରକୁ ଗଲେ। ମାତ୍ର ଶଙ୍ଖା ନ କିଣି ଫେରି ଆସିଲେ। ତା'ପରେ ଭଣଜାଭାଣିଜୀ ସେହି ପ୍ରଶ୍ନ କରିବାରୁ ମାଇଁ ହସିଦେଇ ଉପରୋକ୍ତ ଉତ୍ତରଟି ଦେଇଥିଲେ। ଏ ପ୍ରସଙ୍ଗର ମୂଳତତ୍ତ୍ୱ ହେଉଛି ମାନସିକତା। ମାମୁମାଇଁଙ୍କର ଶଙ୍ଖା କିଣିବା ପାଇଁ ଅର୍ଥର ଅଭାବ ନ ଥିଲା, ମାତ୍ର ଶଙ୍ଖା କିଣିବା ବା ପିନ୍ଧିବାର ମାନସିକତା ଦୁଇଜଣଙ୍କଠାରେ ନ ଥିଲା। ସବୁ ଥାଇ ମନ ନ ଥିଲେ କିଛି ହୁଏନାହିଁ, ଆଉ ମନଥିଲେ ସବୁ ଅସମ୍ଭବ ସମ୍ଭବରେ ହୋଇଯାଏ।

ଆମ ଓଡ଼ିଆଙ୍କର ଆଉ କିଛି ମାନସିକତା ଥାଉ କି ନ ଥାଉ ଓଡ଼ିଆ ଭାଷାକୁ ପରିହାର କଲେ ହିଁ ଜଣେ କେବଳ ବାବୁ, ହାକିମ କିମ୍ବା ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇପାରିବ– ଏହି ମାନସିକତା ନିଶ୍ଚୟ ଅଛି। ତେଣୁ ଅନାବଶ୍ୟକ ଭାବେ ଏମାନଙ୍କ ତୁଣ୍ଡରେ ହିଁ ଓଡ଼ିଆ ଅପେକ୍ଷା ଅନ୍ୟ ଭାଷା ଅଧିକ ଶୋଭାବର୍ଦ୍ଧନ କରିଥାଏ। ଏହି ମାନସିକତା ଆମ ଓଡ଼ିଆଙ୍କ ମନପ୍ରାଣକୁ କବଳିତ କରିଛି। ୧୮୬୬ ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଶା ଶ୍ରୀହୀନ ହୋଇଯିବାରୁ ଇଂରେଜ ସାହେବମାନେ ତଦନ୍ତ କରି ଓଡ଼ିଆମାନଙ୍କୁ ଶିକ୍ଷିତ କରିବା ପାଇଁ ବିଦ୍ୟାଳୟରେ ଇଂଲିଶ ଏବଂ ଆଧୁନିକ ପ୍ରଣାଳୀରେ ଓଡ଼ିଆ ଶିକ୍ଷା ଦିଆଯିବାର ବ୍ୟବସ୍ଥା କଲେ। ଏହିଠାରୁ ଓଡ଼ିଆ ଭିତରକୁ ଇଂଲିଶ ଭାଷା ପଶିବାକୁ ସୁଯୋଗ ପାଇଲା। ଇଂରେଜ ଶାସକଙ୍କ ନିକଟତର ହେବା ପାଇଁ ଏହି ଭାଷା ହିଁ ଥିଲା ସେତେବେଳର ଶ୍ରେଷ୍ଠ ଯୋଗ୍ୟତା। ତେଣୁ ଅଧିକାଂଶ ଓଡ଼ିଆଙ୍କ ମନରେ ଏହି ଭାଷା ପ୍ରତି ଦୁର୍ବଳତା ସୃଷ୍ଟି ହେବା ସ୍ୱାଭାବିକ। କେବଳ ସେତିକି ନୁହେଁ, ତତ୍କାଳୀନ ଉଚ୍ଚ ପଦବୀରେ ଥିବା ବଙ୍ଗୀୟ ଶାସକଙ୍କ ଚକ୍ରାନ୍ତ ଓଡ଼ିଆ ଭାଷାକୁ ମଧ୍ୟ କିଛିମାତ୍ରାରେ ସଂକୁଚିତ କରିଥିଲା। ମାତ୍ର ଏତେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତତ୍କାଳୀନ ଓଡ଼ିଆମାନଙ୍କ ଦୃଢ଼ ମାନସିକତା ହିଁ ଓଡ଼ିଆ ଭାଷାକୁ ସୁରକ୍ଷା ଦେଇଥିଲା। ଭାରତବର୍ଷରେ ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାରେ ଓଡ଼ିଶା ହିଁ ପ୍ରଥମ ସୌଭାଗ୍ୟ ଲାଭ କରିଥିଲା।

ଏବେ ସମୟ ବଦଳିଛି। ଆମେ ସ୍ୱତନ୍ତ୍ର ଏବଂ ଶିକ୍ଷିତ ହୋଇଛୁ। ଯେଉଁ ବାବୁମାନେ ଓଡ଼ିଆ ଭାଷାକୁ ହୀନ ବୋଲି କହି ତାଙ୍କ ଭାଷାକୁ ଆମ ଉପରେ ଲଦିଦେବାକୁ ଚାହୁଁଥିଲେ, ସେମାନଙ୍କୁ ପଛରେ ପକାଇ ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତାର ଭାଜନ କରିପାରିଛୁ। ଏହା ସତ୍ତ୍ୱେ ଓଡ଼ିଆ ଭାଷାକୁ ନେଇ ଗର୍ବ କରିବାର ମାନସିକତା ଆମର ସୃଷ୍ଟି ହୋଇନାହିଁ। ଦୂରଦର୍ଶନ, ବେତାର, ସଭା ସମିତି ସବୁଠି ନବ୍ୟ ଶିକ୍ଷିତମାନଙ୍କର ହିନ୍ଦୀ, ଇଂଲିଶ ଓ ଓଡ଼ିଆ ଭାଷାର ଫେଣ୍ଟାଫେଣ୍ଟି ବକ୍ତବ୍ୟ ଶୁଣିଲେ, ଆମେ କେତେପଣ ଓଡ଼ିଆ ତାହା ଜଣାପଡ଼େ। ମନେପଡ଼େ ଫକୀର ମୋହନଙ୍କର କେଇ ପଦ ଗୀତ– ''କେତେ ବାବୁଙ୍କର ଦେଖିଛି ଦୁର୍ଦ୍ଦଶା, ଲାଜ ମାଡ଼େ କହିବାକୁ ନିଜ ମାତୃଭାଷା। ନାଚାର ହାଲତେ ଯେବେ ହୁଏ କହିବାକୁ, ବଡ଼ ହସ ମାଡ଼େ କିନ୍ତୁ ତାହା ଶୁଣିବାକୁ। ଓଡ଼ିଆ ଏଗାର ପଣି ବାକି ଇଙ୍ଗରେଜି, ଅଦ୍ଭୁତ ଖେଚୁଡ଼ି ଏକ ମିଶି ସାଜି।'' ଏହି ମାନସିକତାକୁ ବଦଳାଇବା ପାଇଁ ଏବକୁ ଆମ ସରକାର 'ଓଡ଼ିଶା ସରକାରୀ ଭାଷା ନିୟମାବଳୀ, ୨୦୧୬'ର ସଂଶୋଧନ ପ୍ରସ୍ତାବଟିକୁ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ କରିଛନ୍ତି। ଏହି ସଂଶୋଧନ ନିୟମାବଳୀ ଅନୁଯାୟୀ, ଏଣିକି ସରକାରୀ ଭାଷା ରୂପେ ବ୍ୟାପକ ଭାବେ ଓଡ଼ିଆର ପ୍ରଚଳନ କରାଯିବ। ଯେଉଁ ଅଧିକାରୀ ବା ବିଭାଗ ଏହି ଭାଷାକୁ ବହୁଳ ବ୍ୟବହାର କରିବେ, ତାଙ୍କୁ ପୁରସ୍କୃତ କରାଯିବା ସହିତ ଯେଉଁମାନେ ଏଥିରେ ଖିଲାପ କରିବେ ତାଙ୍କୁ ଦଣ୍ଡ ଦିଆଯିବ।

ଏ ପ୍ରସ୍ତାବଟି ଓଡ଼ିଆ ଭାଷାପ୍ରେମୀଙ୍କୁ ନିଶ୍ଚିତ ଖୁସି କରିଥିବ। ମାତ୍ର ଏହାର ସଫଳ କାର୍ଯ୍ୟକାରିତା ବିଷୟରେ ଭାବିବସିଲେ ହତାଶାବୋଧ ମାଡ଼ିବସେ। କାରଣ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ପ୍ରଚଳନର ପ୍ରୟାସ ଆଜି ନୁହେଁ, ଦୀର୍ଘଦିନରୁ ଜାରିରହିଛି। କେତେ ଆଇନ ପ୍ରଣୀତ ହୋଇଛି, କିନ୍ତୁ ଆମ ବାବୁମାନେ ସେସବୁକୁ ଫୁ କରି ଉଡ଼ାଇ ଦେଇଛନ୍ତି। ୧୯୫୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ରାଜ୍ୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ଆଇନ ପ୍ରଣୟନ କରିଥିଲେ। ୧୯୮୫ ମସିହାରେ ଓଡ଼ିଆ ଭାଷାକୁ ସରକାରୀ ଦପ୍ତରରେ ବ୍ୟବହାର କରିବା ପାଇଁ ପୁନଃପ୍ରୟାସ ହୋଇଥିଲା। ଓଡ଼ିଆ ଟାଇପ୍ ରାଇଟର କିଣାହୋଇଥିଲା, ଶାସନ କାର୍ଯ୍ୟରେ ସୁବିଧା ହେବ ବୋଲି ଓଡ଼ିଆରେ 'ପ୍ରଶାସନିକ ଶବ୍ଦକୋଷ' ପ୍ରକାଶ ପାଇଥିଲା। ଓଡ଼ିଆ ଟାଇପ୍ ଓ ଶର୍ଟହ୍ୟାଣ୍ଡ ତାଲିମ ଦିଆଯାଇଥିଲା। ଏହା ସତ୍ତ୍ୱେ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ଏକଘରିଆ ହୋଇ ରହିଗଲା।

ଏବେ ଯୁଗ ବଦଳିଛି। ଟାଇପ୍ ରାଇଟର ସ୍ଥାନରେ କମ୍ପ୍ୟୁଟର ସ୍ଥାନ ପାଇଛି। ଓଡ଼ିଆରେ ଲେଖାପଢ଼ା କରିବାରେ କିଛି ଅସୁବିଧା ନାହିଁ। ମାତ୍ର ଆମ ଇଂଲିଶ-ପଢ଼ୁଆ ହାକିମବାବୁ ହୁଅନ୍ତୁ କି କିରାଣି ହୁଅନ୍ତୁ ଏଥିପ୍ରତି କାହାରି ଆଗ୍ରହ ନାହିଁ। ତେଣୁ ଏପରି ସ୍ଥଳେ ପୁରସ୍କାର ଦେବ କିଏ ପୁଣି ପୁରସ୍କାର ନେବ କିଏ? ଏକଦା ଗୁଟ୍‌ଖା ପ୍ରଭୃତି କ୍ୟାନ୍‌ସର ରୋଗ ସୃଷ୍ଟି କରୁଥିବା ତମାଖୁ ଜାତୀୟ ପାନମସଲା ବିକ୍ରି ଉପରେ କଟକଣା ହୋଇଥିଲା। ଯିଏ ଏହାକୁ ବିକ୍ରି କରିବ ଏବଂ ଯିଏ କିଣିବ ସେମାନେ ଦଣ୍ଡିତ ହେବେ ବୋଲି ଆଇନ କରାଯାଇଥିଲା। କିନ୍ତୁ ଫଳ କ'ଣ ହେଲା? ଏବେ ବି ରାସ୍ତାଘାଟର ସବୁ ପାନଦୋକାନରେ ଚିକ୍‌ମିକିଆ ଦେହ ଦେଖାଇ ଏହି ଗୁଟ୍‌ଖାମାନେ ସଦର୍ପ ପବନରେ ଦୋଳି ଖେଳୁଛନ୍ତି। ଏହି ବିଫଳତା ମୂଳରେ ଅଛି ଆମର ସେହି ଉଦାର ମାନସିକତା।

ମାନସିକ ପରିବର୍ତ୍ତନ ବିନା ଆଇନର ସଫଳତା ଆଶା କରିବା ବୃଥା। ତେଣୁ ମୋ ପରି ଜଣେ ଓଡ଼ିଆ ଭାଷାପ୍ରାଣ ମଣିଷର କେତୋଟି ପ୍ରସ୍ତାବକୁ ଦୃଷ୍ଟିଦେଲେ କେବଳ ପ୍ରଶାସନିକ କ୍ଷେତ୍ରରେ ନୁହେଁ, ସମଗ୍ର ଓଡ଼ିଶାରେ ଓଡ଼ିଆ ଭାଷାର ଆଦର ବୃଦ୍ଧି ପାଇପାରନ୍ତା ବୋଲି ବିଶ୍ୱାସ। ସବୁ ଘରୋଇ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରାଯିବା ସହିତ ଓଡ଼ିଆ ଭାଷାରେ ଲିଖିତ ଏବଂ କଥିତ ଭାଷା ଉପରେ ଗୁରୁତ୍ୱ ଦିଆଯାଉ। ସ୍ଥାନୀୟ ପ୍ରଶାସନ ଏହାର ତଦାରଖ କରୁ। ଓଡ଼ିଶାସ୍ତରରେ ଯେତେ ପରୀକ୍ଷା ଅଛି, ସେଥିରେ ଓଡ଼ିଆକୁ ଗୋଟିଏ ବାଧ୍ୟତାମୂଳକ ବିଷୟ ଭାବେ ରଖାଯାଉ। ଓଡ଼ିଆ ଭାଷାରେ ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ବିବିଧ ପରୀକ୍ଷା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉ। ଅଣଓଡ଼ିଆ ଅଧିକାରୀମାନେ ଓଡ଼ିଶାର ବହୁ ଉଚ୍ଚ ପଦପଦବୀରେ ରହୁଥିବାରୁ ସେମାନଙ୍କ ଦ୍ୱାରା ଓଡ଼ିଆ ଭାଷା ଅନେକାଂଶରେ ନିୟନ୍ତ୍ରିତ ହୋଇଥାଏ। ତେଣୁ ସେମାନଙ୍କୁ ବିଧିବଦ୍ଧ ଭାବେ ଓଡ଼ିଆ ଭାଷାରେ ତାଲିମ ଦିଆଯାଉ, ଯାହାଫଳରେ ସେମାନେ ଓଡ଼ିଆ ଭାଷାରେ ସ୍ପଷ୍ଟ କହିବା ଏବଂ ନିର୍ଭୁଲ ଲେଖିବା ପାଇଁ ସମର୍ଥ ହେବେ। କିରାଣି ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ଓଡ଼ିଆ ଭାଷାରେ ଜ୍ଞାନ ଏବଂ ଓଡ଼ିଆରେ ଟାଇପ୍ କରିବାର ଦକ୍ଷତାକୁ ଅନ୍ୟତମ ଯୋଗ୍ୟତା ଭାବେ ବିଚାର କରାଯାଇ ନିଯୁକ୍ତି ଦିଆଯାଉ। ସମସ୍ତଙ୍କୁ ଓଡ଼ିଆରେ ନଥିପତ୍ର ଲେଖିବା, ଡିଟିପି କରିବା ପ୍ରଭୃତି ବିଷୟରେ ତାଲିମ ଦିଆଯାଉ। ଏହିପରି ବିବିଧ ବିଷୟ ପ୍ରତି ଧ୍ୟାନ ଦିଆଯାଇ ପ୍ରଥମେ ତୃଣମୂଳସ୍ତରରେ ପରିବର୍ତ୍ତନ ନ ଆଣିବାଯାଏ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ଠିକ୍ ଭାବେ କ୍ରିୟାଶୀଳ ହୋଇପାରିବ ନାହିଁ। କାରଣ ଓଡ଼ିଆରେ ଲେଖିବା ଓ କହିବା ଦିଗରେ ଆମର ଦୁର୍ବଳ ମାନସିକତା ଏବଂ ଅନଭ୍ୟାସ ହିଁ ବାଧକ ସାଜିଛି। ଏହି ଦୁଇଟିକୁ ଦୂର ନ କରିବାଯାଏ ଏ ଭାଷାନୀତି କଦାପି ସଫଳ ହୋଇପାରିବ ନାହିଁ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍,
ଭଦ୍ରକ, ମୋ– ୭୯୭୮୯୦୩୫୦୯

# ମିଳୁନି କନିଆ



ଦ୍ୱିତୀ ଚନ୍ଦ୍ର ସାହୁ

ସକାଳୁଆ ଖରା ଭଳି ଖବରଟା ବ୍ୟାପିଗଲା ଗାଁରୁ ଆର ଗାଁ। ଧୀରେ ଧୀରେ ଲୋକେ ରୁଣ୍ଡ ହେବାକୁ ଲାଗିଲେ। ଆମଭଳି ପିଲାଲୋକ ଗୋଟେ ଉତ୍ସୁକତାର ସହ ଭିଡ଼ ଭିତରେ ଗଳି ଗଳି ଆଗକୁ ଚାଲିଯାଇଥିଲୁ। ଗୋଟେ କନାରେ ଗୁଡ଼ାହୋଇଥିବା ସଦ୍ୟଜାତ ଛୁଆଟି କାନ୍ଦୁଥିଲା ରାହା ଧରି। ସୁନ୍ଦର ପିଲାଟିଏ। ସେଠି କେତେ କ'ଣ ସବୁ ଗପୁଥିଲେ ଲୋକମାନେ। ଅଥଚ କିଏ ତାକୁ କୋଳେଇ ନେଉ ନ ଥିଲେ। ଜାତି, ଧର୍ମକୁ ନେଇ ଗୋଟେ ଚର୍ଚ୍ଚା। ପୁଣି କାହାର ଏ ସନ୍ତାନ ହୋଇଥିବ– ଧରିବ କି ପାଇଁ, ତା'ର ଦାୟିତ୍ୱ ନେବ କିଏ! ଏମିତିରେ ଖାଲି ଦେଖଣାହାରୀ ହୋଇ ଲୋକ ରହିଥିଲେ। ଶେଷରେ ପୁନି ମା' ଆସିଲା। ତାକୁ ଧରିଲା। କପଡା ଟେକି ଲିଙ୍ଗ ଚିହ୍ନଟ କଲା। ଜଣାପଡ଼ିଲା ଝିଅଟେ। ସମସ୍ତଙ୍କ ଆଢୁଆଳରେ ନିଜର ଶୁଖିଲା ଅମୃତର ଉତ୍ସକୁ ପାଟିରେ ଦେଇ ବୋଧ କଲା।

ପୁନି ମା' ଗାଁର ଧାଈ କହିଲେ ଚଳେ। ଗର୍ଭ ଯନ୍ତ୍ରଣା ହେଲେ ତାକୁ ଡକାଯାଏ। ନିଜ ଅନୁଭବରୁ ସେ କହିଦେଇପାରେ ପିଲା କେତେବେଳେ ଜନ୍ମ ହେବ। ସେ ସମୟକୁ ଅପେକ୍ଷା କରେ। ସୁରୁଖୁରୁରେ ସେ ପ୍ରସବ କରାଇଦିଏ ବିନା ଅସ୍ତ୍ରୋପଚାରରେ। ଗର୍ଭଧାରଣ ପରେ ବିଭିନ୍ନ ସମୟରେ ଘରକୁ ଆସି ନବବଧୂ କିମ୍ବା ବିବାହିତ ଝିଅଙ୍କୁ ଦେଖି ପରଖି କହେ ତା'ର ସ୍ଥିତି। ଏମିତିକି ପୁଅ କି ଝିଅ ହେବ ତା' ବି ସେ କହିଦିଏ ଗର୍ଭଧାରଣ କରିଥିବା ମା'ର ଚେହେରା, ଖାଇବା ରୁଚି ଓ ଚାଲିଚଳଣକୁ ଦେଖି। ଅବଶ୍ୟ ଏଥିରେ ଶତପ୍ରତିଶତ ସଫଳ ହୁଏନି, ତଥାପି ଗୋଟେ ଆଶାରେ ଗୁରୁଜନମାନେ ପୁଅ କି ଝିଅ ନିଦାନ ଲାଗି ପ୍ରଶ୍ନ କରନ୍ତି ତାକୁ। ଏଇ କାରଣରୁ ଆଖପାଖ ଗାଁର ଗର୍ଭବତୀ ମହିଳାଙ୍କ ତାଲିକା ଓ ସେମାନଙ୍କ ସ୍ଥିତି ତା' ମୁହେଁ ମୁହେଁ ଥାଏ। ଆମ ପିଲାଙ୍କ ଉପସ୍ଥିତି ଦେଖି କିଛି ଗୁରୁଜନ ଗାଳିଦେଇ ବିଦା କଲେ ସେଠୁ। କିନ୍ତୁ ପରେ ଜାଣିବାକୁ ମିଳିଲା ପୁନି ମା' ପିଲାଟିକୁ ଧରି ସିଧା ଚାଲିଲା ସେ ପାଖ ଗାଁର ଜଣଙ୍କ ଘରକୁ ତା'ର ମାତୃତ୍ୱକୁ ନିଦାନ କରିବା ଲାଗି। ସୌଭାଗ୍ୟବଶତଃ ଅନୁସନ୍ଧାନକାରୀ ସଂସ୍ଥାରେ କାମ କରୁଥିବା ଜଣେ ପୋଖତ କର୍ମଚାରୀ ଭଳି ତା'ର ଅନୁମାନ ଠିକ୍ ହେଲା। ପିଲାଟିକୁ ତା'ର ପ୍ରକୃତ ମା' ହାତରେ ଦେଇଦେଲା। ବହେ ଗାଳି କଲା ମା'କୁ ଓ ତା'ର ପରିବାରର ଗୁରୁଜନଙ୍କୁ।

ଗରିବ ଶ୍ରେଣୀର ଜଣେ ବାପା ପୁଅ ଲୋଭରେ ପିଲା ଜନ୍ମକରି କ୍ରମାଗତ ଭାବେ ତିନୋଟି ଝିଅ ପାଇବା ପରେ ପୁଣି ଝିଅ ହେବାରୁ ନବଜାତ କନ୍ୟା ସନ୍ତାନକୁ ଫିଙ୍ଗିଦେଇଥିଲା କାଳେ। ସନ୍ଦେହ ହଟାଇବା ଲାଗି ରାତାରାତି ଆର ଗାଁରେ ତାକୁ ଫିଙ୍ଗି ଦେଇଥିଲା। ପୁନି ମା' ପଞ୍ଚ ବସାଇ ସମ୍ପୃକ୍ତ ପରିବାର ଲୋକଙ୍କୁ ତାଗିଦ ମଧ୍ୟ କରିଥିବା ଶୁଣିବାକୁ ମିଳିଲା। ଲୋକେ ଛି ଛାକର କଲେ। ୟା ପରେ ଏମିତି ଅନେକ ଘଟଣା ଆମ ନଜରକୁ ଆସିବାରେ ଲାଗିଲା। କେତେବେଳେ ଅବୈଧ ସନ୍ତାନକୁ କିଏ ରାସ୍ତାକଡ଼ରେ ଫିଙ୍ଗିଲା ତ ଆଉ କିଏ କନ୍ୟା ସନ୍ତାନକୁ ରାସ୍ତାରେ ଫୋପାଡ଼ି ଆସିଲା ଘରର ଆବର୍ଜନା ଭଳି। ଏପରିକି କୁକୁର ନବଜାତ ପିଲାକୁ ଝୁଣି ଖାଉଥିବାର ହୃଦୟବିଦାରକ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଲା। ଉଦ୍ଧାର ହୋଇଥିବା ଅଧିକାଂଶ ପିଲା ଥିଲେ କନ୍ୟାସନ୍ତାନ।

ଆଜି ବି ଘରକୁ ପାଦ ଦେଉଥିବା ନୂଆବୋହୂକୁ ଶାଶୁ ଆଶୀର୍ବାଦ ଦେଲାବେଳେ କହେ– ମା'ଲୋ! କୁଳରକ୍ଷା ପାଇଁ ମୋତେ ନାତିଟୋକାଟେ ଦେବୁ ଯେମିତି! ଆଜିକାଲି ନବ୍ୟ ସଭ୍ୟ ଶିକ୍ଷିତ ଦମ୍ପତିମାନେ ଗୋଟେ ପିଲାରେ ସନ୍ତାନ ସଂଖ୍ୟା ସୀମିତ ରଖିବାକୁ ପସନ୍ଦ କରୁଥିବା ବେଳେ ସେ ପିଲାଟି କେବଳ ପୁଅ ହେଉ ବୋଲି ଆଶା ରଖିବା ଏବେ ଭାରତ ଲାଗି ବିପଦ ସାବ୍ୟସ୍ତ ହୋଇଛି। ସମସ୍ତ କଡ଼ା ନିୟମକାନୁନ ସତ୍ତ୍ୱେ ଅନେକ ସ୍ଥାନରେ ଲିଙ୍ଗ ନିରୂପଣ କରି ଗର୍ଭ ନଷ୍ଟ କରାଯାଉଛି। ପ୍ରସବ ପରେ କନ୍ୟା ସନ୍ତାନ ହୋଇଛି ବୋଲି ଜାଣିବା ମାତ୍ରେ ମାଆବାପା ଓ ପରିବାର ସଦସ୍ୟ ଦୁଃଖ ବ୍ୟକ୍ତ କରୁଛନ୍ତି। ଏମିତିକି ଅନେକ ଘରେ ବୋହୂ ଓ ସେଇ କନ୍ୟା ସନ୍ତାନକୁ ନିତି ଗଞ୍ଜଣା ଦିଆଯାଏ।

ଆଜିକାଲି ଅନେକ କ୍ଷେତ୍ରରେ ଝିଅମାନେ ପୁଅଙ୍କଠୁ ଆଗରେ। ପରିଣତ ବୟସରେ ପୁଅମାନେ ନିଜ ସ୍ତ୍ରୀପିଲାଙ୍କ ସେବାରେ ବୁଡ଼ିରହି ମାଆବାପାଙ୍କୁ ହତାଦର କରୁଥିବାବେଳେ ପରଘରକୁ ଯାଇଥିବା ଝିଅଟି କିନ୍ତୁ ନିଜ ବୃଦ୍ଧ ମାତାପିତାଙ୍କ ପ୍ରତି ସମବେଦନା ପ୍ରକାଶ କରେ ଓ ସୁଯୋଗ ଦେଖି ଯେତିକି ପାରେ ତାଙ୍କ ସେବା କରେ। ଭଲମନ୍ଦରେ, ରୋଗବୈରାଗରେ ସେ ହିଁ ପୁଅ ଭଳି ସେମାନଙ୍କ ପାଖରେ ଠିଆ ହୋଇଥାଏ। ଏ କଥା ଆମ ଆଖି ସାମ୍ନାରେ ଘଟୁଛି ତଥାପି ଆମେ ପୁଅ ପାଇଁ ପାଗଳ। କନ୍ୟା ସନ୍ତାନ ଚାହୁଁ ନ ଥିବା ମାତାପିତା କିନ୍ତୁ ନିଜ ପୁଅ ଲାଗି ସୁନ୍ଦର ସୁଶୀଳ ଝିଅ ଖୋଜନ୍ତି। କେତେ ଅଜବ ସ୍ଥିତି ଏବେ ଆମ ସମାଜରେ। ସଦ୍ୟ ପରିସଂଖ୍ୟାନ ଅନୁସାରେ ଭାରତରେ କନ୍ୟା ସନ୍ତାନର ସ୍ଥିତି ପ୍ରତି ୧୦୦୦ ପୁଅରେ ୮୦୦-୯୦୦ ମଧ୍ୟରେ। ଦକ୍ଷିଣ ଭାରତରେ ଏହାର ସ୍ଥିତି ଆହୁରି ଗମ୍ଭୀର। ଓଡ଼ିଶାରେ ବି କନ୍ୟା ସନ୍ତାନ ହ୍ରାସର ପ୍ରଭାବ କିଛି କମ୍ ନୁହଁ। ଯଦି ଏଭଳି ଜାରି ରହେ ତେବେ ତଥାକଥିତ ବର ମାତାପିତାଙ୍କ ବଂଶ ରଖିବାର ଅଭିଳାଷ ସବୁଦିନ ଲାଗି ସ୍ୱପ୍ନ ହୋଇ ରହିବ। ପୂର୍ବେ ଝିଅ ଲାଗି ବରଟେ ଖୋଜା ପଡୁଥିଲା। ବରର ଭାଉ ଅମୂଲମୂଲ ଥିଲା। ସ୍ଥିତି ଏମିତି ହେଲାଣି ଯେ ପୁଅ ଲାଗି ଝିଅ ଅଭାବ ହେତୁ ବର ମାତାପିତା ନିଜ ପଟୁ କନିଆ ଖୋଜି ଖୋଜି ନୟାନ୍ତ ହେଲେଣି। ବର ଦରବୁଢ଼ା ହେଉଛି ପଛେ ବୋହୂଟିଏ ମିଳିବା ସମ୍ଭବ ହୋଇପାରୁନି।

ଆମକୁ ଆଦିବାସୀ ସମାଜ ପକ୍ଷରୁ ଅନେକ ଶିଖିବାର ଅଛି। ଏବେବି ଆଦିବାସୀ ସମ୍ପ୍ରଦାୟରେ କନ୍ୟା ସନ୍ତାନ ହେଲେ ଖୁସି ହୁଅନ୍ତି। କାରଣ ମାତାପିତା ଜାଣନ୍ତି ଝିଅଟି କ'ଣ କରିପାରେ! ପୁଅଠାରୁ ସେ ଅଧିକ ଗୁଣରେ ସକ୍ଷମ। ଝିଅ ପରିଶ୍ରମ କରେ ଡଙ୍ଗର ପାହାଡ଼ରେ। ଅର୍ଜି ଆଣିପାରେ। ବାହାଘରବେଳେ ଝୋଲା ବି ଆଣେ। ପରିବାର ଓ ସମାଜକୁ ସେ ହିଁ ସଜାଡ଼ିପାରେ। ସେଥିପାଇଁ ସେମାନଙ୍କ ଲାଗି କନ୍ୟା ବାସ୍ତବରେ ରତ୍ନଟିଏ। ଏ କଥା ବି କୁହାଯାଏ ଯେ ପ୍ରତିଟି ପୁରୁଷର ସଫଳତା ପଛରେ ନାରୀର ପ୍ରଚ୍ଛନ୍ନ ହାତ ଥାଏ! ବେଳ ଆସିଛି ବୁଝିବାକୁ ଓ ବୁଝେଇବାକୁ। କିଛି ନ ହେଲେ ବି ବଂଶରକ୍ଷା ଲାଗି କେବଳ ପୁଅ ନୁହେଁ, ଝିଅ ବା ବୋହୂଟିଏ ତ ଅନ୍ତତଃ ଦରକାର!

ମୋ – ୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ମଣିଷ ଦୋଷ କଲେ ଦଣ୍ଡ ମିଳେ। କିନ୍ତୁ ଠାକୁର ଦୋଷ କଲେ ବି ତାଙ୍କୁ ଦଣ୍ଡବିଧାନ କରିବାର ବିଧିବ୍ୟବସ୍ଥା ରହିଛି। ଏମିତି ଏକ ମନ୍ଦିର ରହିଛି ଛତିଶଗଡ଼ ବସ୍ତର ଜିଲା କେଶକାଳ ନଗରରେ। ଏଠାରେ ଥିବା ଭଙ୍ଗାରାମ ଦେବୀ ମନ୍ଦିରରେ ରହିଛି ଏଭଳି ପରମ୍ପରା। ଏଠାରେ ପୂଜାରୀଙ୍କ ଦେହରେ ଦେବୀମାତା ପ୍ରବେଶ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି। ତାଙ୍କୁ କାଳିସୀ କୁହାଯାଏ। ଶ୍ରଦ୍ଧାଳୁ ବିଭିନ୍ନ ସମସ୍ୟା ନେଇ କାଳିସୀଙ୍କୁ ପ୍ରଶ୍ନ କରନ୍ତି। କାଳିସୀ ସମାଧାନର ଉପାୟ ବତାଇ ଦିଅନ୍ତି। ବେଳେବେଳେ ଭଙ୍ଗାରାମ ଦେବୀ ମାତାଙ୍କ ପ୍ରତି ଦଣ୍ଡବିଧାନ କରିଥାଆନ୍ତି କାଳିସୀ। ମନ୍ଦିରରୁ ଦେବୀ ମାତାଙ୍କୁ ବିତାଡ଼ନ ଦଣ୍ଡ ମିଳେ। ଶ୍ରଦ୍ଧାଳୁମାନେ ଦେବୀ ମାତାଙ୍କୁ ଗର୍ଭଗୃହରୁ ବାହାରକୁ କିଛି ସମୟ ପାଇଁ ଆଣି ପୁଣି ଆସ୍ଥାନରେ ରଖି ଦିଅନ୍ତି। ଏହା ହେଉଛି ଠାକୁରାଣୀଙ୍କ ପ୍ରତି ଦଣ୍ଡ। ପ୍ରତିବର୍ଷ ଭାଦ୍ରବ ମାସରେ ଏକ ଯାତ୍ରା ଆୟୋଜନ ସମୟରେ ଏହି ନିଆରା ଅଦାଲତ ମନ୍ଦିର ପରିସରରେ ବସିଥାଏ। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସି ଏହି ଉତ୍ସବରେ ଯୋଗ ଦେଇ ନିଜ ସମସ୍ୟା ସମାଧାନ କରିଥାଆନ୍ତି।

## ଚିରନ୍ତନୀ

ସତ୍ୟର ପ୍ରକାଶ ଆଶେ ଯେ କରଇ ପ୍ରାଣାନ୍ତ ସାଧନା,
ମରମେ ବୁଝଇ ସେହୁ ସୃଜନର ନିଗମ ବେଦନା।
ଯେ ବାସନା ବହୁ ଯୁଗୁଁ ପରାଣେ ସଞ୍ଚିତ
କଳ୍ପନାର ଭୂଷଣେ ବ୍ୟଞ୍ଜିତ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୯୪

- କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ସମ୍ପର୍କରେ ସେଠାକୁ ଏକ ତଥ୍ୟାନୁସନ୍ଧାନକାରୀ ଦଳ ପଠାଇବା ପାଇଁ ପାକିସ୍ତାନ ପକ୍ଷରୁ ଜାତିସଂଘ ମାନବାଧିକାର କମିଶନଙ୍କ ନିକଟରେ ଆଗତ ପ୍ରସ୍ତାବ ଉପରେ ଭୋଟ ଗ୍ରହଣ।
- ଯାଜପୁର ଜିଲାର ଟମକା-ଡୁବୁରି ଏକ୍ସପ୍ରେସ ହାଇୱେ ଉପରେ ଏକ ଟ୍ରକ ଏବଂ ଟ୍ରେକର ଦୁର୍ଘଟଣାରେ ୨୨ ଯାତ୍ରୀଙ୍କ ମୃତ୍ୟୁ।
- ଡରବାନ୍ ବନ୍ଦର ସହରଠାରୁ ୨୦ କିଲୋମିଟର ଦୂର ପାଇନଟାଉନ ନିକଟରେ ଏକ ରେଳଗାଡି ଲାଇନଚ୍ୟୁତ ହେବା ଫଳରେ ୫୩ ଜଣଙ୍କ ମୃତ୍ୟୁ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | | | | | | | | | | 7 | | |
| | | | 7 | D | E | | 9 | | | | | | | |
| E | | 8 | | | 1 | | | 3 | | 6 | | 4 | | |
| | 0 | | | | | 1 | | D | | 3 | | | B | |
| | | | | 2 | 8 | B | E | 5 | | 0 | | | | 3 |
| 8 | C | | | | 0 | 4 | | | 3 | | | | | |
| | 7 | | | E | | | | | C | | | 2 | | B |
| 0 | 9 | | 1 | | | C | | A | | | | | | |
| A | B | 4 | 8 | | | | 0 | | 6 | | | 3 | 7 | 5 |
| | | 5 | | | | | | | | B | | 6 | | 8 |
| | | | | A | C | | | 8 | 5 | | | E | 6 | 1 |
| | 4 | C | 2 | | | | B | 1 | D | | | | | 0 |
| D | | | 8 | | | E | C | | | | | | | |
| | 1 | | 5 | | D | | 3 | 2 | | | | | | |
| | 3 | | | | | 0 | | 6 | | | C | | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ AରୁE ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଲି ଖାକିବାବୁ ନୁହନ୍ତି

ମହାଶୟ,

ଧରିତ୍ରୀରେ ଖଇଛିଦିନ ତଳେ ପ୍ରକାଶିତ ଏକ ଖବର ଅନୁସାରେ କେତେକ ପୋଲିସ ଅଫିସର ଭୁବନେଶ୍ୱର ଓ କଟକରେ ବହୁଦିନ ଧରି ରହି ବଦଳି ହେଲେ ମଧ୍ୟ ଗାଦି ଛାଡୁନାହାନ୍ତି। ଅବଶ୍ୟ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ କିଛିବର୍ଷ ରହିଲେ ସେ ସ୍ଥାନ ପ୍ରତି ମାୟାମୋହ ଲାଗିଯାଏ। ତେବେ 'ଧନକାର୍ପଣ୍ୟ ସେବା ଫଳେ, କିବା ଅସାଧ ମହୀତଳେ' ବାଣୀର ମହତ୍ତ୍ୱ ରହିଛି, ଯାହାକୁ ଏଡ଼ାଇ ହେବନାହିଁ। ଏପରି ନୀତିରେ ମଧ୍ୟ ଅସାଧ ସାଧନ ହୋଇପାରେ। ଅବଶ୍ୟ ପାରିବାରିକ କାରଣରୁ ସେମାନେ ବଦଳିକୁ ଗ୍ରହଣ କରି ନ ପାରି ଧରାଧରି କରି ବାତିଲ କରିଦିଅନ୍ତି। ଏହି ବିଭାଗର ସର୍ବୋଚ୍ଚ କର୍ମକର୍ତ୍ତା ଓ ଏ ସମ୍ବନ୍ଧୀୟ ପ୍ରଶ୍ନକୁ ଚିରାଚରିତ ଢଙ୍ଗରେ ଟାଳି ଦେଇଛନ୍ତି। ଅବଶ୍ୟ ଜନସାଧାରଣଙ୍କର ଏଥିରେ ପ୍ରଭାବିତ ହେବାର କିଛି ନାହିଁ। କର୍ମଚାରୀ ଯେଉଁଠାକୁ ଗଲେ ମଧ୍ୟ ନିଜ କର୍ତ୍ତବ୍ୟ କରିବେ, ତେଣୁ କଥାରେ ଅଛି– 'ଢିଙ୍କି ସ୍ୱର୍ଗକୁ ଗଲେ ଧାନ କୁଟେ'। ଖାଲି ଦୃଷ୍ଟାନ୍ତ ସ୍ୱରୂପ ଏହି ବିଭାଗକୁ ନେଲେ ହେବନାହିଁ ଅନ୍ୟ ସବୁ ବିଭାଗ ପ୍ରତି ଦୃଷ୍ଟି ଦିଆଯାଇପାରେ। ଯେଉଁମାନେ ବଡ଼ବଡ଼ିଆଙ୍କୁ ହାତ କରିଥାନ୍ତି, ବଦଳି ହେଲେ ସେମାନଙ୍କଠି ହାତ ବାଜିବା ସହଜ ନୁହେଁ। ବେଳେବେଳେ କୁଜିନେତାଙ୍କ ଦ୍ୱାରା ମଧ୍ୟ ଅସମ୍ଭବ ସମ୍ଭବ ହୋଇପାରେ। ଅବଶ୍ୟ ପେଇଙ୍ଗ୍ ଷ୍ଟେଶନରେ ବେଶିଦିନ ରହିଲେ ଭିଜିଲାନ୍ସ ଦୃଷ୍ଟିକୁ ଆସିବା ସ୍ୱାଭାବିକ। ଯଦି ଭିଜିଲାନ୍ସ ଜାଲରେ ପଡିଲ ତେବେ ସିଧା ମାମୁଘରକୁ। ଖାଲି ଖାକିବାବୁ ନୁହନ୍ତି, ଏପରି ବହୁ ବ୍ୟକ୍ତି ଅଛନ୍ତି ସେମାନେ ଏସବୁକୁ ଖାତିର ନ କରି ବଦଳିକୁ ବାତିଲ କରାଇଦିଅନ୍ତି। ଏମିତି ତ ପ୍ରଶାସନ ଚାଲିଛି, ଚାଲିଥିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ସର୍ବଧର୍ମାନ୍ ପରିତ୍ୟଜ୍ୟ

ଧରିତ୍ରୀରେ ପ୍ରକାଶିତ ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ 'ଶିଷ୍ୟତ୍ୱର ପରିଭାଷା' ପଢ଼ିଲି। ସେ 'ସର୍ବଧର୍ମ' ଉପରେ ଯାହା ବ୍ୟାଖ୍ୟା କରିଛନ୍ତି, ତାହା ଠିକ୍। ଧର୍ମ ଅର୍ଥ ଧାରଣ-ପାଳନ ବା ବଞ୍ଚିବା ବଢ଼ିବା। ତାହା ସମସ୍ତଙ୍କ ପାଇଁ ସମାନ। ତେଣୁ ଏଠି ଭଗବାନ୍ ଶ୍ରୀକୃଷ୍ଣ ଯେଉଁ ସର୍ବଧର୍ମ କଥା କହିଛନ୍ତି, ତାହା ହେଉଛି ଆମ ପ୍ରବୃତ୍ତିର ଧର୍ମ, ଖିଆଲଖୁସିର ଧର୍ମ। ସେସବୁ ମନଗଢ଼ା ଧର୍ମକୁ ତ୍ୟାଗ କରି ତାଙ୍କୁ ଅନୁସରଣ କରିବାକୁ ସେ ଉପଦେଶ ଦେଇଛନ୍ତି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାଇ ଆଶ୍ରୟରେ ମହିଳା ଦିବସ

ବସ୍ତା, ୮।୩(ସ୍ୱ.ପ୍ର.): ବସ୍ତା ବ୍ଲକ ବାଉଁଶମୁଖା ଗ୍ରାମସ୍ଥିତ ସାଇ ଆଶ୍ରୟରେ ଶୁକ୍ରବାର ଆନ୍ତର୍ଜାତୀୟ ମହିଳା ଦିବସ ଇଣ୍ଡିଆନ ରୁରାଲ୍ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ମହିଳାମାନଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଟ୍ରଷ୍ଟ ଅଧକ୍ଷା ସମାପ୍ତି ପଟ୍ଟନାୟକ ଅଧକ୍ଷତା କରିଥିଲେ। ଟ୍ରଷ୍ଟି ଅନିରୁଦ୍ଧ ପାତ୍ର, କୋଷାଧକ୍ଷ ରଞ୍ଜନ କୁମାର ନାୟକ, ଯୁଗ୍ମ ସମ୍ପାଦକ ଶ୍ରୀକାନ୍ତ ମହାପାତ୍ର, ଟ୍ରଷ୍ଟି ପ୍ରତିମା ପାତ୍ର, ଉପଦେଷ୍ଟା ମହେଶ ପ୍ରସାଦ ଦାସ, ଟ୍ରଷ୍ଟିର ସଂଯୋଜିକା ତପସ୍ୱିନୀ କର ଓ ସାଇ ଆଶ୍ରୟର କର୍ମକର୍ତ୍ତା ରବୀନ୍ଦ୍ର କୁମାର ସାହୁ ଓ ଅରୁଣ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଶଶିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜୁବାବୁ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ



ରେମୁଣା, ୮।୩(ଡି.ଏନ.ଏ.): ରେମୁଣା ବିଜୁ ପଟ୍ଟନାୟକ ଜୟନ୍ତୀ କମିଟି ଆନୁକୂଲ୍ୟରେ ପ୍ରବାଦ ପୁରୁଷଙ୍କ ୧୦୩ତମ ଜୟନ୍ତୀ ରେମୁଣା ପଞ୍ଚାୟତ କାର୍ଯ୍ୟାଳୟରେ ପାଳିତ ହୋଇଛି। ଅଜୟ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରାଧାପକ ଡ. ମନ୍ମଥ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ଜେନା ଏବଂ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ କର୍ମମୟ ଜୀବନର ମହନୀୟଗୁଣ, ପ୍ରଚଣ୍ଡ ସ୍ୱାଭିମାନ, ନିର୍ଭୀକତା ଓ ଅସାଧାରଣ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ବିଚିତ୍ରାନନ୍ଦ ଗିରି ବିବରଣୀ ପାଠ, ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ ଓ ମଙ୍ଗଳାଷ୍ଟକ ପାଠ, ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚିତ୍ରଶିଳ୍ପୀ କେଶୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୁଷ୍ମନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅଜିତ ପଣ୍ଡା ଓ ମଧୁସୂଦନ ମାଝିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ୩୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଲକ୍ଷ୍ମୀଧର ମହାରଣା, ପ୍ରଦୀପ ଦାସ, ଅଚ୍ୟୁତ ମହାନ୍ତିଙ୍କ ସମେତ କମିଟିର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

### ଭୂମିହୀନ ଆଦିବାସୀଙ୍କୁ ଜମି ପଟ୍ଟା ବଣ୍ଟନ



ଔପଦା, ୮।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ଔପଦା ବ୍ଲକର ରାଏରାମଚନ୍ଦ୍ରପୁର ପଞ୍ଚାୟତର ଭୂମିହୀନ ଆଦିବାସୀମାନଙ୍କୁ ସରକାରଙ୍କ ତରଫରୁ ଔପଦା ତହସିଲଦାର ପୀତାମ୍ବର ଭୋଇ ଘରଡ଼ିହ ପଟ୍ଟା ପ୍ରଦାନ କରିଛନ୍ତି। ଗୁରୁବାର ରାଏରାମଚନ୍ଦ୍ରପୁର ସରପଞ୍ଚ ଉଦୟ କୁମାର ସ ଓ ଔପଦା ଆର୍‌ଆଇଙ୍କ ଉପସ୍ଥିତିରେ ତହସିଲଦାର ମହିସାଡ଼ାଳି ଗ୍ରାମସ୍ଥ ସରକାରୀ ଜମିକୁ ଭଞ୍ଜ ସିଂ, ଝରି ଖେରୁଆଳ, ସୁନାମଣି ବନ୍ଦ୍ରା, ଜବା ସରେନ୍, ଗୀତା ଖେରୁଆଳ, ମାଗୁରି ଖେରୁଆଳ, ମଞ୍ଜରା ସାମାଡ଼, ନାଗରି ଖେରୁଆଳଙ୍କ ସମେତ ପ୍ରାୟ ୮ରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ନାମ ଥିବା ଖତିଆନ ହସ୍ତାନ୍ତର କରିଛନ୍ତି। ଭୂମିହୀନ ଆଦିବାସୀମାନେ ଘରଡ଼ିହ ପଟ୍ଟା ଗ୍ରହଣ କଲାବେଳେ ଖୁସି ହୋଇ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ନୀଳଗିରି, ୮।୩ (ଡି.ଏନ.ଏ.): ନୀଳଗିରି ବ୍ଲକ ବରହମପୁର ଥାନା ଅଧିନ ଭାଲୁକପୋଷି ଗାଁର ଜଣେ ଯୁବକ ବେକରେ ରଶି ଲଗାଇ ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ପହଞ୍ଚି ଗଛରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡି ନ ଥିବା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ କହିଛନ୍ତି।

# ଧାନ ରଖି ଜାତୀୟ ରାଜପଥ ଅବରୋଧ

## ■ ଧାରଣାରେ ବସିଲେ ୨ଶହରୁ ଅଧିକ ଚାଷୀ

ରେମୁଣା, ୮।୩(ଡି.ଏନ.ଏ.)



ଧାନ ରଖି ରାସ୍ତା ଅବରୋଧ କରିଥିବା ଚାଷୀଙ୍କ ସହ ପୋଲିସ ଆଲୋଚନା କରୁଛି।

ସମବାୟ ସମିତି ତରଫରୁ ଧାନକ୍ରୟ ନ ହେବା ପ୍ରତିବାଦରେ ଶୁକ୍ରବାର ରେମୁଣା ବ୍ଲକ ବରୁଣ ସିଂ ସେବା ସମବାୟ ସମିତି ଅଧୀନ କୁଲିଗାଁ, ବରୁଣସିଂ, ଶେରଗଡ଼ ପଞ୍ଚାୟତର ୨ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଆନ୍ଦୋଳନ ରୂପ ନେଇଛି। ଚାଷୀମାନେ ଗାଡିରେ ଧାନ ବୋଝେଇ କରି ଶେରଗଡ଼ଠାରେ ୧୬ ନଂ.ଜାତୀୟ ରାଜପଥକୁ ଶୁକ୍ରବାର ପୂର୍ବାହ୍ଣ ୯ଟାରୁ ଅବରୋଧ କରିଥିଲେ। ଖବରପାଇ ସଦର ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ଖନ୍ତାପଡ଼ା ଆଇଆଇସି ଶ୍ରୀବଲ୍ଲଭ ସାହୁ, ସଦର ଆଇଆଇସି ମମତା ସାହୁ, ଶିଳ୍ପାଞ୍ଚଳ ଆଇଆଇସି ଜୟନ୍ତ ବେହେରା, ଚାନ୍ଦିପୁର ଆଇଆଇସି ମୀନତି ବିଶ୍ୱାଳ, ଶେରଗଡ଼ ଫାଣ୍ଡି ଅଧିକାରୀ ଅଭିମନ୍ୟୁ ଦାସ, ବାଲେଶ୍ୱର ସିଏସ୍‌ଓ ରବୀନ୍ଦ୍ର ପୃଷ୍ଟି, ଏସିଏସ୍‌ଓ ଅଜୟ ମଲ୍ଲିକ, ରେମୁଣା ଏମ୍‌ଆଇ ସବ୍ୟସାଚୀ ବସ୍ତିଆ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରି ତୁରନ୍ତ ୧୫୦୦ ଓ ୧୨୦୦ କୁଇଣ୍ଟାଲ ଧାନ କିଣିବା ଓ ଚାଷୀଙ୍କଠାରେ ଥିବା ଗଚ୍ଛିତ ଧାନକୁ ସରିବା ପର୍ଯ୍ୟନ୍ତ କିଣିବାକୁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଓହରିଥିଲେ।

ଏହି ସମବାୟ ଅଧୀନରେ ୭୧୬ ଚାଷୀ ଥିବାବେଳେ ମାତ୍ର ୩୧୭ଜଣ ଚାଷୀଙ୍କଠାରୁ ୧୧, ୫୮୨ କୁଇଣ୍ଟାଲ ଧାନ କିଣାଯାଇଛି। ସମିତିର ୪୨, ୦୦୦ କୁଇଣ୍ଟାଲ ଧାନ କିଣିବାକୁ ଥିଲା। ମାତ୍ର ପ୍ରଶାସନର ଉଦାସୀନତା ପାଇଁ ଚାଷୀମାନେ ବଳକା ଧାନ ବିକ୍ରି କରି ନ ପାରି ଗତ ଫେବୃୟାରୀ ୧୮ ତାରିଖରେ ଜିଲାପାଳଙ୍କୁ ସମିତିର ଚିଠି ନଂ. ୧୧୧୨ ଅନୁଯାୟୀ ତୁରନ୍ତ ଧାନ କିଣା ନ ଗଲେ ମାର୍ଚ୍ଚ ୮ ତାରିଖରେ ଧାନ ରଖି ଜାତୀୟ ରାଜପଥ ଅବରୋଧ କରିବା ପାଇଁ ଚାଷୀମାନେ ଜଣାଇଥିଲେ। କିନ୍ତୁ ପ୍ରଶାସନ ପକ୍ଷରୁ ଦାବିକୁ ପୂରଣ କରା ନ ଯିବାରୁ ଶୁକ୍ରବାର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା।

ଏହି ଧାରଣାରେ ସେବା ସମବାୟ ସମିତି ସଭାପତି ଜୟନ୍ତ କୁମାର ଦାସ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, କୃଷକ ନେତା ବିପିନ ଦାସ, ପୂର୍ବତନ ସରପଞ୍ଚ ଭାସ୍କର ବେହେରା, କୁଳିଗାଁ ସରପଞ୍ଚ ଜନାର୍ଦ୍ଦନ ଦାସ, ମନ୍ଦାରପୁର ସମିତିସଭ୍ୟ ଜୟନ୍ତ ମଣ୍ଡଳ ପ୍ରମୁଖ ସାମିଲ ଥିଲେ।

# ଭଙ୍ଗା ହେଲା ପଞ୍ଚାୟତ କାର୍ଯ୍ୟାଳୟ ତାଲା

ଖଇରା, ୮।୩(ଡି.ଏନ.ଏ.)

ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତ କାର୍ଯ୍ୟାଳୟରେ କେତେକ ହିତାଧିକାରୀ ପକାଇ ଦେଇଥିବା ତାଲାକୁ ଶୁକ୍ରବାର ପୋଲିସ ଭାଙ୍ଗିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

ଗୁରୁବାର ଖଇରା ବ୍ଲକରେ ନୂତନ ଭାବେ ଯୋଗ୍ୟ ବିବେଚିତ ହୋଇଥିବା କେତେକ ବୃଦ୍ଧାବୃଦ୍ଧ ଭତ୍ତା ନେବାକୁ ଆସି ଖାଲି ହାତରେ ଫେରିଥିଲେ। ଏଥିପାଇଁ ସେମାନେ ସରପଞ୍ଚଙ୍କୁ ଦାୟୀ କରି ଉତ୍ତ୍ୟକ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ସରପଞ୍ଚ ସଞ୍ଜୟ ସେଠୀ ଶୁକ୍ରବାର କାର୍ଯ୍ୟାଳୟକୁ ଯିବା ପରେ ଗେଟ୍‌ରେ ତାଲା ପଡ଼ିଥିବା ଦେଖି ବିଡିଓ ମହେଶ ଚୌଧୁରୀ ଓ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଲିଖିତ ଭାବେ ଜଣାଇଥିଲେ। ଆଇଆଇସି ନାୟକଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବାସୁଦେବ ମହାନ୍ତି ତାଲା ଭାଙ୍ଗି ସରପଞ୍ଚଙ୍କ ପାଇଁ କାର୍ଯ୍ୟାଳୟକୁ ଯିବାର ବନ୍ଦୋବସ୍ତ କରିଥିଲେ। ବ୍ଲକରେ ଭତ୍ତା ବଣ୍ଟନ ସମ୍ପର୍କରେ ତାଙ୍କୁ ଚିଠି କରା ନ ଯିବା କିମ୍ବା କୌଣସି ସୂଚନା ଦିଆଯାଇ ନ ଥିବାବେଳେ ଏଭଳି ତାଙ୍କୁ ଦାୟୀ କରି ତାଲା ପକାଇବା ଘଟଣାରେ ତାଙ୍କୁ ବଦନାମ କରାଯିବା ପାଇଁ ଚେଷ୍ଟା କରାଯାଉଛି। ଏ ସମ୍ପର୍କରେ ଯେଉଁମାନେ ତାଲା ପକାଇଛନ୍ତି ତାଙ୍କ ବିରୋଧରେ ସେ ଥାନାକୁ ଯିବେ ବୋଲି କହିଛନ୍ତି। ସେପଟେ ଯଦି ୭ ଦିନ ମଧ୍ୟରେ ନୂଆ ୨୯ ହିତାଧିକାରୀଙ୍କୁ ଭତ୍ତା ଦିଆ ନ ଗଲେ ସେମାନେ ମଧ୍ୟ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି।



ଜଳି ଯାଇଥିବା ଗୁହାଳ ଘର।

## ଗୁହାଳ ଘରେ ଅଗ୍ନିକାଣ୍ଡ

# ୩ ଗୋରୁ ଜୀବନ୍ତ ଦଗ୍ଧ, ୫ ଆହତ

ରୂପସା, ୮।୩(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ ଅନ୍ତର୍ଗତ କୋଇଲିସାହି ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ବ୍ରଜମୋହନ ସାହୁଙ୍କ ଗୁହାଳ ଘର ପୋଡ଼ି ପାଉଁଶ ହୋଇଯାଇଛି। ଗୁହାଳରେ ବନ୍ଧା ଯାଇଥିବା ୩ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୫ ଗୋରୁ ଗୁରୁତର ଆହତ ହୋଇଛନ୍ତି। ଆହତ ଗୋରୁଙ୍କୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ଗୁହାଳ ଘରେ ଦିଆଯାଇଥିବା ମଶାଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ସେଠାରେ ଥିବା ଘରର ବହୁ ସାମଗ୍ରୀ ମଧ୍ୟ ଜଳି ଛାରଖାର ହୋଇଯାଇଛି। ବସ୍ତା ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟା ଥିଲେ ବ୍ୟାସକବି

## ■ ଥାନା ଛକରେ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୋଗରାଇ, ୮।୩(ଡି.ଏନ.ଏ.)

ଓଡ଼ିଆ ଭାଷା ବଙ୍ଗାଳି କର୍ମଚାରୀଙ୍କ ଚକ୍ରାନ୍ତ ଯୋଗୁ ସଙ୍କଟରେ ଥିବା ବେଳେ ବ୍ୟାସକବି ଫକୀରମୋହନଙ୍କ ଶାଣିତ ଲେଖନୀ ଓ ସଂଗ୍ରାମ ଦ୍ୱାରା ଏହାର ଉନ୍ନତି ସାଧିତ ହୋଇଥିଲା। ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର ରକ୍ଷାକର୍ତ୍ତା, ବ୍ୟାସକବିଙ୍କୁ ଓଡ଼ିଆ ଜାତି ଯୁଗ ଯୁଗ ଧରି ତାଙ୍କୁ ସ୍ମରଣ କରିବ ବୋଲି ଶୁକ୍ରବାର ଭୋଗରାଇ ଥାନାଛକସ୍ଥିତ ଗୋଲେଇଠାରେ ଫକୀରମୋହନଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି।

ବିଜେଡି ସଭାପତି ରମାକାନ୍ତ କରଣଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଅନନ୍ତ ଦାସ ଯୋଗଦେଇ ଓଡ଼ିଆ ଭାଷା ନବଜାଗରଣର ସ୍ରଷ୍ଟା ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଜିଲାର ଏକ ଗୌରବମୟ ଘଟଣା ବୋଲି କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ଓ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ, ଜିଲା ସଂସ୍କୃତି ବିଭାଗର ଅଧିକାରୀ ମନସ୍ୱିନୀ ରାଉତ, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଚେୟାରମ୍ୟାନ୍ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ ଓ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥି।

### ୯୦ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ସୋର, ୮।୩(ଡି.ଏନ.ଏ.): ସୋର ବ୍ଲକ ସରଶଙ୍ଖ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ସିଆର୍‌ସିସି ଜିତେନ୍ଦ୍ର କୁମାର କର ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶିକ୍ଷିକା ଭାବେ ଶକୁନ୍ତଳା ପାଢ଼ୀ ଏବଂ ସସ୍ମିତା ବିଶ୍ୱାଳ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା ସଭାପତିତ୍ୱ କରିଥିଲେ। ୯୦ଜଣ ଛାତ୍ରୀ ଭାଗନେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଇଥିଲେ। ଶିକ୍ଷୟିତ୍ରୀ ରଶ୍ମିରେଖା ମହାପାତ୍ର ଓ କନକଲତା ନାୟକ ପ୍ରମୁଖ ସହାୟତା କରିଥିଲେ।

## ■ ଆନ୍ତଃ ରାଜ୍ୟ ଅବକାରୀ ଅଧୀକ୍ଷକ ସମନ୍ୱୟ ବୈଠକ

# ନିର୍ବାଚନ ବେଳେ ମାଦକ ଦ୍ରବ୍ୟ କାରବାର କଡ଼ାକଡ଼ି ହେବ

ବାଲେଶ୍ୱର ଅଫିସ, ୮।୩

ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଓଡିଶାର ବାଲେଶ୍ୱର, ମୟୂରଭଞ୍ଜ ଓ ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର, ପୂର୍ବ ମେଦିନାପୁର ଓ ଝାଡଗ୍ରାମ ଜିଲାର ଅବକାରୀ ଅଧୀକ୍ଷକମାନଙ୍କୁ ନେଇ ଶୁକ୍ରବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ପ୍ରକାରେ ଏହି ବୈଠକ ଡକାଯାଇଥିଲା। ବୈଠକରେ ଉଭୟ ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳର ନିଶାଚାଲାଣ ପ୍ରବଣ ସ୍ଥାନଗୁଡିକ ଚିହ୍ନଟ କରାଯାଇଥିଲା। ସେସବୁ ସ୍ଥାନରେ ଯୁଗ୍ମ ଭାବେ କାର୍ଯ୍ୟାନୁଷ୍ଠାନ କିପରି ଗ୍ରହଣ କରାଯାଇପାରିବ ସେନେଇ ଯୋଜନା କରାଯାଇଥିଲା। ପୂର୍ବରୁ ଅବକାରୀ ଧରପଗଡ଼ ବେଳେ ସୀମା ପାର ହୋଇ ଅପରାଧୀ ଆଇନ ଆଖିରୁ ଖସିଯାଇଥିଲେ। ତେବେ ଉଭୟ ରାଜ୍ୟର ଅଧିକାରୀମାନେ ବିଭିନ୍ନ ଅବକାରୀ ଜନିତ ଅପରାଧ ପ୍ରବଣ ଅଞ୍ଚଳ ଚିହ୍ନଟ ସହ ସେସବୁ ସ୍ଥାନ ଉପରେ କଡ଼ା ନଜର ରଖିବା ଏବଂ ଧରପଗଡ଼କୁ କଡାକଡ଼ି କରିବାକୁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ।



ସମନ୍ୱୟ ବୈଠକରେ ଉପସ୍ଥିତ ବାଲେଶ୍ୱର ଜିଲାପାଳ ଓ ଅବକାରୀ ଅଧୀକ୍ଷକମାନେ।

ଜିଲାପାଳ ନିର୍ବାଚନ ସମୟରେ କେବଳ ନୁହେଁ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ପାଇଲେ ଆଗକୁ ଅପରାଧ ହ୍ରାସ କରିବାରେ ଏହି ବୈଠକ ଯଥେଷ୍ଟ ଗୁରୁତ୍ୱ ବହନ କରିପାରିବ ବୋଲି କହିଥିଲେ। ସେ ବିଭିନ୍ନ ସ୍ଥାନରେ ଚେକ୍ ପୋଷ୍ଟ ନିର୍ମାଣ ଉପରେ ଜୋର୍ ଦେଇଥିଲେ। ଏଥିସହିତ ଉଭୟ ରାଜ୍ୟର ଅଧିକାରୀମାନଙ୍କ ହ୍ୱାଟସ୍‌ଆପ ନମ୍ବରକୁ ନେଇ ଏକ ଗ୍ରୁପ ସୃଷ୍ଟି କରାଯାଇଛି ଯାହା ଭବିଷ୍ୟତରେ ସୂଚନା ଆଦାନ ପ୍ରଦାନରେ ସହଯୋଗ କରିବ। ତାସହ କେତେ ଅଭ୍ୟାସଗତ ଅପରାଧୀଙ୍କ ସମ୍ବନ୍ଧରେ ସୂଚନା ପ୍ରଦାନ ରାସ୍ତା ପ୍ରଶସ୍ତ ହୋଇପାରିବ ବୋଲି କହିଥିଲେ। ଏଣିକି ଏହି କାର୍ଯ୍ୟକୁ ସୁଦୃଢ଼ କରିବାକୁ ଏକ ସ୍ୱତନ୍ତ୍ର ମ୍ୟାପ୍ ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ଅବକାରୀ ବିଭାଗର ଯୁଗ୍ମ କମିଶନର ରାମଚନ୍ଦ୍ର ପଳତା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ଭତ୍ରା, ମୟୂରଭଞ୍ଜ ଅବକାରୀ ଅଧୀକ୍ଷକ ପୁରୁଷୋତ୍ତମ ଧରୁଆ, ଝାରଗ୍ରାମ ଅବକାରୀ ଅଧୀକ୍ଷକ ମିଲନ କୁମାର ବିଶ୍ୱାସ, ପଶ୍ଚିମ ମେଦିନାପୁର ଅବକାରୀ ଅଧୀକ୍ଷକ ଏକଲବ୍ୟ ଚକ୍ରବର୍ତ୍ତୀ, ଅତିରିକ୍ତ ଅବକାରୀ ଅଧୀକ୍ଷକ ପୂର୍ବ ମେଦିନାପୁର ଅଲି ଇମ୍ରାନ, ଡେପୁଟି ଏକ୍ସାଇଜ କଲେକ୍ଟର ପଶ୍ଚିମ ମେଦିନାପୁର ଅଭିଶେଖ ରାୟ ଓ ଦିବେନ୍ଦୁ ବେରା ପ୍ରମୁଖ ଯୋଗ ଦେଇଥିଲେ।

# 'ପୁସ୍ତକମେଳା' ଲେଖକ, ପ୍ରକାଶକ, ପାଠକଙ୍କ ମିଳନସ୍ଥଳ

ବାଲିଆପାଳ, ୮।୩(ସ୍ୱ.ପ୍ର.)

ପୁସ୍ତକମେଳା ଲେଖକ, କବି, ପ୍ରକାଶକ ଏବଂ ପାଠକଙ୍କର ମିଳନସ୍ଥଳ। ଏଥିରେ ସମସ୍ତଙ୍କ ସହିତ ପ୍ରତ୍ୟକ୍ଷ ଭାବେ ଭାବ ବିନିମୟ ହୋଇଥାଏ ବୋଲି ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପୁସ୍ତକ ମେଳାରେ ଚତୁର୍ଥ ସନ୍ଧ୍ୟାରେ ଅବସରପ୍ରାପ୍ତ ଶିକ୍ଷକ ହରିପଦ ସାହୁ ଅଧକ୍ଷତା କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ଜଗନ୍ନାଥ ପ୍ରଧାନ ମୁଖ୍ୟଅତିଥି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡ଼େଶ୍ୱର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜର ପ୍ରତିବର୍ଗର ଲୋକେ ପୁସ୍ତକ ଅଧ୍ୟୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଲଙ୍ଗଳେଶ୍ୱର ସିଟି ସ୍କୁଲର ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ଘଡାଇ, ଯବନ କବି ସେକ ନିମାଜୀ, ରମାନାଥ କର, କବି ନଳିନୀକାନ୍ତ ପାଢ଼ୀ, ତପନ କୁମାର ଗିରି ପ୍ରମୁଖ ପୁସ୍ତକ ମେଳା ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କବି ବ୍ରଜେନ୍ଦ୍ର ନାଥ ଗିରି ଅଧକ୍ଷତା କରିଥିଲେ। ପ୍ରାରମ୍ଭିକ ସୂଚନା ପୁସ୍ତକ ମେଳାର କମିଟିର ମୁଖ୍ୟ ସୁରେନ୍ଦ୍ର କୁମାର ରାଉଳ ଏବଂ ମଞ୍ଚ ଆହ୍ୱାନ ରମରଞ୍ଜନ ରାଉତ କରିଥିଲେ। ଶିକ୍ଷକ ନେତା ଆଦିତ୍ୟ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ। ବିଶ୍ୱନାଥ ଗିରି, ମିନତୀ ଦେବୀ ପଣ୍ଡା, ରାଜକିଶ୍ୱର ପାତ୍ର, ହରେନ୍ଦ୍ର ଦାସ ଓ ଗୋପାଳ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଅଙ୍ଗନୱାଡି କର୍ମୀଙ୍କ ମାଡରେ ଛାତ୍ରୀ ଆହତ

ଖଇରା, ୮।୩(ଡି.ଏନ.ଏ.): ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଅଧୀନ ସାଉଁଡିଆ-୧ ଅଙ୍ଗନୱାଡ଼ି କେନ୍ଦ୍ରରେ ଛାତ୍ରୀ ଅର୍ଚ୍ଚିତା ଦାସଙ୍କୁ ମାଡ଼ ମାରି ଆହତ କରିଥିବା ନେଇ ତାଙ୍କ ପିତା ମୁକୁନ୍ଦ ଦାସ ଖଇରା ସିଡ଼ିପିଓ ନର୍ମଦା ଦେଓ ଓ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କଠାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ଗୁରୁବାର ଛାତ୍ରୀଜଣକ ଖେଳୁଥିବା ବେଳେ କୌଣସି କାରଣ ନେଇ କର୍ମୀ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଠେଲି ଦେଇଥିଲେ। କାନ୍ଥରେ ବାଜିବା କାରଣରୁ ଛାତ୍ରୀଙ୍କର ବାମହାତ ହାଡ଼ ଭାଙ୍ଗି ଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଖଇରା ଓ ପରେ ସୋର ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ସରସ୍ୱତୀ ଜେନାଙ୍କୁ ଯୋଗାଯୋଗ କରିବାରେ ଛୁଆଟି ଖେଳୁଥିବା ବେଳେ ତା' ସାଙ୍ଗ ଠେଲିଦେବାରୁ ସେ ଆହତ ହୋଇଛନ୍ତି। ସେ ମାଡ଼ ମାରିଥିବା ଘଟଣାକୁ ଅସ୍ୱୀକାର କରିଛନ୍ତି।

# ୨୭ ଅନଗ୍ରସର ଶିଶୁଙ୍କ ଲାଗି ଶିକ୍ଷା ବ୍ୟବସ୍ଥା

ସିମୁଳିଆ, ୮।୩(ଡି.ଏନ.ଏ.)

ଶିଶୁମାନେ ଶିକ୍ଷିତ ହେଲେ ଦେଶର ପ୍ରଗତି ଆପଣାଛାଏଁ ହୋଇଯିବ। ବିଦ୍ୟାଳୟକୁ ନ ଯାଇ ଖେଳି ବୁଲି ଦିନ କାଟୁଥିବା ଅନଗ୍ରସର ଶ୍ରେଣୀର ଶିଶୁମାନଙ୍କୁ ଶିକ୍ଷା ଯୋଗାଇଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଗୁରୁବାର ମାର୍କୋଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁସାରେ ମାର୍କୋଣା ଷ୍ଟେଶନ ବଜାର ରେଲୱେ କଲୋନୀ ନିକଟସ୍ଥ ରିଆ ଆଦିବାସୀ ସାହିରେ 'ସରସ୍ୱତୀ ସଂସ୍କାର କେନ୍ଦ୍ର' ଉଦ୍‌ଘାଟିତ ହୋଇଯାଇଛି। ମୋଟ ୨୭ଜଣ ଶିଶୁ ଏଥିରେ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଚମ୍ପା ହାଁସଦାଙ୍କୁ ଆଚାର୍ଯ୍ୟା ଦାୟିତ୍ୱ ଅର୍ପଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଲକ୍ଷ୍ମୀଧର ସରେନ ମୁଖ୍ୟଅତିଥି ରୂପେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ରୂପେ ରବି ମୁର୍ମୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପୂର୍ବୋତ୍ତର ସମ୍ଭାଗ ଭଦ୍ରକର ବିଭାଗ ନିରୀକ୍ଷକ ସତ୍ୟନାରାୟଣ ଭୋକ୍ତା ସଂସ୍କାର କେନ୍ଦ୍ର ଖୋଲାଯିବାର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ, ସଭାପତି ଗୋପାଳ ଚନ୍ଦ୍ର ବେହେରା ସଂକ୍ଷିପ୍ତ ବକ୍ତବ୍ୟ ଓ ବରିଷ୍ଠ ଆଚାର୍ଯ୍ୟ ରାମଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



'ସରସ୍ୱତୀ ସଂସ୍କାର କେନ୍ଦ୍ର'ରେ ଗୁରୁମାଗୁରୁଜୀଙ୍କ ସହିତ ଶିଶୁମାନେ ପ୍ରାର୍ଥନା କରୁଛନ୍ତି।

# ଜିଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ

ବାଲେଶ୍ୱର ଅଫିସ, ୮।୩

ବାଲେଶ୍ୱର ଗାନ୍ଧି ସ୍ମୃତିଭବନ ପରିସରରେ ଶୁକ୍ରବାର ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଛି। ଏହି ଅବସରରେ ବୈଠକରେ ମୁଖ୍ୟଅତିଥି ଭାବେ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଭ୍ରୁଣ ହତ୍ୟା, ଘରୋଇ ହିଂସାକୁ ଦୃଢ଼ ଭାବେ ବନ୍ଦ କରିବା ଦିଗରେ ସଚେତନତା ସୃଷ୍ଟି ସହ ପଦକ୍ଷେପ ଗ୍ରହଣ ଉପରେ ଜୋର ଦେଇଥିଲେ। ରାଜ୍ୟସରକାର ମହିଳାମାନଙ୍କ ବିକାଶ ଦିଗରେ ଅନେକ ପଦକ୍ଷେପ ନେଇଥିବା ସେ କହିଥିଲେ।



ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ ଏମ୍‌ପି ରବୀନ୍ଦ୍ର ଜେନା ଓ ଅନ୍ୟ ଅତିଥି।

ସମ୍ମାନନୀୟ ଅତିଥି ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ନାରୀଙ୍କ ବିକାଶ ବିନା ସମାଜ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ନାହିଁ ବୋଲି କହିଥିଲେ। ସଭାରେ ଅତିଥି ଭାବେ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର ଆନ୍ତର୍ଜାତିକ ମହିଳା ଦିବସର ପରିକଳ୍ପନା ଓ ଆଜିର ଅବସ୍ଥାର ଏକ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ନାରୀମାନଙ୍କୁ ନିଜ ପ୍ରଗତି ପାଇଁ ଦାୟିତ୍ୱ ନେବା ଉପରେ ଜୋର୍ ଦେଇଥିଲେ। ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାଷ ନିଆଲ ଆମ ସମାଜରେ 'ଝିଅ ଜନମ ପର ଘରକୁ' ଭଳି ରହିଥିବା ଭାବଧାରାରେ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି କହିବା ସହ ନାରୀମାନେ ଆଧୁନିକତାକୁ ଆପଣେଇ ପାରିଲେ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି ଭଳି ପ୍ରତିଟି କ୍ଷେତ୍ରରେ ସେମାନେ ପ୍ରଗତି କରିପାରିବେ ବୋଲି କହିଥିଲେ। ଅଧିବକ୍ତା ପ୍ରଭାକର ସାହୁ କେତେକ ଆଇନଗତ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରି ଏଣିକି ପିତାଙ୍କ ସମ୍ପତ୍ତିରେ ମଧ କନ୍ୟାର ଅଧିକାରକୁ ଆମ ଆଇନ ବ୍ୟବସ୍ଥା ମାନ୍ୟତା ଦେଇଥିବା ସେ ବର୍ଣ୍ଣନା କରିଥିଲେ। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ସବିତା ରାଉତଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ କାର୍ଯ୍ୟରତ ବିଭିନ୍ନ ବ୍ଲକର ଏସ୍‌ଏଚ୍‌ଜିମାନଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ ଅଞ୍ଚଳରୁ ବହୁ ସଂଖ୍ୟାରେ ଅଙ୍ଗନୱାଡ଼ି କର୍ମୀମାନେ ଯୋଗଦେଇଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂର ପରବତ ସୁନ୍ଦର**
**ଦୂର ବନ୍ଧୁ ସୁନ୍ଦର ।**

ପର୍ବତ ଦୂରରୁ ଭାରି ଶାଗୁଆ, ଗଛପତ୍ର ଭରି ରହିଥିବା ଭଳି ସୁନ୍ଦର ଦିଶେ । କିନ୍ତୁ ପାଖକୁ ଗଲେ କେତେ ଖାଲ ଖାବୁଡ଼ା, ଟାଙ୍ଗରା ପଥୁରିଆ, ନାନା ଜାତି ହିଂସ୍ର ଜୀବଜନ୍ତୁ ଥିବା ଇତ୍ୟାଦି ଜଣାପଡ଼େ । ସେହିପରି ଦୂରବନ୍ଧୁ କଦବା କ୍ୱଚିତ ଘରକୁ ଆସନ୍ତି । ତାଙ୍କ ଭଲ ମନ୍ଦ ତଥା ତାଙ୍କ ଘରର ଗୁମର ସହଜରେ ଜଣା ପଡ଼ି ନ ଥାଏ । ଦୂରରେ ରହିଥିବା ହେତୁ ଉକ୍ତ ବନ୍ଧୁଙ୍କ ସ୍ୱଭାବ, ବ୍ୟବହାର ବେଶ୍ ସୁନ୍ଦର ବା ଭଲ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଦିଆକୁ ଦିଆ**
**ଅଦିଆକୁ ଦୁଆର ଦିଆ ।**

ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି । କିଛି ଅସୁବିଧାର ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି । ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି । କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି । ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.




ଧନ୍ଦାମୂଳକ ତାଲିମ କେନ୍ଦ୍ରରେ ମଞ୍ଚାସୀନ ଅତିଥି ।

## ଆର୍ମରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ବାଲିଆପାଳ, ୮।୩(ସ୍ୱ.ପ୍ର.):** ମହିଳାମାନେ ବିକାଶିତ ଏବଂ ଆତ୍ମନିର୍ଭରଶୀଳ ହେବା ପାଇଁ ବାଲିଆପାଳ ବ୍ଲକ ପାରୁଳିଆ ଗ୍ରାମର ଆର୍ମ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଜାପାନ ଦେଶର ସହାୟତାରେ ନିର୍ମିତ ଧନ୍ଦାମୂଳକ ଶିକ୍ଷା ତାଲିମ କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଆର୍ମ ସଙ୍ଗଠନର ପ୍ରୋଜେକ୍ଟ କୋଡ଼ିନେଟର ମନୋଜ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କନ୍‌ସୁଲ-ଜେନେରାଲ-ଜାପାନର ମାସାୟୁକି ଟାଗା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାପାନ ସରକାର ବିଭିନ୍ନ ସହାୟତା ଓଡ଼ିଶାକୁ ଯୋଗାଇ ଦେଉଥିବା ପ୍ରକାଶ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଜିଜିପିର ପ୍ରୋଜେକ୍ଟ କୋଡ଼ିନେଟର କୁମାରୀ ୟୋକୋ ୱାଟାନାବେ ଯୋଗଦେଇଥିଲେ । ଆର୍ମ ସଙ୍ଗଠନର କନ୍‌ସୁଲେଟର ଦେବାଶିଷ ଚୌଧୁରୀ ମଞ୍ଚାସୀନ ଅତିଥି ପରିଚୟ, ଚାଇଲ୍ଡଲାଇନ୍‌ର ଜିଲା ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳେଶ୍ୱରରେ 'ଆମ ସହର ଆମ ଉନ୍ନତି' ଆରମ୍ଭ

**ଜଳେଶ୍ୱର, ୮।୩(ଡି.ଏନ.ଏ.):** ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ୯ନଂ. ୱାର୍ଡ଼ର ମିଲ୍ କଲୋନୀଠାରେ ସ୍ଥାନୀୟ ବିଧାୟକ ତଥା ଜିଲା ଯୋଜନା ସମିତି ଅଧକ୍ଷ ଅଶ୍ୱିନୀ କୁମାର ପାତ୍ରଙ୍କ ଦ୍ୱାରା ଶୁକ୍ରବାର ଜଳେଶ୍ୱର ସହରରେ ଆମ ସହର ଆମ ଉନ୍ନତି ଯୋଜନାର ଆରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ ମ୍ୟୁନିସିପାଲିଟି ଅଞ୍ଚଳର ସମସ୍ତ ୧୭ଟି ୱାର୍ଡ଼ର ସାମଗ୍ରିକ ବିକାଶ ତଥା ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ପ୍ରତି ୱାର୍ଡ଼ ପିଛା ୨୫ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି । ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟକ୍ରମେ ୱାର୍ଡ଼ ପିଛା ୧୫ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି ବୋଲି ବିଧାୟକ କହିଥିଲେ । ଏହି ଅବସରରେ ପୂର୍ବତନ ନଗରପାଳ ତଥା ବିଜେଡି ଟାଉନ ସଭାପତି ପ୍ରବୀର କୁମାର ପ୍ରଧାନ, ପୂର୍ବତନ କାଉନସିଲର ପ୍ରତୀପ କୁମାର ପ୍ରଧାନ, ବିଜୟ କାମିଲା, ସଂଖ୍ୟାଲଘୁ ନେତା ଅବଦୁଲ ରହିମ, ଯୁବନେତା ସୁରୋଜିତ ଘୋଷ ପ୍ରମୁଖଙ୍କ ସମେତ ଯୋଜନାର ନିର୍ମାଣ କାର୍ଯ୍ୟଭାର ନେଇଥିବା ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଲମ୍ବୋଦର କର ଓ ବିଭାଗୀୟ ଯନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ ।


**+PILES CLINIC+**

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916

ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION

DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM

VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


No.1392-A

**GOVERNMENT OF ODISHA**
**'e'-PROCUREMENT NOTICE**
**OFFICE OF THE CHIEF ENGINEER**
**MINOR IRRIGATION (ODISHA), BHUBANESWAR**
Phone / Fax : 0674-2391525, Email : miorissa@yahoo.co.in

**Invitation for Bids**
**Bid Identification No. 06 CEMI/ 2018-19**

| | | |
|---|---|---|
| 1 | The Chief Engineer, Minor Irrigation (Odisha), Bhubaneswar on behalf of Governor of Odisha, invites Percentage Rate Bids in Double Cover System in ONLINE MODE only, from the eligible Class of Contractors for Irrigation Work as detailed below. | |
| 2 | Nature of Work | Irrigation Work |
| 3 | No. of Work | 1 (one) |
| 4 | Tender Paper Cost | Rs. 10,000.00 (Payment to be made online only) |
| 5 | Estimated Cost | Rs. 461.54 lakh (Approximately) |
| 6 | Availability of Bid Document in the website | From 10.00 hours of Dt. 14.03.2019 to 17.00 hours of Dt. 03.04.2019 |
| 7 | Date of opening of Bid | Dt. 04.04.2019 at 11.00 hours |
| 8 | Period of Completion | 11 (Eleven Calendar months including Monsoon |
| 9 | Further details can be seen from the website : https://tendersodisha.gov.in. Any addendum / corrigendum/ cancellation of tender can also be seen in the said website. | |

Sd.- Chief Engineer,
Minor Irrigation (O), Bhubaneswar
32032/11/0008/1819

**GOVERNMENT OF ODISHA** No.: 1390-A
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, SUBARNAREKHA & BUDHABALANGA BASIN**
AT/P.O.- LAXMIPOSI, DIST.- MAYURBHANJ
**Government of Odisha "e" Procurement Notice**
**Bid Identification No.- 10/18-19 of CEBM, SBB, Laxmiposi**

| | | |
|---|---|---|
| i. | Name of Work | Construction of Baisinga Branch Canal from RD 20.10 Km. to RD 21.60 Km. including all its structures, Cement concrete lining and service road, Package - XIII |
| ii. | Estimated Cost (Lakh) | Rs.1179.30 Lakh |
| iii. | Period of Completion | 11 (Eleven) Calendar Months each |
| iv. | Date & Time of availability of bid document in the portal | 14.03.2019 at 10 A.M. |
| v. | Last date/time for receipt of bid in the portal | 28.03.2019 upto 5.00 P.M. |
| vi. | Name & Address of the O.I.T. | Chief Engineer & Basi Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the website Portal "https://tendersodishag.gov.in".

Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi
bid_cebmsbb@rediff.com
32074/11/0011/1819

**GOVERNMENT OF ODISHA** No.: 1381-B
**OFFICE OF THE SUPERINTENDING ENGINEER PHULBANI (R&B) CIRCLE, PHULBANI**
Phone: 06842-254004/ Fax: 06842-255054, E-mail: sernephulbani@gmail.com
**INVITATION FOR BIDS (IFB)**
**Bid Identification No.- SE-(R&B)-PLB-13/2018-19**
No.: 220 Date: 06.03.2019

| | | |
|---|---|---|
| 1. | The Superintending Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | |
| 2. | Nature of Work | Building work |
| 3. | No. of Tender | 1 No. of Building Work |
| 4. | Tender Cost | Rs.10,000/- (through online) only. |
| 5. | Class of Contractor | "A" & equivalent Class |
| 6. | Date & time of sale & receipt of bids | 10.00 A.M. of 15.03.2019 to 5.00 P.M. of 29.03.2019. |
| 7. | Date of opening of Bid | 11.00 A.M. of 30.03.2019 |
| 8. | The bidders shall have to participate in online bidding only. Further detail can be seen from the website **https://tendersodisha.gov.in** any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

Sd.- Er. J.N. Nayak
Superintending Engineer
Phulbani (R&B) Circle, Phulbani
34129/11/0026/1819

**ODISHA STATE MEDICAL CORPORATION LIMITED (OSMC)**
Infront of Ram Mandir, Convent Square, Unit - III, Bhubaneswar - 751 001
Tel.: (0674) 2380608, Website: www.osmcl.nic.in, E-mail: proc.osmcl.od@nic.in
Assuring Quality, Saving Lives
Date: 02.03.2019

**NOTICE INVITING E-TENDER FOR SUPPLY, INSTALLATION & COMMISSIONING ON TURNKEY BASIS OF WASTE INCINERATOR FOR BIOMEDICAL WASTE MANAGEMENT UNITS**

No.: CAD-1560: **Online Bids** through e-Tender portal (**https://tendersodisha.gov.in**) are invited from eligible bidders for supply, installation & commissioning of equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost Inclusive of GST (Rs.) |
|---|---|---|---|
| 1 | OSMCL/2018-19/EQP-Incinerator/34 | Supply, Installation & commissioning on turnkey basis of Waste Incinerator for Biomedical Waste Management Unit | 5,600/- |

| Sl. No. | Particulars | Date and Time | |
|---|---|---|---|
| 1. | Date & time of release of bid | 02.03.2019, 6 P.M. | |
| 2. | Date & time of Pre-bid meeting | 11.03.2019, 11 A.M. Venue: Conference Hall, Odisha State Medical Corporation Ltd., Convent Square, Unit - III, Bhubaneswar | |
| 3. | Date & time of Online bid submission | Start Date & Time: 16.03.2019, 3 P.M. | End Date & Time: 10.04.2019, 5 P.M. |
| 4. | Date & time of Online Technical Bid opening | 15.04.2019, 03 P.M. | |
| 5. | Date of demonstration of Equipment (if required by the tender inviting authority for some equipments) | To be informed to those bidders whose bids are found to be technically responsive based on documents furnished in Technical Bid. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

10112/11/0066/1819 Sd./- Managing Director, OSMC Ltd., Odisha

**ODISHA STATE MEDICAL CORPORATION LIMITED (OSMC)**
Infront of Ram Mandir, Convent Square, Unit - III, Bhubaneswar - 751 001
Tel.: (0674) 2380608, Website: www.osmcl.nic.in, E-mail: proc.osmcl.od@nic.in
Assuring Quality, Saving Lives
Date: 02.03.2019

**NOTICE INVITING E-TENDER FOR SUPPLY, INSTALLATION & COMMISSIONING ON TURNKEY BASIS OF WASTE MANAGEMENT EQUIPMENTS FOR BIOMEDICAL WASTE MANAGEMENT UNITS**

No.: CAD-1559: **Online Bids** through e-Tender portal (**https://tendersodisha.gov.in**) are invited from eligible bidders for supply, installation & commissioning of equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost Inclusive of GST (Rs.) |
|---|---|---|---|
| 1 | OSMCL/2018-19/EQP-BMW/33 | Supply, Installation & Commissioning on turnkey basis of Waste Management Equipments for Biomedical Waste Management Unit | 5,600/- |

| Sl. No. | Particulars | Date and Time | |
|---|---|---|---|
| 1. | Date & time of release of bid | 02.03.2019, 6 P.M. | |
| 2. | Date & time of Pre-bid meeting | 11.03.2019, 11 A.M. Venue: Conference Hall, Odisha State Medical Corporation Ltd., Convent Square, Unit - III, Bhubaneswar | |
| 3. | Date & time of Online bid submission | Start Date & Time: 16.03.2019, 3 P.M. | End Date & Time: 10.04.2019, 5 P.M. |
| 4. | Date & time of Online Technical Bid opening | 15.04.2019, 03 P.M. | |
| 5. | Date of demonstration of Equipment (if required by the tender inviting authority for some equipments) | To be informed to those bidders whose bids are found to be technically responsive based on documents furnished in Technical Bid. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

10112/11/0065/1819 Sd./- Managing Director, OSMC Ltd., Odisha

**GOVERNMENT OF ODISHA**
**DEPARTMENT OF TOURISM**
No. 3067/ TSM Bhubaneswar the, 07.03.2019
T.Cond-II-PPP-04/2019

**REQUEST FOR PROPOSAL (RFP)**
**FOR SELECTION OF AGENCY FOR OPERATION & MANAGEMENT OF WAYSIDE AMENITIES CENTRE (WAC) OWNED BY DEPT. OF TOURISM, GOVT OF ODISHA IN VARIOUS LOCATIONS THROUGH PUBLIC PRIVATE PARTNERSHIP.**

No. 37-R: Department of Tourism, Government of Odisha invites proposals from the intended firms for Operation & Management of Wayside Amenities Centre (WAC) owned by Dept. of Tourism, Government of Odisha in various locations through Public Private Partnership(PPP). The detailed RFP document can be seen and downloaded from the Department website https//: dot.odishatourism.gov.in/?q=tender. The last date for receipt of application is 17.04.2019 up to 3 pm. The technical proposal shall be opened on the same date at 4 pm in the presence of the bidder's representative. The authority reserves the right to reject all or any of the proposals without assigning any reason whatsoever and cancel the entire bidding process.

37001/11/0102/1819 Sd./- Deputy Director, Tourism

# CLASSIFIED DISPLAY

**ALL EDITION-B/W (Every Day)** **For Booking Contact: 0674-2580385, 7894447131, 7894447148, 9437038266, 7894447166**


**DANCE CLASS**
Ollywood Choreographer Famous Trainer Semiclassical, Hip hop, Contemporary, Free Style Bollywood Dance
Continuing at:- Curve Gym Near Jharapada Fly Over, Indian Oil Petrol Pump, Cuttack Road, Bhubaneswar.
Contact: 9438668573

**!!ଋଣ ଋଣ ଋଣ!!**
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914 9319817746 9650353144
Add. : T-51, Gali No. 8, Gautampuri, Delhi

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ । ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ । ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ । ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

GET INSTANT CASH AGAINST GOLD
**GOLD CASH**™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8570062731

**FINANCE**
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461 7839995611

**ଋଣ**
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808 9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ ।
A to Z ସମସ୍ୟାର ସମାଧାନ ଘରେ ବସି ।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର ।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF **MORE SPACE • SAME PRICE** * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**Dhanlaxmi Bank Finance**
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

ଡିଜିଟାଲ ଉପକରଣ -କମ୍ପାନୀ-
**SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା । ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ ।
6205322038 7488802117
Bukaro malepur, jamui Bihar-811313

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469 8395030162

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
**SHIVAM Corporation**
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062 8580119287


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## ସଂକ୍ଷେପରେ

### ବରହମପୁରରେ ନୂତନ ଥାନା ଗୃହ ଉଦ୍‌ଘାଟିତ



ସଜନାଗଡ଼, ୮।୩(ଡି.ଏନ.ଏ.): ନୀଳଗିରି ବ୍ଲକ ଅନ୍ତର୍ଗତ ବରହମପୁର ଥାନା ପରିସରରେ ନିର୍ମିତ ହୋଇଥିବା ନୂତନ ଥାନା ଗୃହ ଉଦ୍‌ଘାଟିତ ହୋଇଛି। ନୀଳଗିରି ବିଧାୟକ ସୁକାନ୍ତ କୁମାର ଯୋଗଦେଇ ଗୁରୁବାର ଅପରାହ୍ନରେ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବାଞ୍ଚଳ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ସମ୍ମାନନୀୟ ଅତିଥି ଭାବେ ଏସ୍‌ପି ବି. ଯୁଗୋଳ କିଶୋର କୁମାର, ନୀଳଗିରି ଉପଜିଲାପାଳ ବିଶାଲ ସିଂହ, ନୀଳଗିରି ଆଇଆଇସି ଲଳିତା ମୋଦି ମଞ୍ଚାସୀନ ରହି ବକ୍ତବ୍ୟ ଦେଇଥିଲେ। ନୀଳଗିରି ଏସ୍‌ଡିପିଓ ସୁଦାମ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରହମପୁର ଥାନାର ନୂତନ ଓଆଇସି ଅଜୟ କୁମାର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ବରହମପୁର ଥାନା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଚୋରି ଉଦ୍ୟମ, ଯୁବକ ଗିରଫ

ରୂପ୍‌ସା, ୮।୩(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ ହଳଦୀପଦା ବଜାରରେ ଥିବା ସୁଦର୍ଶନ ବରଙ୍କ ଷ୍ଟେଶନେରି ଦୋକାନ ତାଲା ଭାଙ୍ଗି ଶୁକ୍ରବାର ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ବସ୍ତା ଥାନାରେ ଏକ ମାମଲା (ନଂ. ୬୨/୧୯) ରୁଜୁ ହୋଇଛି। ଗୋବିନ୍ଦା ଗ୍ରାମର ଯୁବକ ଅରୁଣ କୁମାର ଜେନାଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସକାଳେ ଅରୁଣ ଚୋରି ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ବ୍ୟବସାୟୀ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

## ଅଂଶୁଘାତ ମୁକାବିଲା ସମ୍ପର୍କିତ ବୈଠକ

# ୧୫ରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

**ବାଲେଶ୍ୱର ଅଫିସ, ୮।୩**




ବୈଠକ ଉପସ୍ଥିତ ଅଧିକାରୀ।

ଆଗାମୀ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ଗ୍ରୀଷ୍ମପ୍ରବାହରେ ଯେପରି ଧନଜୀବନ ବିପର୍ଯ୍ୟସ୍ତ ନ ହୁଏ, ଜନସାଧାରଣ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଆଲୋଚନା କରି ଜିଲାପାଳ ଗ୍ରାମ୍ୟ ଜଳଯୋଗାଣ, ଜନସ୍ୱାସ୍ଥ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ, ରାଜସ୍ୱ ବିଭାଗ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି।

ପ୍ରଚଣ୍ଡ ରୌଦ୍ରତାପରେ ଯାନବାହନରେ ଯାତ୍ରା କରୁଥିବା ଯାତ୍ରୀମାନେ ଯେପରି ଅଂଶୁଘାତର ଶିକାର ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ବସ୍‌ଗୁଡିକର ସମୟ ସାରଣୀରେ ସାମାନ୍ୟ ପରିବର୍ତ୍ତନ କରିବାକୁ କୁହାଯାଇଛି। ଅଂଶୁଘାତ ସୂଚନା ନିମନ୍ତେ ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ, ତହସିଲଦାର କାର୍ଯ୍ୟାଳୟର ଟେଲିଫୋନ ୨୪ ଘଣ୍ଟିଆ ଭାବେ ଖୋଲାରହିବ। ଏହାଛଡ଼ା ୧୯୧୬ ନିଃଶୁଳ୍କ ଫୋନ ନମ୍ବର ଏହି ସେବା ଯୋଗାଇବା ପାଇଁ ପ୍ରସ୍ତୁତ ରହିବ। ଖରାଦିନେ ଜଳକ୍ଲିଷ୍ଟ ସ୍ଥାନଗୁଡିକରେ ଜନସାଧାରଣଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଜଳଛତ୍ରଗୁଡ଼ିକ ସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ବିଡିଓମାନେ ନିଜ ବ୍ଲକ ଅଞ୍ଚଳର ଜନଗହଳି ସ୍ଥାନ ଚିହ୍ନଟ କରି ଏଦିଗରେ ପଦକ୍ଷେପ ନେବେ। ସେହିପରି ସହରାଞ୍ଚଳଗୁଡ଼ିକ ପାଇଁ ନିର୍ବାହୀ ଅଧିକାରୀମାନଙ୍କୁ ତା'ର ଦାୟିତ୍ୱନ୍ୟସ୍ତ କରାଯାଇଛି। ଗାଈ, ଗୋରୁ ତଥା ଅନ୍ୟାନ୍ୟ ଗୃହପାଳିତ ପଶୁପକ୍ଷୀମାନଙ୍କ ପାଇଁ ଚହଲା ତଥା ନଳକୂପଗୁଡ଼ିକ ନିକଟରେ ବୋହିଯାଉଥିବା ଜଳକୁ ସଂରକ୍ଷଣ କରିବା ନିମନ୍ତେ ବନ୍ଦୋବସ୍ତ କରିବାକୁ କୁହାଯାଇଛି। ବନଖଣ୍ଡ ଅଧିକାରୀଙ୍କୁ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କ୍ଷୁଦ୍ର ଜଳାଶୟ ସୃଷ୍ଟି କରିବା ପାଇଁ କୁହାଯାଇଛି। ସେହିପରି ପୂର୍ବରୁ ରହିଥିବା ସରକାରୀ ନିର୍ଦ୍ଦେଶ ପ୍ରକାରେ ସ୍କୁଲ, କଲେଜ ସକାଳ ସାଢେ ୬ଟାରୁ ସାଢେ ୧୦ଟା ମଧ୍ୟରେ ଖୋଲିବାକୁ ଏବଂ କଳକାରଖାନାର ଶ୍ରମିକଙ୍କ କାର୍ଯ୍ୟ ସମୟ ପରିବର୍ତ୍ତନ ପାଇଁ ପଦକ୍ଷେପ ନେବାକୁ ଡିଏଲଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପ୍ରତି ବ୍ଲକରେ ନିୟନ୍ତ୍ରଣ କକ୍ଷ ସ୍ଥାପନ କରି ଏକ ସ୍ଥାୟୀ ଯୋଗାଯୋଗ ନମ୍ବର ଜନସାଧାରଣଙ୍କୁ ଜଣାଇଲେ ଲୋକେ ଯୋଗାଯୋଗ କରି ଜଳସମସ୍ୟା ଜନିତ ଅଭିଯୋଗ କରିପାରିବେ ବୋଲି ପରାମର୍ଶ ଦିଆଯାଇଛି। ଅଂଶୁଘାତ ମୃତ୍ୟୁ ଘଟଣାର ତଦନ୍ତ ଯୁଗ୍ମ ଭାବେ ତହସିଲଦାର ଓ ମେଡ଼ିକାଲ ଅଫିସରଙ୍କ ଦ୍ୱାରା କରାଯାଇ ତାହାର ଅନୁସନ୍ଧାନ ରିପୋର୍ଟ ଜିଲାପାଳଙ୍କୁ ୨୪ଘଣ୍ଟା ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାର୍ଚ୍ଚ ୧୫ରୁ ଜିଲାସ୍ତରୀୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯଥେଷ୍ଟ ପରିମାଣରେ ଓଆର୍‌ଏସ୍, ଔଷଧ ମହଜୁଦ ରଖିବା ଏବଂ ଅଂଶୁଘାତ ମୁକାବିଲା ସମ୍ପର୍କରେ ସ୍ୱାସ୍ଥ୍ୟ କାନ୍ଥ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଲ ସିଂହ, ଜରୁରୀକାଳୀନ ଅଧିକାରୀ ଅଭୟ କୁମାର ନାୟକଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର ଏବଂ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୫ ଦିନ ହେଲା ପାଣିପମ୍ପ ଅଚଳ

**ବାଲିଆପାଳ, ୮।୩ (ଡି.ଏନ.ଏ.)**

ଖରାଦିନ ଆରମ୍ଭ ହେଉଣୁ ବାଲିଆପାଳ ଅଞ୍ଚଳରେ ପାନୀୟଜଳ ସମସ୍ୟା ଦେଖାଦେଲାଣି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ପଞ୍ଚାୟତ କିମ୍ବା ଗ୍ରାମ୍ୟ ଜଳଯୋଗାଣ ବିଭାଗ ଏ ଦିଗରେ ପ୍ରତିକାର ନ କରି ନୀରବ ରହିବା ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗକୁ ଏହି ସମସ୍ୟା ଆହୁରି ଉତ୍କଟ ହେବ ଏଥିରେ ସନ୍ଦେହ ନାହିଁ। ଏଭଳି ଏକ ନଜିର ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ।

ଦୀର୍ଘ ୫ରୁ ୬ ବର୍ଷ ଧରି ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ ଏହି ଗ୍ରାମରେ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଥିଲା। ଗ୍ରାମର ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ପରିବାର ଏହା ଉପରେ ନିର୍ଭର କରି ଚଳିଆସୁଥିଲେ। ଗତ କିଛିଦିନ ତଳେ ପାଣି ପମ୍ପଘର ସଂଲଗ୍ନ ବାସନ୍ତୀ ପୂଜା ମଣ୍ଡପର ପୁରୁଣା ଘରକୁ ଭଙ୍ଗାଯାଇ ନୂତନ ଘର ନିର୍ମାଣ ପାଇଁ ବୋରିଂ କାର୍ଯ୍ୟ ଚାଲୁଥିଲା। ଏହି କାର୍ଯ୍ୟରେ ନିୟୋଜିତ ଥିବା ଏକ ଜେସିବି ମେଶିନର ଚାପାରେ ପାଣି ପାଇପ ଫାଟି ନଷ୍ଟ ହୋଇଯାଇଥିଲା। ଫଳରେ ଜଳଯୋଗାଣ କାର୍ଯ୍ୟ ବ୍ୟାହତ ହୋଇଥିଲା। ଏହାକୁ ମରାମତି କରିବା ପାଇଁ ଗ୍ରାମବାସୀ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି କେହି ଏହାର ମରାମତି କରୁ ନ ଥିବାରୁ ପାଣି ବିନା ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମଠାରୁ ୧ କି.ମି. ଦୂରରୁ ମହିଳାମାନେ ପାନୀୟଜଳ ଆଣୁଥିବାରୁ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ତୁରନ୍ତ ଏହାର ମରାମତି ନ ହେଲେ ଗ୍ରାମବାସୀ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ତୁରନ୍ତ ଏହି କାର୍ଯ୍ୟ କରାଯିବ ବୋଲି ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ହରେନ୍ଦ୍ର ପ୍ରଧାନ କହିଛନ୍ତି।



ଅଚଳ ହୋଇପଡ଼ିଥିବା ପାଣିପମ୍ପ।

## ସେଲ୍ଫି କର୍ଣ୍ଣର



ସିମ୍ରନ



ମାନସ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)







## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷାର ଶେଷ ଦିନ କପି କରି ଧରାପଡ଼ିଲେ ୯ ପରୀକ୍ଷାର୍ଥୀ

**ବନ୍ତ, ୮।୩ (ଡି.ଏନ.ଏ.):** ଶୁକ୍ରବାର ଥିଲା ମାଟ୍ରିକ ପରୀକ୍ଷାର ଶେଷ ଦିନ। ବନ୍ତ ବ୍ଲକର ବିଭିନ୍ନ ପରୀକ୍ଷାକେନ୍ଦ୍ରରେ ୯ ପରୀକ୍ଷାର୍ଥୀ କପି କରି ଧରାପଡ଼ିଛନ୍ତି। ଇତିହାସ ଓ ଭୁଗୋଳ ପରୀକ୍ଷା ଚାଲିଥିବା ବେଳେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ଗଠିତ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଇ ଟିଲୋ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୪, ଗଣିଜାଙ୍ଗସ୍ଥିତ ନେହେରୁ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୪ ଓ ଅଢାଳପଙ୍କ କୃପାସିନ୍ଧୁ ହାଇସ୍କୁଲ କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀଙ୍କୁ ଏକ୍ସପେଲ୍ କରାଯାଇଥିବା ସୂଚନା ମିଳିଛି।

### ଚୋରକୁ ଧରି ପୋଲିସ ଜିମା ଦେଲେ

**ତିହିଡ଼ି, ୮।୩ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତ ମିର୍ଜାପୁରସ୍ଥିତ ବାସୁଳି ମନ୍ଦିରରୁ ଗୁରୁବାର ରାତିରେ ମୁକୁଟ ଚୋରି କରୁଥିବା ବେଳେ ଜଣେ ଚୋରଙ୍କୁ ଗ୍ରାମବାସୀ ଧରି ପୋଲିସକୁ ଜିମା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୯୭/୧୯) ରୁଜୁ କରିଛି। ଧରାପଡ଼ିଥିବା ହରିପୁର ଗ୍ରାମର ଅଶ୍ୱିନୀ ଦାସଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଶ୍ୱିନୀ ବାସୁଳି ମନ୍ଦିର ଗ୍ରୀଲ୍ ଭାଙ୍ଗି ଭିତରକୁ ପଶି ମୁକୁଟ ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଥିଲେ।

### ତ୍ରିମୂର୍ତ୍ତି ଶିବ ଜୟନ୍ତୀ

**ଭଦ୍ରକ ଅଫିସ, ୮।୩ :**ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଚରମ୍ପା (ପଥରାଡ଼ି) ଶାଖାରେ ମହାଶିବରାତ୍ରି ଅବସରରେ ପରମପିତା ପରମାତ୍ମା ଶିବଙ୍କ ଜନ୍ମଦିନ ତଥା ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ ହୋଇଯାଇଛି। ଭଦ୍ରକ ଆଶ୍ରମର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ, ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାକୁମାର ଶାନ୍ତନୁ ଭାଇ, ସୌଭାଗ୍ୟ ଭାଇ ଓ ମନୋଜ ଭାଇ ଉପସ୍ଥିତ ଥିଲେ। ଅତିଥି ଭାବେ ହରମୋହନ ଦାସ, ବିଷ୍ଣୁ ପଲେଇ, ବ୍ୟଙ୍ଗକବି ବିଜୟ କୁମାର ବହାଲି, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଭଉଣୀ ଭାଇ ଯୋଗ ଦେଇଥିଲେ। ଏହି ପବିତ୍ର ଦିବସରେ ଶିବ ପରମାତ୍ମାଙ୍କ ଧ୍ୱଜା ଉଡ଼ାଇବା ପରେ ସମସ୍ତେ ଶିବ ସନ୍ଦେଶକୁ ଘରେ ଘରେ ପହଞ୍ଚାଇବା ପାଇଁ ସଂକଳ୍ପ ନେଇଥିଲେ।

### ଖାଉଟି ସଚେତନତା

**ଭଦ୍ରକ ଅଫିସ, ୮।୩:** ଭଣ୍ଡାରିପୋଖରୀ ବ୍ଲକ ନଗୁଁଆ ପଞ୍ଚାୟତ ଡଗରପଡ଼ା ସେବାଶ୍ରମ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଦ୍ୟାଳୟସ୍ତରୀୟ ଖାଉଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ପକ୍ଷରୁ ଜିଲା ଯୋଗାଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାସଂଘର ସମ୍ପାଦିକା ବନିତା ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝି ଓ ସ୍କୁଲର ପ୍ରଧାନ ଶିକ୍ଷକ ଅବନି ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟସ୍ତରରୁ ଛାତ୍ରୀଛାତ୍ର ସଚେତନ ହେଲେ ଠକେଇ ଅନେକାଂଶରେ ନିୟନ୍ତ୍ରଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଆଜିର ଶିଶୁ କାଲିର ଭବିଷ୍ୟତ। ଏଣୁ ବିଦ୍ୟାଳୟସ୍ତରରୁ ହିଁ ସଚେତନତା ଆବଶ୍ୟକ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଆଇନଜୀବୀ ବସନ୍ତ କୁମାର ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

### ୧୩ରୁ ଖ୍ୱାଜା ଗରିବ୍ ନୱାଜଙ୍କ ବାର୍ଷିକ ଉତ୍ସବ

**ଭଦ୍ରକ ଅଫିସ, ୮।୩:** ଖ୍ୱାଜା ଗରିବ୍ ନୱାଜ କମିଟି ଆନୁକୂଲ୍ୟରେ ଭଦ୍ରକ ପୁରୁଣାବଜାରସ୍ଥିତ ଜାମା ମସ୍‌ଜିଦ୍ ଛକ ସରଜମିନ୍‌ଠାରେ ଆସନ୍ତା ୧୩ରୁ ଖ୍ୱାଜା ଗରିବ୍ ନୱାଜ(ର:ଅ)ଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଦୁଇଦିନ ଧରି ଏହି ଉତ୍ସବ ଚାଲିବ। ୧୩ ତାରିଖ ୪ଟାରେ ପୁରୁଣାବଜାରରୁ ଚାଦର ଶୋଭାଯାତ୍ରା ବାହାରି ବାଇପାସ୍ ରୋଡସ୍ଥିତ ଖାନକାହା ସରିଫ୍‌ରେ ପହଞ୍ଚିବ। ସେଠାରେ ବଡ଼ ସରକାର ବାବା ଓ ସାନ ସରକାର ବାବାଙ୍କ ସମାଧିରେ ଚାଦର ଚଢ଼ାଯିବ। ରାତି ୮ ଟାରେ ଜାମା ମସ୍‌ଜିଦ୍ ଛକଠାରେ ଲଙ୍ଗର ଓ ୧୪ ତାରିଖ ରାତି ୮ଟାରେ ଧର୍ମସଭା ଅନୁଷ୍ଠିତ ହେବ। ଧର୍ମସଭାରେ ଭାରତର ସୁପ୍ରସିଦ୍ଧ ମୌଲାନା(ପଣ୍ଡିତ), ସାଏର(କବି)ମାନେ ଯୋଗଦେବେ ବୋଲି ଖ୍ୱାଜା ଗରିବ୍ ନୱାଜ କମିଟି ସଭାପତି ନସୁର ଖାଁ, ଉପସଭାପତି ଶେଖ୍ ଅନୱର, ସମ୍ପାଦକ କଲିମୁଦ୍ଦିନ ଖାଁ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ନିଷ୍ଠା, ଉଦ୍ୟମ ଆଣିଦେଇଛି ସଫଳତା

**ଆରଡ଼ି, ୮।୩ (ଡି.ଏନ.ଏ.)**



ନିଜ ଦୋକାନରେ ସୁଜାତା।

- **ଭିନ୍ନକ୍ଷମଙ୍କ ପାଇଁ ପ୍ରେରଣା ସୁଜାତା**
- **ସାମାଜିକ କାର୍ଯ୍ୟକ୍ରମରେ ସେ ଆଗୁଆ**

ପିଲାଦିନୁ ପୋଲିଓରେ ଆକ୍ରାନ୍ତ ସୁଜାତା। ଡାହାଣ ଗୋଡ଼ ଅଚଳ। ଡାହାଣ ଆଖି ମଧ୍ୟ ନଷ୍ଟ ହୋଇଯାଇଛି। ଝିଅର ଏପରି ଅବସ୍ଥା ଦେଖି ଦୁଃଖରେ ଭାଙ୍ଗି ପଡ଼ିଥିଲେ ମା'ବାପା। ତଥାପି ଝିଅକୁ ପାଠ ପଢ଼ାଇ ମଣିଷ କରିବାକୁ ଲକ୍ଷ୍ୟ ରଖିଥିଲେ। ଭିନ୍ନକ୍ଷମ ହୋଇଥିବାରୁ ସୁଜାତା ଦୂର ସ୍ଥାନକୁ ଯାଇ ପାଠପଢ଼ି ପାରିଲେନି। ଯୁକ୍ତ ୨ ପାସ୍ ପରେ ପାଠପଢ଼ାରେ ଡୋରି ବନ୍ଧା ହୋଇଥିଲା। କିନ୍ତୁ ମା'ବାପାଙ୍କ ଉପରେ ବୋଝ ନ ହୋଇ ମଠଡିହ ବଜାରରେ ଏକ ଲେଡିଜ କର୍ନର ଖୋଲି ଆତ୍ମନିର୍ଭରଶୀଳ ହେବା ସହ ଭିନ୍ନକ୍ଷମଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଆନ୍ତରିକ ଇଚ୍ଛା ଓ ଅକ୍ଳାନ୍ତ ପରିଶ୍ରମ ଆଗକୁ ବାଟ କଢ଼ାଇ ନେଇଥାଏ। ତାଙ୍କର ନିଷ୍ଠା ଓ ଉଦ୍ୟମ ତାଙ୍କୁ ସଫଳତା ଆଣିଦେଇଛି ବୋଲି ସେ କହିଛନ୍ତି।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଓଳଗ ଗାଁରେ ସୁଜାତାଙ୍କ ଘର। ବାପା ଶରତ ନାୟକ ଜଣେ କ୍ଷୁଦ୍ର ବ୍ୟବସାୟୀ। ମା' ଭାରତୀ ଗୃହିଣୀ। ୧୯୯୯ ମସିହାରେ ଯୁକ୍ତ ୨ ପଢ଼ା ଶେଷ ପରେ ଆତ୍ମନିର୍ଭରଶୀଳ ହେବାକୁ ଉଦ୍ୟମ ଆରମ୍ଭ କରିଥିଲେ ସୁଜାତା। ଛୋଟ ପିଲାଙ୍କ ସହ ସମୟ କାଟିବାକୁ ମନସ୍ଥ କରି ଟ୍ୟୁଶନ ଆରମ୍ଭ କଲେ। ସେଥିରୁ ଯାହା ଟଙ୍କା ମିଳୁଥିଲା ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସେଥିରୁ କିଛି ଅର୍ଥ ସଞ୍ଚୟ କରି ଭବିଷ୍ୟତ ଜୀବନ ପାଇଁ ବାଟ ଖୋଜୁଥିଲେ। ୭୦ ପ୍ରତିଶତ ଶାରୀରିକ ଅକ୍ଷମ ପ୍ରମାଣପତ୍ର ପାଇଥିଲେ ବି ତାଙ୍କୁ ମିଳୁ ନ ଥିଲା ଭିନ୍ନକ୍ଷମ ଭତ୍ତା। ନିଜେ ଚେଷ୍ଟା କରି ବହୁ ନେତାଙ୍କୁ ଧରାଧରି କରି ଏବେ ସେ ମାସିକ ୭୦୦ଟଙ୍କା ଭତ୍ତା ପାଉଛନ୍ତି। ଏହାବ୍ୟତୀତ ତାଙ୍କୁ ୧୦ କିଲୋ ଚାଉଳ ସରକାରଙ୍କ ତରଫରୁ ମିଳୁଛି। ଏତିକିରେ ସନ୍ତୁଷ୍ଟ ନ ହୋଇ ଆଗକୁ ବଢ଼ିବାର ସ୍ୱପ୍ନ ନେଇ ମଠଡିହ ବଜାର ଉପରେ ଏକ ଲେଡିଜ କର୍ନର ଖୋଲି ବ୍ୟବସାୟ କରୁଛନ୍ତି। ସାମାଜିକ କାର୍ଯ୍ୟକ୍ରମରେ ବି ସେ ବହୁ ଆଗରେ। ଓଳଗ ପ୍ରଗତି ଯୁବକ ସଂଘର ସଭାନେତ୍ରୀ ଭାବେ ସେ ଦାୟିତ୍ୱ ତୁଲାଉଛନ୍ତି। ଅନ୍ୟ ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସେ ଗାଁ ଗାଁ ବୁଲି ତଥ୍ୟ ସଂଗ୍ରହ କରି ଚେଷ୍ଟା ଜାରି ରଖିଛନ୍ତି। ନିକଟରେ ସେ ଆରଡ଼ି ପଞ୍ଚାୟତରେ ମାସିକ ୪ ହଜାର ଟଙ୍କା ଦରମାରେ ଏକ କାମ ପାଇଛନ୍ତି। ଆନ୍ତର୍ଜାତିକ ମହିଳା ଦିବସରେ ୩୮ ବର୍ଷୀୟା ସୁଜାତାଙ୍କ ସୁକର୍ମ ପାଇଁ ବିଭିନ୍ନ ସାମାଜିକ ସଂଗଠନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହେଉଛି।

## ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

**ଭଦ୍ରକ ଅଫିସ, ୮।୩**

ଶୁକ୍ରବାର ସନ୍ଧ୍ୟାରେ ୧୬ ନମ୍ବର ଜାତୀୟ ରାଜପଥର ରାହାଞ୍ଜି ଓ ଅସୁରା ମଧ୍ୟଭାଗ ପେଟ୍ରୋଲ ପମ୍ପ ନିକଟରେ ଏକ ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ପାରାଦୀପରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଏହି ଟ୍ୟାଙ୍କର ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ହୋଇଥିଲା। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରଠାରୁ ପ୍ରାୟ ୫୦୦ ମିଟର ଦୂରରୁ ଉଭୟପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ କରିଦିଆଯାଇଥିଲା। ୩ଟି ସ୍ଥାନରୁ ଅଗ୍ନିଶମ ଦଳ ପହଞ୍ଚି ଟ୍ୟାଙ୍କର ଉପରେ ପାଣି ସ୍ପ୍ରେ କରିଥିଲେ। ନିକଟସ୍ଥ ଅସୁରା ଓ ରାହାଞ୍ଜି ଗାଁରେ ନିଆଁ ନ ଲଗାଇବାକୁ ସତର୍କ କରାଯାଇଥିଲା। ଘଟଣାସ୍ଥଳରେ ଭଦ୍ରକ ଜିଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଥିଲେ। ଆଖପାଖ ୧୦ଟି ଗାଁରେ ବିଦ୍ୟୁତ୍ କାଟ୍ କରିଦିଆଯାଇଥିଲା।

## ଭଦ୍ରକରେ ଖୋଲିଲା ପ୍ରଥମ ବୃଦ୍ଧାଶ୍ରମ



ବୃଦ୍ଧାଶ୍ରମ ଉଦ୍‌ଘାଟନୀ ଉତ୍ସବରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ଭଦ୍ରକ ଅଫିସ, ୮।୩**

ଘରୋଇ ଉଦ୍ୟମରେ ଭଦ୍ରକ ଜିଲା ଚରମ୍ପା ନିକଟସ୍ଥ ଧାମରା ରେଳପଥ ପାର୍ଶ୍ୱରେ 'ରମା ଉଲ୍ଲାସ ସଦନ' ନାମକ ଏକ ବୃଦ୍ଧାଶ୍ରମ ଉଦ୍‌ଘାଟିତ ହୋଇଯାଇଛି। ବୟୋଜ୍ୟେଷ୍ଠ, ନିରାଶ୍ରୟଙ୍କ ସୁଖଶାନ୍ତିର ଆଶ୍ରୟସ୍ଥଳ ରୂପେ ଗୁଲଜାରିମଲ ଦୁର୍ଗାଦତ୍ତ ମେମୋରିଆଲ ଟ୍ରଷ୍ଟ ପ୍ରଦତ୍ତ ଏକ ଗୃହରେ ଉଲ୍ଲାସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ବୃଦ୍ଧାଶ୍ରମକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ଟ୍ରଷ୍ଟର ସଭାପତି ରାଜକିଶୋର ଅଗ୍ରୱାଲ, ଜାପାନ ଟୋକିଓରେ କାର୍ଯ୍ୟରତ ଓଡ଼ିଆ ଇଂ. ବିକାଶ କୁମାର ମହାନ୍ତି ଯୋଗ ଦେଇଥିଲେ। ଡା. ପ୍ରଭାସ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସାମାଜିକ କର୍ମୀ ସୀତାକାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୃଦ୍ଧାଶ୍ରମରେ ସମାଜର ଅବହେଳିତ, ନିଃସହାୟ, ନିରାଶ୍ରୟ ୧୦୦ ଜଣ ଅନ୍ତେବାସୀ ରହିବାର ସୁବିଧା ରହିଛି। ବୃଦ୍ଧାଶ୍ରମ ସହ ଭିନ୍ନକ୍ଷମମାନଙ୍କ ଧନ୍ଦାମୂଳକ କର୍ମ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ଉପଲବ୍ଧ ରହିଛି। ଭଦ୍ରକ ସାଲନ୍ଦୀ ହସ୍ପିଟାଲ ଦ୍ୱାରା ପ୍ରତିଷ୍ଠିତ ଉଲ୍ଲାସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଏହି କେନ୍ଦ୍ର ଓ ବୃଦ୍ଧାଶ୍ରମ ପରିଚାଳିତ ହେଉଛି ଓ ଡା. ପ୍ରଭାସ କୁମାର ମହାନ୍ତି ଏହାର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ତୁଲାଉଥିବା କୁହାଯାଇଛି। ଶେଷରେ ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ ଶାନ୍ତି ପାଠ ଓ ରୋଟାରିଆନ ଶିଶୀର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକର ଅନେକ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଶିଷ୍ଟ ନାଗରିକମାନେ ଯୋଗ ଦେଇଥିଲେ।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

**ଆରଡ଼ି, ୮।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ କୁଳେଇପଦାସ୍ଥିତ ସତ୍‌ସଙ୍ଗ ବିହାର ନିକଟରେ ଆଖଣ୍ଡଳମଣି–ଭଦ୍ରକ ରାଜ୍ୟ ରାଜପଥରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ସାନଓଳଗ ଗ୍ରାମର ଅଜିତ ନାୟକ(୩୩) ଏବଂ ଆହତଦ୍ୱୟ ହେଲେ କୁଳେଇପଦାର ସମ୍ମିତ ନାୟକ ଓ ସୁଧାକର ଜେନା। ଅଜିତ ଆରଡ଼ିରୁ ବାଇକ୍‌ରେ ଫେରୁଥିବା ବେଳେ ସମ୍ମିତ ଓ ସୁଧାକର ଏକ ବାଇକ୍‌ରେ ଯାଉଥିଲେ। ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଅଜିତଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଅନ୍ୟ ୨ଜଣ ଆହତ ହୋଇଥିଲେ। ସ୍ଥାନୀୟ ଯୁବକମାନେ ୩ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅଜିତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଉଲ୍ଲେଖନୀୟ ଯେ, ଅଜିତ ଜାମସେଦପୁର ଟାଟାରେ ଚାକିରି କରିଥିଲେ। ସେ ଏକ ସପ୍ତାହ ତଳେ ଛୁଟିରେ ଘରକୁ ଆସିଥିଲେ। ଘରେ ତାଙ୍କର ସ୍ତ୍ରୀ ଓ ଏକ ଛୋଟ ପୁଅ ଅଛନ୍ତି।

## ଏନ୍‌ଏସି ଅଫିସ ସମ୍ମୁଖରେ ଗାନ୍ଧୀନଗରବାସୀଙ୍କ ଧାରଣା

**ଚାନ୍ଦବାଲି, ୮।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ଗାନ୍ଧୀନଗର ଗାଁର ଲୋକଙ୍କୁ ଘରଡିହ ପଟ୍ଟା ମିଳିଛି। ହେଲେ ସେମାନଙ୍କୁ ଘର ଓ ଶୌଚାଳୟ ୱାର୍କଅର୍ଡର ମିଳିପାରି ନାହିଁ। ୱାର୍କଅର୍ଡର ଦାବିରେ ଗାନ୍ଧୀନଗରବାସୀ ଗୁରୁବାରଠାରୁ ଏନ୍‌ଏସି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ନିକୁ ମହାଲିକ, ରବୀନ୍ଦ୍ର ସେଠୀ, ବଂଶୀଧର ମହାଲିକ, ଅବଳା ମହାଲିକ, ତୁଳସୀ ମହାଲିକ ପ୍ରମୁଖ ଏହାର ନେତୃତ୍ୱ ନେଇଛନ୍ତି। ଉଲ୍ଲେଖନୀୟ ଯେ, ୧୯୭୧ ମସିହାରୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଗାନ୍ଧୀନଗରବାସୀଙ୍କୁ ଘରଡିହ ପଟ୍ଟା ମିଳିବାରେ ବିଳମ୍ବ ହୋଇଥିଲା। ସଂଗ୍ରାମ ସେନା ଉଦ୍ୟମରେ ଗତବର୍ଷ ୭୮ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ଘରଡିହ ପଟ୍ଟା ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ଓ ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ସମସ୍ତ ପରିବାରକୁ ପକ୍କାଘର ଓ ଶୌଚାଳୟ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି ଏହାର ୱାର୍କଅର୍ଡର ମିଳିପାରି ନ ଥିବା ଅଭିଯୋଗ ହୋଇଛି। ୪ ମାସ ଧରି ଏନ୍‌ଏସି ଅଫିସକୁ ଦୌଡ଼ି ନୟାନ୍ତ ହେବା ପରେ ସେମାନେ ଧାରଣାରେ ବସିଛନ୍ତି। ଏନ୍‌ଏସି ନିର୍ବାହୀ ଅଧିକାରୀ ଅଫିସ କାମରେ ଭୁବନେଶ୍ୱର ଯାଇଛନ୍ତି। ସେ ଫୋନ ଯୋଗେ ଧାରଣା ଦେଇଥିବା ଗାନ୍ଧୀନଗରବାସୀଙ୍କ ସହିତ କଥା ହେବା ସହ ୱାର୍କଅର୍ଡର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଧାରଣା ଅବ୍ୟାହତ ରହିଛି।

## ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ

**ଧାମନଗର, ୮।୩ (ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଅନ୍ୟମାନେ।

ଧାମନଗର ବ୍ଲକରେ ୩୦ଟି ପଞ୍ଚାୟତ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଚାୟତସ୍ତରୀୟ ମିଶନ ଶକ୍ତି ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତ୍ୟେକ ପଞ୍ଚାୟତରେ ୫ ଲକ୍ଷ ଟଙ୍କା ବ୍ୟୟରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ କରାଯିବ। ଏହାଦ୍ୱାରା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ନିଜସ୍ୱ ଗୃହରେ କାର୍ଯ୍ୟ କରିବାକୁ ସୁଯୋଗ ପାଇବେ ବୋଲି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଭାବେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରକାଶ କରିଥିଲେ। ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ବିଭିନ୍ନ ପଞ୍ଚାୟତରେ ନୂତନ ଗୃହ ନିର୍ମାଣର ଶୁଭାରମ୍ଭ ହୋଇଛି। ବିଡିଓ ଦୁର୍ଗାଚରଣ ମୁର୍ମୁ, ସିଡିପିଓ ନମିତା ଦାସ, ବିବିସିସି ସଭାପତି ରଘୁନାଥ ଲେଙ୍କା, ନାରୀନେତ୍ରୀ ସୁରତୀ ନାୟକ, ନାରାୟଣ ଚନ୍ଦ୍ର ସାହୁ, ପ୍ରଦୀପ ମଲ୍ଲିକ, ହରେକୃଷ୍ଣ ପାଢ଼ୀ, ବିନୋଦ ନାୟକ, ଶରତ ମହାନ୍ତି, ପ୍ରତାପ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ଟ୍ରାକ୍ଟର ଓଲଟି ଶ୍ରମିକଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୮।୩**

ଭଦ୍ରକ ପୌରାଞ୍ଚଳ ଅଧୀନ ଗବସାହି ଲେଭେଲ କ୍ରସିଂ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଟ୍ରାକ୍ଟର ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗେଲଗୁଆ ନୂଆସାହି ଆଦିବାସୀ କଲୋନୀର ପେଙ୍ଗୁ ମୁଣ୍ଡା(୩୦)। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବେଚ୍ଛେଦ କରାଇଛି। ୨ଟି ଟ୍ରାକ୍ଟର ଗବସାହି ରେଳଲାଇନ ପାଖରୁ ମାଟି ଲୋଡ କରି ନେଉଥିଲେ। ଏହି ଟ୍ରାକ୍ଟର ଲେଭେଲ କ୍ରସିଂ ନିକଟରେ ଭାରସାମ୍ୟ ହରାଇ ପାଣି ଭର୍ତ୍ତି ନଇଯୋଗିକୁ ଓଲଟି ପଡ଼ିଥିଲା। ପେଙ୍ଗୁ ଟ୍ରାକ୍ଟର ତଳେ ପାଣି ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ କେତେକ ଯୁବକ ଓ ଟାଉନ ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରାକ୍ଟର ଡ୍ରାଇଭର ଆହତ ହୋଇଛନ୍ତି।

## ଭିନ୍ନକ୍ଷମଙ୍କୁ ବିଭିନ୍ନ ଉପକରଣ



ଜଣେ ଭିନ୍ନକ୍ଷମ ମହିଳାଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଉଛି।

**ତିହିଡ଼ି, ୮।୩ (ଡି.ଏନ.ଏ.)**

ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ବିଭିନ୍ନ ଅଞ୍ଚଳର ୨୧ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ, ଆଶାବାଡ଼ି ଓ ହୁଇଲଚେୟାର ବଣ୍ଟନ କରାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି ଉପକରଣ ବଣ୍ଟାଯାଇଥିଲା। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ଧାମନଗର ବିଧାୟକଙ୍କ ପ୍ରତିନିଧି ଚିନ୍ତାମଣି ଦାସ, ସିଡିପିଓ ଇନ୍ଦୁରେଖା ନାୟକ, ପଞ୍ଚାୟତ ଅଧିକାରୀ ତରଣୀସେନ ବାରିକ ଉପକରଣ ବିତରଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବନମାଳୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବାପୁଜୀ ନାୟକ, ସରପଞ୍ଚ ବୈକୁଣ୍ଠନାଥ ପାଣି ଓ କୀର୍ତ୍ତନ ରାଉତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶାରଦା ବଳ, ମୁଖ୍ୟ କିରାଣି ରାମଜିତ୍ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ୧୯ ଜଣ ପାଇଲେ ଅନୁକମ୍ପାମୂଳକ ନିଯୁକ୍ତି

**ଭଦ୍ରକ ଅଫିସ, ୮।୩**

ଭଦ୍ରକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ୧୯ ଜଣଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଦିଆଯାଇଛି। ଜିଲା ଶିକ୍ଷାଧିକାରୀ ସଂଗ୍ରାମ କେଶରୀ ସାହୁ ସମ୍ପୃକ୍ତ ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଓଷ୍ଟାର ଜିଲା ସମ୍ପାଦକ ପ୍ରଦୀପ୍ତ କୁମାର ଦାଶ, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ସଙ୍ଗଠନ ସମ୍ପାଦିକା ଚାରୁଲତା ମହାପାତ୍ର, ପ୍ରଧାନ ଶିକ୍ଷକ ବାଦଲ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମାଝି, କର୍ମଚାରୀ ବୈକୁଣ୍ଠ କୁମାର ମନୋହରୀ, ଓଷ୍ଟାର ବନ୍ତ ବ୍ଲକ ସମ୍ପାଦକ ଶଶୀଶେଖର କରଶର୍ମା, ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ୧୯୯୦ ମସିହା ପୂର୍ବ ଓ ୨୦୧୬ ପର୍ଯ୍ୟନ୍ତ ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀମାନେ ଗ୍ରୁପ ସି ଓ ଗ୍ରୁପ୍ ଡି ପଦବୀରେ ନିଯୁକ୍ତି ପାଇଛନ୍ତି।



ନିଯୁକ୍ତି ପତ୍ର ପ୍ରଦାନ କରାଯାଉଛି।

# 'ମହିଳା ସର୍ବଗୁଣ ସମ୍ପନ୍ନା'

**ଭଦ୍ରକ ଅଫିସ, ୮।୩**

ମହିଳାମାନେ ସର୍ବଗୁଣ ସମ୍ପନ୍ନା ବୋଲି ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଶୁକ୍ରବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଭଦ୍ରକ ସିଭିଲ୍ କୋର୍ଟ ପରିସରରେ ଅନୁଷ୍ଠିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ଜଜ୍ ଶୋଭନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିବାର ଅଦାଲତ ନ୍ୟାୟଧିଶ ସଞ୍ଜୀବ କୁମାର ଦୁବେ, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣତି ସାହା, ସ୍ଥାୟୀ ଲୋକଅଦାଲତ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଜେନା, ବରିଷ୍ଠ ଦେୱାନୀ ଜଜ୍ ଲୋପାମୁଦ୍ରା ମଲ୍ଲ, ରେଜିଷ୍ଟ୍ରାର ଜନକ ରାଉତ, ଆଇନସେବା ପ୍ରାଧିକରଣ ସଚିବ ଅପର୍ଣ୍ଣା ମହାପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁଭଗୌତମ ମିଶ୍ର, ଦେୱାନୀ କନିଷ୍ଠ ବିଚାରପତି ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରୋଜିନୀ ସାହୁ, ସୃଜନ ସାରସ୍ୱତ ଓ ସୁକନ୍ୟା ଶତପଥୀ, ପ୍ରୋବେସନର ଜଜ୍ ଲିପ୍ସା ରାଉତ, ଅମିତ କୁମାର ବେହେରା, କୋର୍ଟ ମ୍ୟାନେଜର ମାନସ କୁମାର ରଥ, ଆଇନଜୀବୀ ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିମାନେ ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏତଦ୍‌ବ୍ୟତୀତ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ସମ୍ପର୍କରେ ବିଚାରପତିମାନେ ଅବଗତ କରାଇଥିଲେ। ବହୁ ମହିଳା ସ୍ୱୟଂସହାୟକ ସଂଗଠନ, ଆଇନଜୀବୀ ଓ ପିଏଲ୍‌ଭିମାନେ ଉପସ୍ଥିତ ଥିଲେ।



ମହିଳା ଦିବସ ଉପଲକ୍ଷେ ଅନୁଷ୍ଠିତ ସଭାରେ ଉପସ୍ଥିତ ବିଚାରପତିମାନେ।

## ସଂକ୍ଷେପରେ

### ୨ ପ୍ରକଳ୍ପ ଉଦ୍‌ଘାଟିତ, ୧ ଶିଳାନ୍ୟାସ



**ଚାନ୍ଦବାଲି, ୮।୩ (ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଭୂଇଁବୃତି ପଞ୍ଚାୟତରେ ଶୁକ୍ରବାର ବିଧାୟକ ବ୍ୟୋମକେଶ ରାୟଙ୍କ ଦ୍ୱାରା ୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଗୋଟିଏର ଶିଳାନ୍ୟାସ କରାଯାଇଛି। ଜଗନ୍ନାଥପୁର-ନୂଆଗାଁ ରାସ୍ତା ଓ କାଣୀନାଳ ଦକ୍ଷିଣପାର୍ଶ୍ୱ ବନ୍ଧର ପୁନରୁଦ୍ଧାର ପ୍ରକଳ୍ପର ଉଦ୍‌ଘାଟନ ଏବଂ ଗରିପୁର-ସାଏନ୍ତା ଭାୟା ବହଡିହି ରାସ୍ତାର ଶିଳାନ୍ୟାସ ହୋଇଛି। ଜିଲାପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ଚାନ୍ଦବାଲି ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ନରେଶ ମାଝି, ଶରତ ସାହୁ, ପ୍ରିନ୍ସ ରାକେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୮।୩ (ଡି.ଏନ.ଏ.):** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଥାନାର କାଠପାଳ ପୋଲରେ ଶୁକ୍ରବାର ଚଢାଉ କରାଯାଇ ଜଣେ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ମଦ ବୋଝେଇ ବୋଲେରୋ (ନଂ.ଓଆରରୋ-୧ୟୁ-୦୮୯୯) ଜବତ କରାଯାଇଛି। ଗାଡିରୁ ସମୁଦାୟ ୧୬୦ଲିଟର ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା (ନଂ. ୧୫୭/୧୯ ) ରୁଜୁ ହୋଇ ତଦନ୍ତ ଜାରି ରହିଛି। ଗିରଫ ଯୁବକ ହେଲେ ଘାଟଘରସାହି ଗାଁର ଶଙ୍କରା ପ୍ରଧାନ(୪୩)। ଜିଲା ଆରକ୍ଷୀ ଅଧୀକ୍ଷକ ରାଜେନ୍ଦ୍ର ଭଦ୍ରାଙ୍କ ନିର୍ଦ୍ଦେଶରେ ଜିଲା ଭ୍ରାମ୍ୟମାଣ ନିରୀକ୍ଷକଙ୍କ ନେତୃତ୍ୱରେ ଉପନିରୀକ୍ଷକ ଲକ୍ଷେସାଧବ ପ୍ରଧାନ, ସହକାରୀ ଉପନିରୀକ୍ଷକ ଜୟନ୍ତୀ ଆଚାର୍ଯ୍ୟଙ୍କ ସମେତ ଅବକାରୀ ଟିମ୍ ଚଢାଉରେ ସାମିଲ ଥିଲେ।

### ନାରୀଙ୍କ ସୁରକ୍ଷା ଉପରେ ଆଲୋଚନା



**ଜଳେଶ୍ୱର, ୮।୩(ଡି.ଏନ.ଏ.):** ଜଳେଶ୍ୱରସ୍ଥିତ ତାଲୁକ ଆଇନ ସେବା କମିଟି ତରଫରୁ ଶୁକ୍ରବାର ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। କମିଟି ଅଧକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି (ସବ୍‌ଜଜ) ବିନୋଦ ବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେଏମ୍‌ଏଫ୍‌ସି ସୁମିତ୍ରା ସାହୁ, କନିଷ୍ଠ ଦେୱାନୀ ବିଚାରପତି ପରିତୋଷ କୁମାର ସେଠୀ, ଆଇନଜୀବୀ ସୁନୀଲ ଜେନା, ରବୀନ୍ଦ୍ର ଦଣ୍ଡପାଟ, ମଦନମୋହନ ରାଉଳ ପ୍ରମୁଖ ମଞ୍ଚାସୀନ ରହି ମହିଳା ଦିବସ ପାଳନର ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହିତ ନାରୀମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ପ୍ରଚଳିତ ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରାଯାଇଥିଲା। ଉକ୍ତ ସଭାରେ ପଞ୍ଚାୟତ ପ୍ରତିନିଧି, ସରକାରୀ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ମହିଳା ସଙ୍ଗଠନର ନାରୀନେତ୍ରୀ ଉପସ୍ଥିତ ଥିଲେ।

# ସଙ୍କଟରେ ମହୁଲ ସଂଗ୍ରହକାରୀ

**କପ୍ତିପଦା,୮।୩(ଡି.ଏନ.ଏ)**

■ମିଳୁନି ଉଚିତ ମୂଲ୍ୟ
■ପ୍ରଶାସନ କରୁଛି ଅଣଦେଖା

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଶିମିଳିପାଳ ସଂଲଗ୍ନ ପଞ୍ଚାୟତର ଅନେକ ଅଧିବାସୀ ଜଙ୍ଗଲ ଉପରେ ନିର୍ଭର କରି ଚଳିଥାନ୍ତି। ଉକ୍ତ ଅଞ୍ଚଳରେ ପ୍ରାୟ ୭୦ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର । ବର୍ଷର ବିଭିନ୍ନ ସମୟରେ ସେମାନେ ଋତୁକାଳୀନ ଫୁଲ,ଫଳ ଓ ପତ୍ର ସଂଗ୍ରହ କରି ପେଟକୁ ଦାନା ଯୋଗାଡ କରିଥାନ୍ତି। ପ୍ରତିବର୍ଷ ଶୀତ ଋତୁ ଶେଷ ଆଡକୁ ଏହି ଅଞ୍ଚଳ ମହୁଲ ଫୁଲର ବାସ୍ନାରେ ଚହଟି ଉଠେ। ଗରିବ ଆଦିବାସୀ ଲୋକେ ଜଙ୍ଗଲ ତଳି ଅଞ୍ଚଳରୁ ମହୁଲ ଫୁଲ ସଂଗ୍ରହ କରି ଏହାକୁ ବିକି ତେଲଲୁଣ ସଂଗ୍ରହ କରିଥାନ୍ତି । ଏହି ସମୟରେ ମହୁଲଫୁଲ ଗରିବ ଆଦିବାସୀ ଲୋକଙ୍କର ଆୟର ଅନ୍ୟତମ ପନ୍ଥା ପାଲଟିଥାଏ । ସେମାନେ ଏହାକୁ ଖାଦ୍ୟ, ପାନୀୟ ଓ ଜାଳେଣି ରୂପେ ବ୍ୟବହାର କରିଥାନ୍ତି । ହେଲେ ଜଳବାୟୁ ପରିବର୍ତ୍ତନ ଓ କ୍ରମାଗତ ଜଙ୍ଗଲ ନଷ୍ଟ ମହୁଲ ଫୁଲସଂଗ୍ରହକାରୀ ଆଦିବାସୀଙ୍କ ଜୀବନ ଜୀବିକାରେ ସଙ୍କଟରେ ପକାଇଛି । ସରକାର ଓ ପ୍ରଶାସନ ମହୁଲ ଭଳି ଲଘୁବନଜାତ ଦ୍ରବ୍ୟକୁ ସମ୍ପୂର୍ଣ୍ଣ ଅଣଦେଖା କରୁଥିବାରୁ ବ୍ଲକ୍ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟ ରୋଜଗାରପନ୍ଥା ହରାଇ ହତାଶ ହୋଇପଡିଛନ୍ତି।



ଶୁଖିଲା ଓ କଞ୍ଚା ମହୁଲ ସଂଗ୍ରହ କରି ରଖାଯାଇଛି ।

ସରକାରଙ୍କ ପରିବର୍ତ୍ତିତ ନିୟମ ଅନୁଯାୟୀ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉପରେ କେତେକ କଟକଣା ଜାରି କରାଯାଇଛି। ଆଦିବାସୀମାନେ ଜଙ୍ଗଲକୁ ଯାଇ ବନଜାତ ଦ୍ରବ୍ୟ ସଂଗ୍ରହ କରିପାରୁ ନ ଥିବାରୁ ଏହା ସେମାନଙ୍କର ରୋଜଗାରରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଆଗରୁ ଲୋକେ ଜଙ୍ଗଲରୁ ମିଳୁଥିବା ମହୁଲ, ଟୋଲ, ଶାଳପତ୍ର, ହରିଡା, ବାହାଡା ଓ ଅଁଳା ଆଦି ସଂଗ୍ରହ କରି ଗାଁକୁ ଗାଁ ବୁଲି ଏହାକୁ ବିକ୍ରି କରୁଥିଲେ। ଏପରି କି ବର୍ଷର ୬ ମାସ ଲାଗି ସେମାନେ ଦାନା ସଂଗ୍ରହ କରୁଥିଲେ। ଏବେ ସରକାରୀ କଟକଣା ଜାରି ପରେ ବହୁ ଗରିବ ପରିବାର ପାରମ୍ପରିକ ଜୀବିକା ହରାଇ ବସିଛନ୍ତି ।

କପ୍ତିପଦା ବ୍ଲକ ଅଧୀନ କଳମଗଡିଆ, ଶରତ, ନଟୋ, ରାଣୀପୋଖରୀ, ସରଡିହା, ଦେୱାନବାହାଲୀ, ରାମଚନ୍ଦ୍ରପୁର, ଲାବଣ୍ୟଦେଇପୁର, ପଦ୍ମପୋଖରୀ, ଚକ୍ରଧରପୁର, ଜେଏସ୍ ଜାମୁଡିହା, କୁଲିଅଲମ୍, ଦେବଳା, ମଝିଗଡିଆ, ଶାଳଚୁଆ ଓ ମାଙ୍କଡପଡା ଆଦି ପଞ୍ଚାୟତରେ ଆଗରୁ ବହୁ ପରିମାଣରେ ମହୁଲ ଗଛ ଦେଖିବାକୁ ମିଳୁଥିଲା। ମାର୍ଚ୍ଚ ମାସ ଠାରୁ ମହୁଲ ପାଚି ଝଡିବା ଆରମ୍ଭ କଲେ ଉକ୍ତ ଅଞ୍ଚଳର ଆଦିବାସୀମାନେ ମହୁଲକୁ ଗୋଟାଇ ଶୁଖାଇବା ପରେ ତାକୁ ବିକି କରୁଥିଲେ। ବର୍ତ୍ତମାନ ଯାହାକିଛି ଗଛ ଅଛି, ଲୋକେ ସେଥିରୁ ମହୁଲ ଫୁଲ ସଂଗ୍ରହ କରୁଥିଲେ ମଧ୍ୟ ତାହାକୁ ବିକି ଉଚିତ ମୂଲ୍ୟ ପାଉ ନ ଥିବା କହିଛନ୍ତି। ଜଙ୍ଗଲ ବିଭାଗ ତଥା ଜିଲା ପ୍ରଶାସନ ମହୁଲ ଫୁଲ କିଣିବାକୁ ବ୍ୟବସ୍ଥା କରୁ ନ ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାର ଅଞ୍ଚଳରୁ ବ୍ୟବସାୟୀମାନେ ଆସି ସ୍ଥାନୀୟ ଦଲାଲଙ୍କ ମାଧ୍ୟମରେ ଅତି କମ୍ ଦରରେ ଏହାକୁ କିଣି ନେଉଛନ୍ତି। କେତେକ ଅଞ୍ଚଳରେ ମହୁଲ ସଂଗ୍ରହକାରୀ ଏକ କିଲୋ ମହୁଲ ଦେଇ ୨କିଲୋ ଲୁଣ କିଣୁ ଥିବା ଚକ୍ରଧରପୁର ଗ୍ରାମର ସନାତନ ସିଂ ଓ ସୁକୁଲ ସୋରେନ ପ୍ରକାଶ କରିଛନ୍ତି । ପୂର୍ବରୁ ମହୁଲ ପାଇଁ ସରକାର ଦର ନିର୍ଦ୍ଧାରଣ କରିବା ସହିତ ବନବିଭାଗ ଜରିଆରେ ଏହାକୁ ସଂଗ୍ରହ କରୁଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ୬୮ଟି ବନ୍ୟଜାତ ସାମଗ୍ରୀ ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରି ପ୍ରଶାସନ ଚୁପ୍ ହୋଇ ବସିଛି। ଅର୍ଥାଭାବ କାରଣରୁ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗରିବ ଆଦିବାସୀ ତଥା ମହୁଲ ସଂଗ୍ରହକାରୀ ଶୋଷଣର ଶିକାର ହେଉଛନ୍ତି । ଏ ସମ୍ପର୍କରେ କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ପଚାରିବାରୁ ସେ କହନ୍ତି, ବର୍ତ୍ତମାନ ମହୁଲ ସହିତ ୬୮ଟି ବନ୍ୟଜାତ ସାମଗ୍ରୀର ପରିଚାଳନା ତଥା ମୂଲ୍ୟ ନିର୍ଦ୍ଧାରଣ ଦାୟିତ୍ୱ ବନବିଭାଗଠାରୁ କାଢି ନିଆଯାଇ ପଞ୍ଚାୟତଗୁଡ଼ିକୁ ଦିଆଯାଇଛି । ତେଣୁ ଏହାଉପରେ ଆମ ବିଭାଗର କୌଣସି ନିୟନ୍ତ୍ରଣ ନାହିଁ। ତେବେ ପ୍ରଶାସନ ପକ୍ଷରୁ ସମସ୍ୟା ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

### କବିବର କଳା ସଂସ୍କୃତି ସଂଘ ବୈଠକ

**ସୋର, ୮।୩(ଡି.ଏନ.ଏ.)**

ସୋର ମ୍ୟୁନିସିପାଲିଟି ଅଧୀନ ରାଇପୁର ଗ୍ରାମରେ ଥିବା ଠାକୁରାଣୀ ମଣ୍ଡପ ପରିସରରେ କଳା ସଂସ୍କୃତି ସଂଘର ସାଧାରଣ ବୈଠକ ରବି ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୋର ସହ ଆଖପାଖ ଅଞ୍ଚଳର ଶତାଧିକ କଳାକାର ଯୋଗଦେଇ ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ଆଲୋଚନା ପରେ ସର୍ବସମ୍ମତିକ୍ରମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାଗବତ ରାଉତ, ଉପସଭାପତି ଜୟନ୍ତ କୁମାର ଦାସ, ଲକ୍ଷ୍ମୀଧର ମହାରଣା, ବଂଶୀଧର ନାୟକ, ବବିତା ପୃଷ୍ଟି, ସମ୍ପାଦକ ସୁବାସ ଚନ୍ଦ୍ର ବାରିକ, ସହସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, କୋଷାଧକ୍ଷ ଜନାର୍ଦ୍ଦନ ଶଙ୍ଖୁଆ ପ୍ରମୁଖ ମନୋନୀତ ହୋଇଥିଲେ। ମହେଶ ଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ବିଶ୍ୱାଳ, ପ୍ରହ୍ଲାଦ ନାୟକ ଓ ନିର୍ମଳା ବିଶ୍ୱାଳ ପ୍ରମୁଖ ଉପଦେଷ୍ଟା କମିଟିର ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବନମାଳୀ ବେହେରା, ଆର୍ତ୍ତବନ୍ଧୁ ପାଣିଗ୍ରାହୀ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳା ଦିବସରେ ଶୋଭାଯାତ୍ରା

**ବାସୁଦେବପୁର/ବନ୍ତ/ଧାମନଗର, ୮।୩ (ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ବାସୁଦେବପୁରରେ ପ୍ରଗତିଶୀଳ ମହିଳା ମଞ୍ଚ ପକ୍ଷରୁ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଟାଉନ ହଲ୍ ପରିସରରେ ସୁଜାତା ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚର ବ୍ଲକ ସଭାପତି ମାଳତୀ ଜେନା, ସମ୍ପାଦିକା ସୁଜାତା ଦାସ ଯୋଗଦେଇ ମହିଳାମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତ ରଖିଥିଲେ। କୌଣସି କ୍ଷେତ୍ରରେ ମହିଳାଙ୍କୁ ଅଣଦେଖା କରାଯିବା ଉଚିତ ନୁହେଁ ବୋଲି ସେମାନେ କହିଥିଲେ। ସିପିଆଇଏମ୍‌ଏଲ୍‌ର ଜିଲା ସମ୍ପାଦକ ସୁଶାନ୍ତ ଜେନା, ବ୍ଲକ ସଭାପତି ଚିତ୍ତରଞ୍ଜନ ଜେନା, ଝୁନିଲତା ଜେନା, ପଦ୍ମାବତୀ ମହାଳିକ, ବାସନ୍ତୀ ରାଉତ, ତପୋଇ ଜେନା, ଲିଲି ମଳିକ, ଗୌତମୀ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବନ୍ତ ବ୍ଲକ ଗୋପୀନାଥପୁରଠାରେ ସେଚ୍ଛାସେବୀ ସଙ୍ଗଠନ ସିଏଫ୍‌ଡବ୍ଲ୍ୟୁଏସ୍‌ଡିଓ ଲୋକଶକ୍ତିର ମିଳିତ ସହଯୋଗରେ ଜଗତଜ୍ୟୋତି ମହିଳା ମହାସଂଘ ପକ୍ଷରୁ ମହିଳା ଦିବସ ପାଳନ କରାଯାଇଥିଲା। ନେତ୍ରୀ ତୁଳସୀ ମହାନ୍ତି, କୁଞ୍ଜଲତା ଜେନା, ସରୋଜିନୀ ସାହୁ, କଳ୍ପନା ଜେନାଙ୍କ ନେତୃତ୍ୱରେ ଶତାଧିକ ମହିଳା ମହିଳା ସଶକ୍ତୀକରଣ ଉପରେ ସ୍ଲୋଗାନ ଦେଇ ଗୋପୀନାଥପୁର, ତାଜିପୁର, ମାର୍କଣ୍ଡପୁର, ତୁଳସୀପୁର, ସାହୁପଡା ଆଦି ଗ୍ରାମ ପରିକ୍ରମା କରିଥିଲେ। ପରେ ମଞ୍ଜୁଲତା ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମହାସଂଘର ତୁଳସୀ ମଳିକ, ଭାରତୀ ସାହୁ, କୁଞ୍ଜଲତା ଜେନା, ସରସ୍ୱତୀ ସେଠୀ, ବିମଳା ସେଠୀ, ପ୍ରେମଲତା ସାହୁ, ସୁବର୍ଣ୍ଣ ଦାସ, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଚମ୍ପା ସାହୁ, ଡଲି ଜେନା, ପାର୍ବତୀ ସାହୁ, ତପସ୍ୱିନୀ ମହାପାତ୍ର, ଭାମା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟରେ ଧୂଷୁରୀ ବନ୍ଧନ କୋନନଗର ଗ୍ରୁପ ତରଫରୁ ଗ୍ରାମୀଣ ଗରିବ ମହିଳାଙ୍କୁ ସହାୟତା ପ୍ରଦାନ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଆଲୋଚନା ହୋଇଥିଲା। ଧୂଷୁରୀ ସରପଞ୍ଚ ଜ୍ୟୋସ୍ନାରାଣୀ ପ୍ରଧାନ, ସାହାସପୁର ସରପଞ୍ଚ ଅନିରୁଦ୍ଧ ସାହୁ, ଡା. ଗିରୀଶ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ଜିଲାରେ ୬ଟି କାର୍ଯ୍ୟାଳୟ ସହାୟତାରେ ୧୬୦୦ ଅସହାୟା ମହିଳାଙ୍କୁ ବିନା ମୂଲ୍ୟରେ ବ୍ୟବସାୟ ସମ୍ପଦ ପ୍ରଦାନ ନେଇ ଆଲୋଚନା କରାଯାଇଥିଲା। ସଂସ୍ଥାର ଏସି ବଳରାମ ମଣ୍ଡଳ, ସିନିୟର ଏସି କୌଶିକ ଦାସ ଉପସ୍ଥିତ ଥିଲେ। ସୁଶାନ୍ତ ବେହେରା, ମହେଶ୍ୱର ନାଥ, ରାଜେଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରନେତାଙ୍କୁ ଆକ୍ରମଣ ଅଭିଯୋଗ

**ଚାନ୍ଦବାଲି, ୮।୩ (ଡି.ଏନ.ଏ.)**

ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଶୁକ୍ରବାର ଭୂଇଁବୃତି ପଞ୍ଚାୟତର କେତେକ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାକୁ ଯାଇଥିଲେ। ତାଙ୍କ ସହିତ ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ ପ୍ରିନ୍ସ ରାକେଶ ନାୟକ ଓ ଅନ୍ୟ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ଯାଇଥିଲେ। ଗରିପୁର ଗାଁର ଏକ ପ୍ରକଳ୍ପ ଶିଳାନ୍ୟାସ କରିବାକୁ ଯିବାବେଳେ ସେହି ଗାଁର ଚନ୍ଦନ ଦାସ ନାମକ ଜଣେ ଯୁବକ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଛାତ୍ରନେତା ନାୟକ ଓ ଅନ୍ୟ ଦୁଇଜଣଙ୍କୁ ଆକ୍ରମଣ କରିଥିବା ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଆକ୍ରମଣର ଶିକାର ହୋଇଥିବା ୩ ଜଣ ଥାନାରେ ପୃଥକ୍ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ କାଳନ୍ଦୀ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୬୧/୧୯) ରୁଜୁ କରିଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଛାତ୍ରନେତା ନାୟକଙ୍କ ସମର୍ଥକମାନେ ଅପରାହ୍ନରେ ଚାନ୍ଦବାଲି ଥାନା ଘେରାଉ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ତାପସ ପ୍ରଧାନ ସୂଚନା ଦେଇଛନ୍ତି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

# ‘ବିଦ୍ୟାର୍ଣ୍ଣବ’ ପତ୍ରିକା ଉନ୍ମୋଚିତ

**ଧାମନଗର, ୮।୩ (ଡି.ଏନ.ଏ.)**

ଧାମନଗର ବ୍ଲକ ଗଡିଆଳିସ୍ଥିତ ଜାଗୁଲାଇ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବିଇଓ ପୀତାମ୍ବର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁକାନ୍ତି ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ହରେକୃଷ୍ଣ ପାଢୀ ମୁଖ୍ୟଅତିଥି, ଅଧାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟବକ୍ତା ଏବଂ ଅଧକ୍ଷ ସଞ୍ଜୟ କୁମାର ବହଳ, ଅଧାପକ ରବୀନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ନାୟକ, ପ୍ରଧାନ ଶିକ୍ଷକ ଗଙ୍ଗାଧର ଦେହୁରୀ, ପ୍ରଧାନ ଶିକ୍ଷକ ଶିଶୀର କୁମାର ମିଶ୍ର, ସିଆର୍‌ସିସି ପୀତବାସ ଜେନା, ତାରାକାନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର ‘ବିଦ୍ୟାର୍ଣ୍ଣବ’କୁ ଉନ୍ମୋଚନ କରିଥିଲେ। ସେହିପରି ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା, ବିଦ୍ୟାଗତ, ଶୃଙ୍ଖଳିତ ଏବଂ ଉତ୍ତମ ବ୍ୟବହାର ପାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯାଦୁ ଖେଳାଳି ଶ୍ରୀଧର ଦାସ ଯାଦୁ ଦେଖାଇ ପିଲାଙ୍କୁ ଆକର୍ଷିତ କରିଥିଲେ। ପ୍ରଧାନ ଶିକ୍ଷକ ନିରାକାର ରାଉତଙ୍କ ରଚିତ ଓ ନିର୍ଦ୍ଦେଶିତ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟକ ‘ମୁଁ ରାଜା ହେବି’ ସମସ୍ତଙ୍କ ମନ ମୋହିଥିଲା। ନିରାକାର ରାଉତ ବାର୍ଷିକ ବିବରଣୀ ପାଠ ଓ କାକଳି ଖଟୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ଧ୍ୟାରାଣୀ ବସନ୍ତିଆ ଧନ୍ୟବାଦ ଦେଇଥିଲେ। ପ୍ରମୋଦ ସ୍ୱାଇଁ, ହୀରାମୋତି ମାର୍ଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଠିଆ ଜଳିଗଲା ଯାତ୍ରୀବାହୀ ବସ୍

**ବାରିପଦା ଅଫିସ/ ବାଙ୍ଗିରିପୋଷି, ୮।୩ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଘାଟି ଉପରେ ଅଟକିଥିବା ଏକ ଯାତ୍ରୀବାହୀ ବସ୍ ଠିଆ ଠିଆ ଜଳିଯାଇଛି। ବସ୍‌ଟି ଜଳି ପାଉଁଶ ହୋଇଯାଇଛି । ତେବେ ଏଥିରେ ଯାତ୍ରୀ ନ ଥିବାରୁ କେହି ହତାହତ ହୋଇନାହାନ୍ତି।

ଶୁକ୍ରବାର ସକାଳେ ଏକ ଘରୋଇ ବସ୍ (ଓଡି ୦୯ କେ ୧୮୭)କରଞ୍ଜିଆ , ସିଙ୍ଗଡ଼ା ଅଞ୍ଚଳରୁ ପ୍ରାୟ ୫୦ ଲୋକଙ୍କୁ ଭଡ଼ାରେ ନେଇ ସଦଖିଆ ଭୋଜି ପାଇଁ ବେତନଟି ଅଞ୍ଚଳକୁ ଆସୁଥିବାବେଳେ ଘାଟିରେ ଅଟକିଥିଲା। ଯାତ୍ରୀମାନେ ଓହ୍ଲାଇ ଦ୍ୱାରଶୁଣି ମନ୍ଦିରଦର୍ଶନ ନିମନ୍ତେ ଯାଇଥିଲେ। ହେଲେ ହଠାତ୍ ବସ୍‌ରେ ନିଆଁ ଲାଗି ହୁ ହୁ ହୋଇ ଜଳିବାକୁ ଲାଗିଥିଲା। ସ୍ଥାନୀୟ ଲୋକେ ଦେଖି ବସ୍ ଜଳିଗଲା ବୋଲି ଡାକ ଛାଡ଼ିଥିଲେ।



ଜଳିଯାଇଥିବା ବସ୍।

ପାଣି ପକାଇ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ତାପ ଥମି ନ ଥିଲା। ଯାତ୍ରୀମାନେ ବସ୍‌ରେ ନ ଥିବାରୁ କାହାକୁ ଆଘାତ ଲାଗିନାହିଁ। ହେଲେ ଯାତ୍ରୀଙ୍କ ସାମଗ୍ରୀ ପୋଡ଼ିଯାଇଛି। ବାଙ୍ଗିରିପୋଷି ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଛି। ସର୍ଟସର୍କିଟ ଯୋଗୁ ବସ୍‌ରେ ନିଆଁ ଲାଗିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା କହିଛି।

ପ୍ରତ୍ୟକ୍ଷଦର୍ଶୀ ରାଜକୁମାର ବେହେରାଙ୍କ କହିବା ଅନୁସାରେ, ଦିନ ପ୍ରାୟ ୧୦.୩୦ ମି. ବେଳକୁ ଏହି ବସ୍ ଆସି ମନ୍ଦିର ନିକଟରେ ଅଟକିଥିଲା। ଗାଡିରେ କେହି ନ ଥିବାବେଳେ ହଠାତ୍ ସମ୍ମୁଖ ଭାଗରୁ ଧୂଆଁ ବାହାରିବା ଦେଖିବାକୁ ମିଳିଥିଲା। ବସ୍ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ବସ୍ ନିକଟରେ ପହଞ୍ଚିବା ବେଳକୁ ନିଆଁ ଅଣାୟତ୍ତ ହୋଇଥିଲା। ତୁରନ୍ତ ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲା। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବାଙ୍ଗିରିପୋଷି ପୋଲିସ କହିଛି।

# ନିଶାମୁକ୍ତ ସମାଜ ପାଇଁ ‘ମୋନା’ର ନିବେଦନ

**ବାଲେଶ୍ୱର ଅଫିସ, ୮।୩**

ନିଶାମୁକ୍ତ ସମାଜ ଗଠନ ଦିଗରେ ଲଗାତର ସଂଗ୍ରାମ କରୁଥିବା ମହିଳାମାନଙ୍କୁ ‘ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା)’ ତରଫରୁ ବିଶ୍ୱ ମହିଳା ଦିବସ ଅବସରରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା କମିଟି ପକ୍ଷରୁ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା। ସଭାପତି ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟକୁ ମଦମୁକ୍ତ ଓଡ଼ିଶା ଦାବିରେ ରାଜ୍ୟ ପରିକ୍ରମା କରୁଥିବା ଅଭିଯାତ୍ରୀମାନଙ୍କୁ ବିଶେଷ କରି ମଦଭାଟିଗୁଡ଼ିକ ବିରୋଧରେ ଆନ୍ଦୋଳନ କରୁଥିବା ସମଗ୍ର ପୁରପଲ୍ଲୀରେ ମହିଳା/ସ୍ୱେଚ୍ଛାସେବୀମାନଙ୍କୁ ବକ୍ତାମାନେ ଧନ୍ୟବାଦ ଜଣାଇଥିଲେ। ରାଜ୍ୟ ପରିକ୍ରମା କରୁଥିବା ଏହି ଅଭିଯାତ୍ରୀମାନଙ୍କୁ କଟକ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପୋଲିସ ଗାଳିଗୁଲଜ କରିବା ଓ ମାଡ଼ ମାରିବା ଘଟଣାର ସର୍ବସମ୍ମତିକ୍ରମେ ନିନ୍ଦା କରାଯାଇଥିଲା। ସଭାରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ବିଶ୍ୱମହିଳା ଦିବସର ଆଭିମୁଖ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଦାସ, ଶଶାଙ୍କ ଶେଖର ଦତ୍ତ, ଅଞ୍ଜଳି ପଣ୍ଡା, ସୁକାନ୍ତୀ ଲତା ଭକ୍ତା, ରଶ୍ମିତା ଜେନା, ଶର୍ମିଷ୍ଠା ପଣ୍ଡା, ଗୀତାଞ୍ଜଳି ସିଂହ, ପ୍ରଣିତା ମିଶ୍ର, ସ୍ମୃତି ଦାସ, କମଳାକାନ୍ତ ଦାଶ, ବେଣୁଧର ପାଳ, ଭାରତୀ ପଣ୍ଡା, ଅବନ୍ତୀ ପ୍ରଧାନ, କଲ୍ୟାଣୀ ନନ୍ଦ, ତ୍ରିଦିବ କୁମାର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କବିତାପାଠ କରିଥିଲେ।

National Entrance Screening Test 2019
NEST 2019
Admission to 5-year Integrated MSc Programmes in Biology, Chemistry, Mathematics and Physics at NISER (Bhubaneswar) and UM-DAE CEBS (Mumbai)
(Autonomous Institutions under Department of Atomic Energy, Government of India)
For detailed information on NEST 2019 application procedure and previous years' question papers please visit NEST 2019 website: www.nestexam.in
Online Application deadline has been EXTENDED for another week !
Last Date to Apply Online: 18 March 2019 (midnight)
Application can be made only through online portal.
To apply ONLINE, visit www.nestexam.in
Date of Examination: June 01, 2019 (Saturday)

## ବିଜ୍ଞପ୍ତି

ସଂ: ୧୯୩୪ ତା: ୦୭।୦୩।୨୦୧୯

ଏତଦ୍ୱାରା ରାଜ୍ୟର ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଚଳିତ ବର୍ଷ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ବଦଳି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଂକଳ୍ପ ସଂଖ୍ୟା ୨୨୧୬୭ ତା. ୦୪।୧୦।୨୦୧୮ ଓ ସଂକଳ୍ପ ସଂଖ୍ୟା ୨୧୯୦୮ ତା. ୦୧।୧୦।୨୦୧୮ରେ ଉଲ୍ଲିଖିତ ସର୍ତ୍ତାବଳୀ ଅନୁସାରେ online ପଦ୍ଧତିରେ ହେବ। Online ଦରଖାସ୍ତ ଗ୍ରହଣ ତା. ୦୨।୦୪।୨୦୧୯ରିଖରୁ ଆରମ୍ଭ ହେବ। ଏ ସମ୍ପର୍କିତ ସବିଶେଷ ବିବରଣୀ ଓ calendar ତା. ୦୧।୦୪।୨୦୧୯ ରିଖରୁ http://opepa.odisha.gov.in ରେ ଉପଲବ୍ଧ ହେବ।

**ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ**
**ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପ ପ୍ରାଧିକରଣ**

ପୂର୍ବ ତଟ ରେଳପଥ
ବେଡ଼ରୋଲ ଲିନେନ୍(Linen) ଗୁଡ଼ିକର ଯନ୍ତ୍ରୀକୃତ(Mechanised) ସଫେଇ
1) ଟେଣ୍ଡର ବିଜ୍ଞପ୍ତି ସଂ. eT-M-KUR-Grl-MW-PUI-49-19
କାର୍ଯ୍ୟର ନାମ : 02 (ଦୁଇ)ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ(ପୁରୀ ଗ୍ରୁପ୍-I)ର ଟ୍ରେନ୍ ନଂ.18425/18426 (ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍) ଏବଂ 18477/18478 (ଉତ୍କଳ ଏକ୍ସପ୍ରେସ୍)ର ବେଡ୍ ରୋଲ୍ ଲିନେନ୍(Linen) ଗୁଡ଼ିକର ଯନ୍ତ୍ରୀକୃତ ସଫେଇ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : 1,80,97,342.96, EMD (ଟଙ୍କାରେ) : 2,40,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.12.03.2019ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.03.2019ରିଖ 1530 ଘଟିକାରେ ।
2) ଟେଣ୍ଡର ବିଜ୍ଞପ୍ତି ସଂ. eT-M-MW-GrlV-PUI-51-2019
କାର୍ଯ୍ୟର ନାମ : 02 (ଦୁଇ)ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ(ପୁରୀ ଗ୍ରୁପ୍-IV)ର ଟ୍ରେନ୍ ନଂ.12801/12802, 12815/12816, 12875/12876, 20813/20814 ଏବଂ 08403/08404 ର ବେଡ୍ ରୋଲ୍ ଲିନେନ୍ (Linen) ଇତ୍ୟାଦି ଗୁଡ଼ିକର ଯନ୍ତ୍ରୀକୃତ ସଫେଇ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : 2,58,52,580.24, EMD (ଟଙ୍କାରେ) : 2,79,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.13.03.2019ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.03.2019ରିଖ 1515 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ଖୋର୍ଦ୍ଧା ରୋଡ୍
PR-527/J/18-19

## ସଂକ୍ଷେପରେ

### ବିଜେଡି ଛାଡ଼ି ଭାଜପା ଆସିଲେ କୋରାପୁଟର ଦୁଇ ନେତା

**ଭୁବନେଶ୍ୱର,୮।୩ (ବ୍ୟୁରୋ):** କୋରାପୁଟ ଜିଲା ବିଜେଡି ଉପସଭାପତି ଏବଂ ମ୍ୟୁନିସିପାଲିଟି ଭାଇସ୍ ଚେୟାରମ୍ୟାନ ବିଜେଡି ଛାଡି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି । କୋରାପୁଟ ଜିଲା ସଭାପତି ବିଜୟ୍ ମିଶ୍ରଙ୍କ ନେତୃତ୍ୱରେ ତ୍ରିପୁରାରୀ ଗରଡା ଏବଂ ସଞ୍ଜୁଲତା ରାଉତ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକ ଦଳ ନେତା କେ.ଭି. ସିଂହଦେଓ ଓ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ ଦୁଇ ନେତାଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ସେମାନଙ୍କୁ ଭାଜପାରେ ସାମିଲ କରାଇଛନ୍ତି । କନକ ବର୍ଦ୍ଧନ ସମସ୍ତଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ୍ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡି ଦଳ ପ୍ରତି ଅତିଷ୍ଠ ହୋଇ ଏବଂ ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ସାମିଲ ହୋଇଛନ୍ତି ବୋଲି ମତ ରଖିଛନ୍ତି। ଏହାସହ ଭାଜପା ଏକମାତ୍ର ବିକଳ୍ପ ବୋଲି ସେମାନେ କହିବା ସହ ବିଜେଡି ଦଳର ନେତାମାନେ ଦୁର୍ନୀତି ଓ ଭ୍ରଷ୍ଟାଚାର ଲିପ୍ତ ବୋଲି ଅଭିଯୋଗ କରିଛନ୍ତି।

### ଅବସରପ୍ରାପ୍ତ ଅଧିକାରୀଙ୍କୁ ଥଇଥାନ କରିବାକୁ ସରକାରଙ୍କ ମସୁଧା

**ଭୁବନେଶ୍ୱର,୮।୩(ବ୍ୟୁରୋ):** ଶାସନ ବ୍ୟବସ୍ଥା ସୁଦୃଢ଼ ଏବଂ ସଂଘୀୟ ଢାଞ୍ଚାରେ ପରିଚାଳିତ ହେବା ପାଇଁ କେତେକ ଅନୁଷ୍ଠାନ ସୃଷ୍ଟି କରାଯାଇଥାଏ। ଏହି ଅନୁଷ୍ଠାନ ନିରପେକ୍ଷତା ବଜାୟ ରଖି ସାମାଜିକ ସ୍ୱାର୍ଥକୁ ଗୁରୁତ୍ୱ ଦେବାର ନିୟମ ରହିଛି। ହେଲେ ଏପରି ସଂସ୍ଥାଗୁଡିକର ମୁଖ୍ୟ ପଦବୀ ରାଜନୈତିକ ଉଦ୍ଦେଶ୍ୟ ରଖି ନିଯୁକ୍ତି କରାଯିବାର ଅନେକ ନଜିର ରହିଛି ଯାହା ସାଧାରଣରେ ସରକାରଙ୍କୁ ସମାଲୋଚିତ କରିଥାଏ। କିଛି ବର୍ଷ ଧରି ଲୋକାୟୁକ୍ତ ନିଯୁକ୍ତି ନେଇ ରାଜନୀତି ଜୋର ଧରିଥିଲା। ନିକଟରେ ରାଜ୍ୟ ସରକାର ଏହାକୁ ପୂରଣ କରିଛନ୍ତି। ସେହିପରି ନିକଟରେ ସୂଚନା କମିଶନର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ନିଯୁକ୍ତି ନେଇ ପ୍ରକ୍ରିୟା ଜାରି ରହିଛି। ଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସରକାର ଜଣେ ଅବସରପ୍ରାପ୍ତ ପ୍ରଶାସକଙ୍କୁ ଏହି ପଦବୀରେ ଅବସ୍ଥାପିତ କରିବାକୁ ଚାହୁଁଛନ୍ତି। ତେଣୁ ଏହି ପଦବୀ ହାତେଇବା ପାଇଁ ଏକରକମ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସୂଚନା ଅଧିକାର ଆଇନ ମୁତାବକ ସରକାର ୧୦ ଜଣଙ୍କୁ କମିଶନର ଭାବେ ନିଯୁକ୍ତି ଦେଇପାରିବେ। ହେଲେ ଖର୍ଚ୍ଚ କାଟ ଆଳ ଦେଖାଇ ୩ ଜଣରେ କାମ ଚଳାଯାଉଛି। ଏହି ୩ ପଦବୀ ମଧ୍ୟରୁ ଗୋଟିଏ ପଦବୀ ଖାଲି ରହିଛି। ଅପରପକ୍ଷରେ ସୂଚନା କମିଶନ ନିକଟରେ ଦିନକୁ ଦିନ ମାମଲା ବୃଦ୍ଧି ପାଇବାରେ ଲାଗିଛି। ହେଲେ ସେହି ପରିମାଣରେ ନିଯୁକ୍ତି ଏବଂ ତ୍ୱରିତ ପ୍ରକ୍ରିୟା ଦେଖିବାକୁ ମିଳୁନାହିଁ। ଜନୈକ ଅଧିକାରୀଙ୍କ ସୂଚନା ଅନୁଯାୟୀ ଉକ୍ତ ପଦବୀ ପାଇଁ ଆବେଦନକାରୀଙ୍କ ତାଲିକା ମଧ୍ୟରୁ କିଛି ନାମ ବଛାଯାଇ ସାରିଛି। କେତେଜଣଙ୍କୁ ଶେଷ ପର୍ଯ୍ୟାୟରେ ତାଲିକାଭୁକ୍ତ କରାଯାଇଛି। ଏହି ତାଲିକାରେ ୫ଜଣ ଅବସରପ୍ରାପ୍ତ ପ୍ରଶାସକ ରହିଥିବା ଜଣାପଡିଛି।

# ଏସ୍‌ସିବି ପାଥୋଲୋଜି ବିଭାଗରେ ଅଗ୍ନିକାଣ୍ଡ

**କଟକ ଅଫିସ, ୮।୩**

- ସାଇଟୋଲୋଜି ୟୁନିଟ୍ ପୋଡ଼ି ପାଉଁଶ
- ତଦନ୍ତ ପାଇଁ ୭ ଜଣିଆ କମିଟି

ଏସ୍‌ସିବି ମେଡିକାଲ ପାଥୋଲୋଜି ବିଭାଗର ସାଇଟୋଲୋଜି ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟିଛି। ୟୁନିଟ୍‌ଟି ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ତେବେ ଅଗ୍ନିକାଣ୍ଡ କେଉଁ ସମୟରେ ଓ କେମିତି ଘଟିଲା ତାହା ଜଣାପଡ଼ିନାହିଁ। ଶୁକ୍ରବାର ସକାଳ ୯ଟାରେ ସାଇଟୋଲୋଜି ୟୁନିଟ୍ ଖୋଲିବା ବେଳକୁ ନିଆଁ ଲାଗିଥିବା କର୍ମଚାରୀମାନେ ଦେଖିଥିଲେ। ସେତେବେଳକୁ ଉକ୍ତ ଘରଟି ଧୂଆଁରେ ଭର୍ତ୍ତି ହୋଇଯାଇଥିବା ବେଳେ ୟୁନିଟ୍ ଭିତରେ ଥିବା ଯନ୍ତ୍ରାଂଶ, ଟେବୁଲ, ଚେୟାର ଆଦି ଜଳିଯାଇଛି। କର୍ମଚାରୀମାନେ ତୁରନ୍ତ ଏ ସମ୍ପର୍କରେ ମେଡିକାଲ ପରିସରରେ ଥିବା ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଶନିବାରଠାରୁ ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ କରାଯିବ ବୋଲି ଏସ୍‌ସିବି ଅଗ୍ନିଶମ କେନ୍ଦ୍ରର ଷ୍ଟେଶନ ଅଫିସର ନଟବର ନାୟକ କହିଛନ୍ତି। ଏସିରୁ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଥିବା ଜିଇଡି କନିଷ୍ଠ ଯନ୍ତ୍ରୀ ଶିଖା ଦାସ କହିଛନ୍ତି। କାରଣ ଗୁରୁବାର ରାତିସାରା ଉକ୍ତ ୟୁନିଟ୍‌ରେ ଏସି ଚାଲିଥିବାରୁ ଏଭଳି ଘଟଣା ଘଟିଥିବା ଦାସ କହିଛନ୍ତି। ଉକ୍ତ ୟୁନିଟ୍‌ରେ ୫ଟି ସ୍ପ୍ଲିଟ୍ ଓ ଗୋଟିଏ ଉଇଣ୍ଡୋ ଏସି ରହିଛି। ଯେହେତୁ ସମସ୍ତ ଏସିର ଇନ୍‌ଡୋର ୟୁନିଟ୍‌ଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି। ତେଣୁ ଏସିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

ଅଗ୍ନିକାଣ୍ଡ ଯୋଗୁ ବିଦ୍ୟୁତ୍ ବିଭାଗର ଏମ୍‌ସିବି (ମିନିଏଚର ସର୍କିଟ ବ୍ରେକର) ଟ୍ରିପ କରିଯିବାରୁ ବାକି ୟୁନିଟ୍‌ଗୁଡ଼ିକ ଅଗ୍ନିକାଣ୍ଡରୁ ରକ୍ଷା ପାଇଯାଇଛି। ସେହିପରି ସାଇଟୋଲୋଜି ୟୁନିଟ୍ ଭିତରେ ପରୀକ୍ଷା ନିରୀକ୍ଷା ନିମନ୍ତେ ୨୦ ଲିଟର ପାଖାପାଖି ଜ୍ୱଳନ ଲିକ୍ୟୁଡି ଥିବାବେଳେ ଏକ କାଠ ଟେବୁଲ ଉପରେ ଗୋଟିଏ ହିଟର ମଧ୍ୟ ରହିଥିଲା। ସୌଭାଗ୍ୟବଶତଃ ଉକ୍ତ ଜ୍ୱଳନ ଲିକ୍ୟୁଡ ସହିତ ଅଗ୍ନି ସଂଯୋଗ ହୋଇନାହିଁ। ନଚେତ୍ ପରିଣାମ ଅଧିକ ଭୟାବହ ହୋଇଥାନ୍ତା।

ଉକ୍ତ ୟୁନିଟ୍‌ରେ କେତେ ପରିମାଣର ଯନ୍ତ୍ରାଂଶ ଥିଲା ଓ ସେଥିରୁ କେତେ ନଷ୍ଟ ହୋଇଛି ତାହାର କୌଣସି ତଥ୍ୟ ଅଦ୍ୟାବଧି ମିଳି ନ ଥିବା ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ଘଟଣାର ତଦନ୍ତ ନିମନ୍ତେ ମେଡିକାଲ ପକ୍ଷରୁ ଏକ ୭ ଜଣିଆ କମିଟି ଗଠନ କରାଯାଇଛି। ମେଡିକାଲ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ପ୍ରଶାସନିକ ଅଧିକାରୀ ବେହେରା, ଅଣୁଜୀବ ବିଜ୍ଞାନର ମୁଖ୍ୟ ପ୍ରଫେସର ନିରୁପମା ଚୟନୀ, ସାମାଜିକ ପ୍ରତିଷେଧକ ଭେଷଜ ବିଭାଗର ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ଗିରି, ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଅସରନ୍ତି କର, ମେଡିକାଲ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ଓ ହସ୍ପିଟାଲ ମ୍ୟାନେଜର ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ସଦସ୍ୟ ରହିଛନ୍ତି। ୭ ଦିନ ମଧ୍ୟରେ ଉକ୍ତ କମିଟି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବ ବୋଲି ପ୍ରଶାସନିକ ଅଧିକାରୀ ବେହେରା କହିଛନ୍ତି। ରିପୋର୍ଟକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏସ୍‌ସିବିରେ ଅଗ୍ନିକାଣ୍ଡ କିଛି ନୂଆ କଥା ନୁହେଁ। ଏଥିପୂର୍ବରୁ ପ୍ଲାଷ୍ଟିକ୍ ସର୍ଜରି, କାର୍ଡିଓଲୋଜି ବିଭାଗ ସମେତ ସେଣ୍ଟ୍ରାଲ ଆଇସିୟୁରେ ମଧ୍ୟ ଅଗ୍ନିକାଣ୍ଡ ଭଳି ଘଟଣା ଘଟିଛି। ପ୍ରତ୍ୟେକ ଅଗ୍ନିକାଣ୍ଡର କାରଣ ଶର୍ଟସର୍କିଟ ଜନିତ ବୋଲି ପରବର୍ତ୍ତୀ ଅବସ୍ଥାରେ କୁହାଯାଇଥାଏ। ତେବେ ମେଡିକାଲ ଭଳି ଏକ ସମ୍ବେଦନଶୀଳ ଜାଗାରେ ବାରମ୍ବାର ଶର୍ଟସର୍କିଟ ଘଟିବା ଓ ଏଥିପାଇଁ ବହୁ ମୂଲ୍ୟର ସମ୍ପତ୍ତି ନଷ୍ଟ ହେବା ନେଇ କାହାରିକୁ ଦୋଷାରୋପ କରାଯାଉନାହିଁ କିମ୍ବା ସ୍ଥାୟୀ ପ୍ରତିକାର ମଧ୍ୟ କରାଯାଉ ନାହିଁ।



ଜଳିଯାଇଥିବା ଯନ୍ତ୍ରପାତି ଓ ଆସବାବପତ୍ର।

## 'କଳଙ୍କ'ରେ ଆଲିଆଙ୍କ ନୂଆ ଚାହାଣି

**ମୁମ୍ବାଇ:** ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଫିଲ୍ମ ନିର୍ମାତା କରନ୍ ଜୋହର ଆଗାମୀ ପିରିୟଡ ଡ୍ରାମା 'କଳଙ୍କ'ରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ନୂଆ ଚାହାଣି ଅନାବରଣ କରିଛନ୍ତି। ଏହି ଫିଲ୍ମରେ ଆଲିଆଙ୍କ ଚରିତ୍ର (ରୂପ୍) ଉପରେ ବର୍ଣ୍ଣନା କରି ସହ-ପ୍ରଯୋଜକ କରନ୍ ସୋସିଆଲ ମିଡିଆରେ ଲେଖିଛନ୍ତି, ତାଙ୍କୁ ଭଲ ପାଇବା ଅର୍ଥ ନିଆଁକୁ ଭଲ ପାଇବା। ଏଥିସହିତ ସେ ଏକ ପୋଷ୍ଟର ମଧ୍ୟ ଶେୟାର କରିଛନ୍ତି। ଯେଉଁଥିରେ ଆଲିଆ ନାଲି ଓଢ଼ଣା ତଳେ ବିଭିନ୍ନ ସ୍ୱର୍ଣ୍ଣାଳଙ୍କାର ପିନ୍ଧି ଏକ ରାଜକୀୟ ଠାଣିରେ ପୋଜ୍ ଦେଉଛନ୍ତି। ଏହି ଫିଲ୍ମର ଅନ୍ୟତମ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେ ଆଲିଆଙ୍କ ଚାହାଣି ଶେୟାର କରିବା ସହିତ ତାଙ୍କ ଚରିତ୍ର ବର୍ଣ୍ଣନା କରିଛନ୍ତି। କେବଳ ମାଧୁରୀ ନୁହନ୍ତି, ଅନ୍ୟ ସହ-ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏବଂ ଆଦିତ୍ୟ ରଏ କପୁର ଆଲିଆଙ୍କ ଚରିତ୍ର ସମ୍ପର୍କରେ ଚର୍ଚ୍ଚା କରିଛନ୍ତି। ସୋନାକ୍ଷୀ କହନ୍ତି, 'ରୂପ୍ ହେଉଛନ୍ତି ମୁକ୍ତ, କେବଳ ପ୍ରେମରେ ବନ୍ଧା।' ଗୁରୁବାର ଉକ୍ତ ଟିମ୍ ଫିଲ୍ମର ପୁରୁଷ ଅଭିନେତା ବରୁଣ ଧାୱନ (ଜାଫର୍), ଆଦିତ୍ୟ(ଦେବ୍ ଚୌଧୁରୀ) ଏବଂ ସଞ୍ଜୟ ଦତ୍ତ (ବାଲ୍‌ରାଜ ଚୌଧୁରୀ)ଙ୍କ ଚରିତ୍ର ଅନାବରଣ କରିଥିଲା। ଅଭିଷେକ ବର୍ମନଙ୍କ ନିର୍ଦ୍ଦେଶିତ 'କଳଙ୍କ' ଏପ୍ରିଲ ୧୯ରେ ରିଲିଜ ହେବାର ଅଛି।



# ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ବଢ଼ିଲା

**ଭୁବନେଶ୍ୱର,୮।୩(ବ୍ୟୁରୋ)**

**ଫେବୃୟାରୀରୁ ଲାଗୁ**
- ପେନ୍‌ସନ ୩୦୦ରୁ ୫୦୦
- ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫୦୦ରୁ ୭୦୦
- ଝିଅ ବାହାଘର ପାଇଁ ୫୦ ହଜାର
- ସ୍ୱାଭାବିକ ମୃତ୍ୟୁ ୨ ଲକ୍ଷ, ଦୁର୍ଘଟଣା ମୃତ୍ୟୁ ପାଇଁ ୪ ଲକ୍ଷ

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ପାଚିକା, ସରକାରୀ କର୍ମଚାରୀ, ଶିକ୍ଷକ, କେନ୍ଦୁପତ୍ର ତୋଳାଳି, ପୌର କର୍ମଚାରୀଙ୍କ ଭଳି ନିର୍ମାଣ ଶ୍ରମିକମାନଙ୍କୁ ଖୁସି କରିବାକୁ ଉଦ୍ୟମ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଶ୍ରମିକମାନଙ୍କ ପାଇଁ ପେନସନ ଓ ବିଭିନ୍ନ ସହାୟତା ରାଶି ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକ ଯୋଜନାରେ ହିତାଧିକାରୀମାନେ ପୂର୍ବରୁ ମାସିକ ୩୦୦ ଟଙ୍କା ପେନସନ ପାଉଥିବା ବେଳେ ଏହାକୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୮୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ପେନସନ ପରିମାଣ ୫୦୦ ଟଙ୍କାରୁ ୭୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ପେନସନ ୨୦୧୯ ଫେବୃୟାରୀରୁ ଲାଗୁ ହେବ।

ସେହିପରି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶ୍ରମିକମାନଙ୍କ ପାଇଁ ବିବାହ ଓ ମୃତ୍ୟୁ ସହାୟତାରେ ମଧ୍ୟ ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକମାନେ ସେମାନଙ୍କ ଝିଅ ବାହାଘର ପାଇଁ (ସର୍ବାଧିକ ୨ଟି ଝିଅ) ପୂର୍ବରୁ ସହାୟତା ରାଶି ୨୫ ହଜାର ଟଙ୍କା ଥିବା ବେଳେ ଏହି ପରିମାଣକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ସ୍ୱାଭାବିକ ଭାବେ ମୃତ୍ୟୁ ହେଲେ ସହାୟତା ପରିମାଣକୁ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ପୂର୍ବରୁ ଦିଆଯାଉଥିବା ସହାୟତା ପରିମାଣ ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟରେ କେତେ ନିର୍ମାଣ ଶ୍ରମିକ ଅଛନ୍ତି ତାହାର ତାଲିକା ସରକାରଙ୍କ ପାଖରେ ନାହିଁ। ଶ୍ରମିକମାନଙ୍କର ଗଣନା ମଧ୍ୟ ଏ ପର୍ଯ୍ୟନ୍ତ ହୋଇ ନାହିଁ। ଯେଉଁମାନେ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ନିଜର ନାମ ପଞ୍ଜୀକୃତ କରିଛନ୍ତି ସେମାନଙ୍କୁ ଏହି ସୁବିଧା ସୁଯୋଗ ମିଳିବ।

## କଲ୍‌ଭର୍ଟ ତଳୁ ୨ ଟିଫିନ୍ ବୋମା ଉଦ୍ଧାର

**ବିଷମକଟକ,୮।୩:** ରାୟଗଡା ଜିଲା ବିଷମକଟକ ସଦର ମହକୁମାସ୍ଥିତ ଡଙ୍ଗରବାଙ୍କ ନିକଟ ମୁଖ୍ୟ ରାସ୍ତାରେ ଥିବା କଲଭର୍ଟ ତଳେ ଖଞ୍ଜାଯାଇଥିବା ୨ଟି ଟିଫିନ୍ ବୋମାକୁ ଶୁକ୍ରବାର ସିଆରପିଏଫ ଯବାନ ଉଦ୍ଧାର କରିଛନ୍ତି। ପରେ ତାହାକୁ ନିଷ୍କ୍ରିୟ କରିଛନ୍ତି । ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ କିଛି ସମୟ ଧରି ବନ୍ଦ ରଖାଯାଇଥିଲା । ଶୁକ୍ରବାର ବିଷମକଟକ ସିଆରପିଏଫ ଚତୁର୍ଥ ବାଟାଲିୟନ ଅତିରିକ୍ତ କମାଣ୍ଡାଣ୍ଟ ମିଠୁ ରାୟଙ୍କ ନେତୃତ୍ୱରେ ଏକ ଟିମ୍ ପେଟ୍ରୋଲିଂରେ ଯାଉଥିବା ବେଳେ ରାଜ୍ୟ ରାଜପଥର ଡଙ୍ଗରବାଙ୍କ ନିକଟ କଲଭର୍ଟ ତଳେ ଦୁଇଟି ଟିଫିନ୍ ବୋମା ଖଞ୍ଜାଯାଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ରାୟଗଡା ବୋମା ନିଷ୍କ୍ରିୟକାରୀ ଦଳ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ବୋମା ରଖାଯାଇଥିବା ସ୍ଥାନରେ ଖାନ ତଲାସି କରାଯାଇଥିଲା ।

# ବୈଜୟନ୍ତଙ୍କୁ ଭାଜପାର ରାଷ୍ଟ୍ରୀୟ ଉପସଭାପତି, ମୁଖପାତ୍ର ଦାୟିତ୍ୱ

**ଭୁବନେଶ୍ୱର, ୮।୩ (ବ୍ୟୁରୋ):** କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ତଥା ବିଜେଡିରୁ ବହିଷ୍କୃତ ନେତା ବୈଜୟନ୍ତ ପଣ୍ଡାଙ୍କୁ ଭାଜପା କେନ୍ଦ୍ରୀୟ ନେତା ଅଧିକ ବିଶ୍ୱାସକୁ ନେଇଛନ୍ତି। ଶୁକ୍ରବାର ବୈଜୟନ୍ତଙ୍କୁ ଭାଜପା ରାଷ୍ଟ୍ରୀୟ ଉପସଭାପତି ଦାୟିତ୍ୱ ସହ ଦଳର ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ତାଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ଗତ ସୋମବାର ଅର୍ଥାତ୍ ମହାଶିବରାତ୍ରି ଦିନ ବୈଜୟନ୍ତ ଦିଲ୍ଲୀଠାରେ ଭାଜପାରେ ଯୋଗଦେଲେ। ଅନ୍ୟପଟେ ଗତ ବୁଧବାର ବୈଜୟନ୍ତ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବାପରେ ଏକ ବାଇକ ରାଲିରେ ଆସି ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଜଣାଯାଇଥିଲା। ତେବେ ବୈଜୟନ୍ତ ଓଡ଼ିଶାରେ ପହଞ୍ଚିବାର ଦିନକ ପରେ ତାଙ୍କୁ ଦୁଇଟି ଦାୟିତ୍ୱ ଦିଆଯାଇଛି। ଅନ୍ୟପଟେ କେନ୍ଦ୍ରୀୟ ଦାୟିତ୍ୱ ପାଇବା ପରେ ବୈଜୟନ୍ତ ଟୁଇଟ୍ କରି ଶାହଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ ରାଜ୍ୟ ନେତୃବୃନ୍ଦଙ୍କୁ ସହଯୋଗ କରିବେ ବୋଲି କହିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଭାରତ ଗଠନ ସ୍ୱପ୍ନ ସାକାର କରିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜଣାଇଛନ୍ତି। ବୈଜୟନ୍ତଙ୍କ ଅଭିଜ୍ଞତାକୁ ଦେଖି ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦି ଏବଂ ଶାହ ଓଡ଼ିଶାକୁ ପ୍ରାଧାନ୍ୟ ଦେବାର ଏହା ଏକ ନିଦର୍ଶନ ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଅପରପକ୍ଷରେ ବୈଜୟନ୍ତଙ୍କୁ ମିଳିଥିବା ଦାୟିତ୍ୱ ସମ୍ପର୍କରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ବୈଜୟନ୍ତ ବାବୁ ବହୁ ପୂର୍ବରୁ ଭାଜପା ମୁଖପାତ୍ର ଥିଲେ, ଏବେ ବିଧିବଦ୍ଧ ଭାବେ ଦାୟିତ୍ୱ ନେଲେ।

**ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା: ଏନ୍‌ଜିଟିଙ୍କ ଉଦ୍‌ବେଗ**

# କ'ଣ ପଦକ୍ଷେପ ନେଇଛ ଜଣାଅ

**ଭୁବନେଶ୍ୱର,୮।୩(ବ୍ୟୁରୋ)**

- ୨୬ରେ ଆକ୍ସନ ଟେକେନ୍ ରିପୋର୍ଟ ଦେବେ ରାଜ୍ୟ ସରକାର
- ୨୬ ସହରାଞ୍ଚଳରେ ନିର୍ମାଣ ହେବ ସେପ୍ଟି ଟ୍ୟାଙ୍କ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ
- ବ୍ରହ୍ମପୁର ସହର ସ୍ୱେରେଜ ପାଇଁ ୬୮୦ କୋଟିର ବ୍ୟୟ ବରାଦ

ସହରାଞ୍ଚଳରେ ପାଇଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ସିଧା ନଦୀ, ନାଳ କିମ୍ବା ହ୍ରଦକୁ ଖୋଲାରେ ଛାଡ଼ି ଦିଆଯାଉଛି। ଫଳରେ ଜଳାଶୟଗୁଡିକ ଅତିମାତ୍ରାରେ ପ୍ରଦୂଷିତ ହେଉଛି। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷ କରି ସହରାଞ୍ଚଳରେ ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ଆସନ୍ତା ୨୬ ତାରିଖ ସୁଦ୍ଧା ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟ ଶାସନ ସଚିବ ଏନ୍‌ଜିଟିରେ ସହରାଞ୍ଚଳ ନଦୀ ଜଳ ପ୍ରଦୂଷଣ ରୋକିବାକୁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଆକ୍ସନ ଟେକେନ ରିପୋର୍ଟ ଦାଖଲ କରିବେ।

ଏନ୍‌ଜିଟି ନିର୍ଦ୍ଦେଶ ପରେ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। ସଚିବାଳୟଠାରେ ଶୁକ୍ରବାର ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏନ୍‌ଜିଟିରେ ହାଜର ହେବା ପୂର୍ବରୁ ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା ନେଇ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ତର୍ଜମା କରାଯାଇଥିଲା। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଅମୃତ ଯୋଜନାରେ କଟକ, ଭୁବନେଶ୍ୱର, ସମ୍ବଲପୁର ଏବଂ ରାଉରକେଲାରେ ସ୍ୱେରେଜ କାର୍ଯ୍ୟ ଚାଲୁରହିଛି। ବ୍ରହ୍ମପୁର ମହାନଗରରେ ସ୍ୱେରେଜ କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ୬୮୦ କୋଟି ଟଙ୍କର ବ୍ୟୟ ବରାଦ କରାଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର ଡକାଯିବ। ଭୁବନେଶ୍ୱରରେ ନିର୍ମାଣାଧୀନ ସ୍ୱେରେଜ କାର୍ଯ୍ୟ ଆସନ୍ତା ୨୦୨୨ ସୁଦ୍ଧା ଶେଷ ହେବ। ଟେଣ୍ଡର ନେଉଥିବା ସଂସ୍ଥାଗୁଡିକ ଅଧାରୁ କାର୍ଯ୍ୟ ଛାଡି ଦେଉଥିବାରୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି ବୋଲି ସ୍ୱେରେଜ ବୋର୍ଡର ଜଣେ ଅଧିକାରୀ କହିଛନ୍ତି।

ଅନ୍ୟପକ୍ଷରେ ୫ ମହାନଗର ନିଗମ ବ୍ୟତୀତ ଅନ୍ୟ ସହରରେ ପାଇଖାନା ବର୍ଜ୍ୟଜଳକୁ ପରିଚାଳନା କରି ବ୍ୟବହାର ଉପଯୋଗୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୨୬ଟି ସହରାଞ୍ଚଳରେ ନିର୍ମାଣ ହେବ ସେପ୍ଟି ଟ୍ୟାଙ୍କ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ। ଏଥିପାଇଁ ପ୍ରତ୍ୟେକ ପ୍ଲାଣ୍ଟ ପିଛା ୨ରୁ ୩ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ପର୍ଯ୍ୟାୟ କ୍ରମେ ୧୧୪ଟି ସହରାଞ୍ଚଳରେ ଏହି ଟାଙ୍କି ନିର୍ମାଣ କରାଯିବ ବୋଲି ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ବନ୍ଦ ଦ୍ୱାରଦେଶରେ ଜିନ୍ଦଲ କାରଖାନା

**ଯାଜପୁର ଅଫିସ,୮।୩:** ଶିଳ୍ପ କାରଖାନା ପ୍ରତିଷ୍ଠା ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଆସିଥିବା ସହ ବେକାରି ସମସ୍ୟା ଦୂର ହେଉଥିବା ସରକାର ଦାବି କରୁଛନ୍ତି। କିନ୍ତୁ ବାସ୍ତବରେ କଳିଙ୍ଗନଗର ଶିଳ୍ପ ଏବେ ସଙ୍କଟରେ ଗତି କରୁଛି । ୨୦୧୭ ଅଗଷ୍ଟରେ ଅଧିକ ଖଣି ଉତ୍ତୋଳନ ଅଭିଯୋଗରେ ସୁପ୍ରିମକୋର୍ଟଙ୍କ ଜରିମାନା ଆଦାୟ ନିର୍ଦ୍ଦେଶ ପରେ ଖିଲାପି ଖଣି କମ୍ପାନୀଗୁଡିକ ବନ୍ଦ ହୋଇଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହିକ୍ରମରେ କଞ୍ଚାମାଲ ଅଭାବରୁ ମେସ୍କୋ ଗ୍ରୁପ ପରିଚାଳିତ ମଇଥାନ ଇସ୍ପାତ ଗତ ୨୦ ଦିନ ହେଲା ବନ୍ଦ ପଡିଥିବାବେଳେ ପୁଣି ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ବନ୍ଦ ହେବା ଦ୍ୱାରଦେଶରେ ପହଞ୍ଚିଛି। ଏଥିଯୋଗୁ ହଜାର ହଜାର କର୍ମଚାରୀ ଓ ଶ୍ରମିକଙ୍କ ଜୀବିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନିର୍ବାଚନସମୟରେଏଭଳିପରିସ୍ଥିତିସରକାରଙ୍କୁଅଡୁଆରେପକାଇଛି।

ଖଣି ଦୁର୍ନୀତି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଶତପ୍ରତିଶତ ଜରିମାନା ଆଦାୟ କରାଯିବ ବୋଲି ରାୟ ପ୍ରକାଶ କରିଥିଲେ। ଏଥିରେ ଯାଜପୁର ଜିଲାର ୧୩ଟି ଖଣି ଲିଜଧାରୀଙ୍କଠାରୁ ୪, ୭୯୮ କୋଟି୩୬ଲକ୍ଷ ୫ହଜାର ୩୫୮ ଟଙ୍କା ଜରିମାନା ଆଦାୟ ହେବ ବୋଲି ଜିଲା ମାଇନିଂ ବିଭାଗରୁ ସୂଚନା ମିଳିଥିଲା। ସେଥିରୁ ଓଏମ୍‌ସିର ସାଉଥ କାଳିଆପାଣି କ୍ରୋମାଇଟ ମାଇନ୍ସ ଉପରେ ସର୍ବାଧିକ ୩,୨୫୬ କୋଟି ୭୪ଲକ୍ଷ ୮୩ହଜାର ୧୩୯ ଟଙ୍କା ଜରିମାନା ରହିଥିଲା। ଏଥିରେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ୮୯ ହେକ୍ଟର ବିଶିଷ୍ଟ କାଳିଆପାଣି କ୍ରୋମାଇଟ ମାଇନ୍ସ ଉପରେ ୮୫.୪୦ କୋଟି ଟଙ୍କା ଜରିମାନା ହୋଇଥିଲା। ତେବେ ଏନେଇ ଖଣି କମ୍ପାନୀଗୁଡ଼ିକ ସୁପ୍ରିମକୋର୍ଟରେ ରହିତାଦେଶ ଆଣିଥିଲେ। ତେବେ ସମ୍ପୃକ୍ତ ଖିଲାପି ଖଣି କମ୍ପାନୀଗୁଡିକୁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପରିବେଶଗତ ଅନୁମତି(ଇସି) ଆଉ ମିଳି ନ ଥିଲା। ଫଳରେ ଯେଉଁ କମ୍ପାନୀଗୁଡ଼ିକର ଅବଧି ଶେଷ ହୋଇଯାଇଥିଲା ସେମାନଙ୍କୁ ଆଉ ପରିବେଶ ଅନୁମତି ନ ମିଳିବାରୁ ଖଣି ଉତ୍ତୋଳନ ବନ୍ଦ ରହିଛି। କାଳିଆପାଣିରେ ଥିବା ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲର କାଳିଆପାଣି କ୍ରୋମାଇଟ ମାଇନ୍ସରେ ଗତ ଫେବୃୟାରୀରୁ ଉତ୍ତୋଳନ ହେଉନାହିଁ। ଅନ୍ୟପକ୍ଷେ ସରକାରୀ ଖଣି ସଂସ୍ଥା ଓଏମ୍‌ସି ଚଢ଼ାଦରରେ କ୍ରୋମାଇଟ ବିକ୍ରି କରୁଛି। ଓଏମ୍‌ସି ଲଙ୍ଗ୍ ଟର୍ମ ଲିଙ୍କେଜ୍ ସୁବିଧା ଦେଇ ନ ଥିବାରୁ ଜିନ୍ଦଲ କମ୍ପାନୀ ନିଲାମରେ ଚଢ଼ାଦରରେ କ୍ରୋମାଇଟ କିଣି କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ସାରା ଦେଶରେ ଇସ୍ପାତ ରାଜଧାନୀ ଭାବେ ପରିଚିତ କଳିଙ୍ଗନଗର ଇତିହାସ ହୋଇଯିବ ବୋଲି ମତପ୍ରକାଶ ପାଇଲାଣି। ପରିବେଶ ମଞ୍ଜୁରୀ ଆଇନ, ୧୯୮୦ ମସିହା ଜଙ୍ଗଲ ସଂରକ୍ଷଣ ଆଇନ, ୨୧(୫) ମାଇନିଂ ରୁଲ ଏମଏମଡିଆର ଓ ଏମ୍‌ସିଆର ନିୟମର ଉଲ୍ଲଂଘନ କରିଥିବା ଖଣି ଲିଜଧାରୀଙ୍କ ପାଇଁ ଏବେ ମୁଣ୍ଡବ୍ୟଥାର କାରଣ ହୋଇଛି। ଚଢ଼ାଦରରେ କ୍ରୋମାଇଟ ଓ ଲୁହାପଥର କିଣିବାକୁ ପଡୁଥିବାରୁ ଲାଭରେ ହ୍ରାସ ଘଟିଛି। ଫଳରେ ଶିଳ୍ପ କମ୍ପାନୀଗୁଡ଼ିକ କର୍ମଚାରୀ ଛଟେଇ କରିବାରେ ଲାଗିଛନ୍ତି। ଜଣାପଡିଛି ଯେ, କଳିଙ୍ଗନଗରର ନିକଟରେ ବନ୍ଦ ପଡିଥିବା ମଇଥାନ କାରଖାନାର କର୍ମଚାରୀ ଓ ଠିକାଶ୍ରମିକଙ୍କୁ ଗତ ୨/୩ ମାସ ହେବ ପାଉଣା ମିଳିନାହିଁ। ସମସ୍ୟା ବଢ଼ିଲାଣି, କର୍ମଚାରୀମାନେ ଏହିପରି ବିଦା ହେଲେ ଅର୍ଥନୀତି ରୁଗ୍‌ଣ ହେବ ଏଥିରେ ସନ୍ଦେହ ନାହିଁ। ତେବେ ସରକାର ନୀରବ ରହିଲେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ମତପ୍ରକାଶ ପାଉଛି । ସରକାର ମେକ୍ ଇନ୍ ଓଡିଶା ମାଧ୍ୟମରେ ଅନେକ ଶିଳ୍ପ ସଂସ୍ଥାକୁ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ ଦେଉଥିଲେ ହେଁ ଏହି କାରଣରୁ ସେମାନେ ପଛଘୁଞ୍ଚା ଦେଉଛନ୍ତି । ଏହାକୁ ନେଇ ଉପରୋକ୍ତ କାରଖାନାଗୁଡିକରେ କାର୍ଯ୍ୟରତ ଶ୍ରମିକଙ୍କୁ ଛଟେଇ କରାଯିବାର ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଗତ ୧ ବର୍ଷ ହେଲା ପରିବେଶଗତ ଅନୁମତି ନ ମିଳିବାରୁ ନିଜସ୍ୱ ଖଣିରୁ କଞ୍ଚାମାଲ ଉତ୍ତୋଳନ ବନ୍ଦ ରହିଛି । ତଥାପି ମାନବିକ ଦୃଷ୍ଟିକୋଣରୁ ବିନା କାର୍ଯ୍ୟରେ କର୍ମଚାରୀ ଓ ଶ୍ରମିକଙ୍କୁ ଦରମା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଦିଆଯାଉଛି। ଏବେ କମ୍ପାନୀର ଆର୍ଥିକ ସ୍ଥିତି ଭଲ ନାହିଁ। ତେଣୁ ନିକଟ ଭବିଷ୍ୟତରେ କମ୍ପାନୀକୁ ବନ୍ଦ କରାଯିବା ପାଇଁ ବାଧ ହେଉଛୁ ବୋଲି ସେ କହିଛନ୍ତି।

**ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ସମାରୋହ**

# ମିଶନ ଶକ୍ତି ଏକ ନୀରବ ବିପ୍ଳବ

**ଭୁବନେଶ୍ୱର,୮।୩(ବ୍ୟୁରୋ)**

ମହିଳାମାନଙ୍କ ସଫଳତାର ଜୟଗାନ ସହିତ ସେମାନଙ୍କୁ ନ୍ୟାଯ୍ୟ ଅଧିକାର ଦେବା ଓ ସଶକ୍ତ କରିବା ଆନ୍ତର୍ଜାତିକ ମହିଳା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମହିଳାମାନେ ନିଜ ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ତା'ର ବିକାଶ କଲେ, ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ କହିଛନ୍ତି।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାମଲ ଏହା କହିଛନ୍ତି। ବିଭାଗୀୟ କମିଶନର ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶିକା ସୁଜାତା ଆର୍. କାର୍ତ୍ତିକେୟନ ଯୋଗଦେଇ କହିଥିଲେ, ଏକ କ୍ଷୁଦ୍ର ଉଦ୍ୟମରୁ ଆରମ୍ଭ ହୋଇଥିବା ମିଶନ ଶକ୍ତି ଆନ୍ଦୋଳନ ଆଜି ୧୮ ବର୍ଷରେ ପଦାର୍ପଣ କରିଛି। ୬ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୭୦ ଲକ୍ଷ ମହିଳାଙ୍କ ଯୋଗଦାନ ଦ୍ୱାରା ମିଶନ ଶକ୍ତି ବ୍ୟାପକ ରୂପ ଧାରଣ କରି ଏକ ନିରବ ବିପ୍ଳବରେ ପରିଣତ ହୋଇଛି। ମହିଳା ବିକାଶ ସମବାୟ ନିଗମ ଅଧ୍ୟକ୍ଷା ଶ୍ୱେତାସ୍ନିଗ୍ଧା ମିଶ୍ର, ଶିଶୁ ସୁରକ୍ଷା ଅଧିକାର କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଶା ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ଲତିକା ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜ କଲ୍ୟାଣ ନିର୍ଦ୍ଦେଶକ ରେଘୁ ଜି. ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଭଲ ପ୍ରଦର୍ଶନ ପାଇଁ ଗଞ୍ଜାମ, ଗଜପତି ଓ ବାଲେଶ୍ୱର ଜିଲାକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଢେଙ୍କାନାଳର ମହର୍ଷି ଦୟାନନ୍ଦ ସର୍ଭିସେସ୍ ମିଶନ, କେନ୍ଦ୍ରାପଡ଼ାର ଲୁଥେରାନ୍ ମହିଳା ସମିତି, କନ୍ଧମାଳର ବନବାସୀ ସେବା ସମିତିକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଦିଆଯାଇଥିଲା। ସେହିପରି ଶିଶୁଯତ୍ନ ଅନୁଷ୍ଠାନ ବର୍ଗରେ ସମ୍ବଲପୁରର ଧନକଉଡ଼ାସ୍ଥିତ ଶିଶୁ ଗୃହ, ଭୁବନେଶ୍ୱରର ଏସ୍‌ଓଏସ୍ ଚିଲ୍‌ଡ୍ରେନ ଭିଲେଜ୍, ଭଦ୍ରକର ଯୋଗୀରଷୀ ଲକ୍ଷ୍ମଣ ଦାସ ଶିଶୁ ଆଶ୍ରମକୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ବରଗଡ଼ର ବନ୍ଧପାଲିସ୍ଥିତ ଜଗଦମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ, ଗଞ୍ଜାମର ଯୋଗେନ୍ଦ୍ର ପ୍ରସାଦସ୍ଥିତ ସତ୍ୟସାଇ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଭଦ୍ରକର ଗେଲ୍‌ଟୁଆସ୍ଥିତ ଜୟ ମା'ଦୁର୍ଗା ହସ୍ତଶିଳ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ହଜାର ଟଙ୍କା ଓ ମାନପତ୍ର ଦିଆଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ମିଶନ ଶକ୍ତି ଋଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କକୁ ସମ୍ବର୍ଦ୍ଧିତ କରାଯାଇଥିଲା।



ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି।

## ସଂକ୍ଷେପରେ

### ୨ ଚୋରା ମଦ ବେପାରୀ ଗିରଫ

**ଠାକୁରମୁଣ୍ଡା, ୮।୩(ଡି.ଏନ.ଏ.):** ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଓ ମହୁଲ ଜବତ କରାଯିବା ସହିତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୁନାରାମ ସିଦୁଙ୍କ ଠାରୁ ୪ଶହ ବୋତଲ ମଦ ଜବତ କରି ତାଙ୍କୁ ଗିରଫ କରାଯାଇଥିବାବେଳେ ଠାକୁରମୁଣ୍ଡାର ବ୍ୟବସାୟୀ ସର୍ବେଶ୍ୱର ଜେନାଙ୍କ ଘର ଉପରେ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଅବକାରୀ କମିଶନର ଦେବେନ୍ଦ୍ର ମହାପାତ୍ର ଓ ସୁପରିଣ୍ଟେଣ୍ଡେଣ୍ଟ ମୟୂରଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ କଟକର ସ୍କ୍ୱାଡ ଅଚାନକ ଚଢ଼ାଉ କରି ଚମ୍ପାଝର ତଥା ଅନ୍ୟାନ୍ୟ ସ୍ଥାନରୁ ୪ଶହ ବୋତଲ ବିଦେଶୀ ମଦ ଜବତ ହୋଇଛି। ଠାକୁରମୁଣ୍ଡା ବ୍ୟବସାୟୀଙ୍କ ଠାରୁ ୨୪୦ବସ୍ତା ମହୁଲ ଜବତ ହୋଇଛି। ନିର୍ବାଚନ ପୂର୍ବରୁ ମଦ ବ୍ୟବସାୟ ଉପରେ ଅଂଙ୍କୁଶ ଲଗାଇବା ଦୃଷ୍ଟିରୁ ଏଭଳି ଚଢ଼ାଉ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ଇନ୍ଦିରା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କପ୍ତିପଦା,୮।୩(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ନୁଦୁଡିହାସ୍ଥିତ ଇନ୍ଦିରା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଶାନ୍ତନୁ ବିଦ୍ଧାଣି ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଧାନ ଚନ୍ଦ୍ର ରାୟ ଯୋଗଦେଇ ଶିକ୍ଷକମାନେ ସଂସ୍କାରୀ ହେଲେ ଛାତ୍ରୀଛାତ୍ର ଚରିତ୍ରବାନ ହୁଅନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ , ନୁଦୁଡିହା ସରପଞ୍ଚ କାହ୍ନୁଚରଣ ସୋରେନ, ଶିକ୍ଷାବିତ୍ ଗଣନାଥ ମହାନ୍ତି, ସିଆରସିସି ଅରୁଣ ସାହୁ, ପ୍ରତାପ ଚନ୍ଦ୍ର ଖଟୁଆ, ପ୍ରଣବ ମହାପାତ୍ର , ଉଷାରାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଶିକ୍ଷୟିତ୍ରୀ ଲକ୍ଷ୍ମୀମଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

### ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ

**ବାରିପଦା ଅଫିସ, ୮।୩:** ବାରିପଦା ସହର ଉପକଣ୍ଠସ୍ଥିତ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜିକା ଉଷା ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। ସଂଯମୀ ଓ ସାହାସୀ ହେବାକୁ ଶିବିରରେ ଉପସ୍ଥିତ ଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଇଂ. ବିପ୍ଲବ ଭଞ୍ଜନ ବୁଗୁଡେଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ପ୍ରଶିକ୍ଷିକା ଭାବେ କ୍ରୀଷ୍ଣା ରାଉତ ଯୋଗ ଦେଇଥିଲେ। ଅନୁଷ୍ଠାନର ଡିନ ଡ. ରଣଜିତ କୁମାର ସାହୁ ଶିବିର ପରିଚାଳନା କରିଥିଲେ। ଅଧାପିକା ଇଂ. ସୁଜାତା ମଣ୍ଡା, ବନଜା ପାଲବାବୁ, ଶୁଭସ୍ମିତା ଭାରତୀ ହୋତା, ସାମାଜିକ କର୍ମୀ ଚନ୍ଦନ ସେଜପଡା ପ୍ରମୁଖ ଉପସ୍ଥିତ ଥିଲେ।

### ବାରିପଦା ଆସିବେ ଜେଏମ୍ଏମ୍ ମୁଖ୍ୟ

**ବାରିପଦା ଅଫିସ,୮।୩:** ଆସନ୍ତା ରବିବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା କେନ୍ଦ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ବାରିପଦାଠାରେ ଏକ ରାଜ୍ୟସ୍ତରୀୟ କର୍ମକର୍ତ୍ତା ବୈଠକରେ ଯୋଗଦେବେ । ଏନେଇ ଜେଏମ୍ଏମ୍ ଓଡ଼ିଶା ରାଜ୍ୟ ସଭାପତି ମହେଶ ହେମ୍ବ୍ରମ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଜେଏମ୍ଏମ୍ କଂଗ୍ରେସ ସହ ବୁଝାମଣା କରି ଲଢ଼ିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲାର ଦଳୀୟ କର୍ମକର୍ତ୍ତାଙ୍କ ସହ ଜେଏମ୍ଏମ୍ କେନ୍ଦ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ହେମନ୍ତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

### ୩୦ରେ ଜିଲା ଓକିଲ ସଂଘ ନିର୍ବାଚନ

**ବାରିପଦା ଅଫିସ,୮।୩:** ଜିଲା ଓକିଲ ସଂଘର ସଭାଗୃହରେ ସଭାପତି ପ୍ରବୀର ବସାଙ୍କ ସଭାପତିତ୍ୱରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲା ଓକିଲ ସଂଘ ବାରିପଦାର ନିର୍ବାଚନ-୨୦୧୯ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆସନ୍ତା ୩୦ ତାରିଖରେ ସଂଘର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିବା ନେଇ ସଂଘ ସାଧାରଣ ସମ୍ପାଦକ ବିପ୍ଳବ ବାରିକ ସୂଚନା ଦେଇଛନ୍ତି। ଓକିଲ ସଂଘର ପୂର୍ବତନ ସଭାପତି ଆଇନଜୀବୀ ବିଜନ ଦାସଙ୍କୁ ନିର୍ବାଚନ ଅଧିକାରୀ ଭାବେ ଚୟନ କରାଯାଇଛି।

# ମିଳିଲାନି ଆଡମିଟ୍ କାର୍ଡ, ପରୀକ୍ଷା ଦେବାରୁ ବଞ୍ଚିତ

## ଖୋଳତାଡ଼ ଆରମ୍ଭ, କିରାଣି ଫେରାର

**ଉଦଳା ,୮।୩ (ଡି.ଏନ୍.ଏ.)**



ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ।

ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ଯୁକ୍ତଦୁଇ କଳା ଛାତ୍ରୀ ଲିଲିମଣୀ ବାସ୍କେ ଶୁକ୍ରବାର ପରୀକ୍ଷା ଦେବା ନିମନ୍ତେ ପହଞ୍ଚିଥିଲେ । ପୂର୍ବରୁ ସେ ଆଡମିଟ୍ କାର୍ଡ ନେଇ ନ ଥିବାରୁ ଆଜି ଏହା ନେଇ ପରୀକ୍ଷା ଦେବେ ବୋଲି ବାହାରିଥିଲେ । ହେଲେ କଲେଜରେ ପହଞ୍ଚିଥିବା ପରେ ଯାହା ଜାଣିବାକୁ ପାଇଥିଲେ ତାହା ଶୁଣି ତାଙ୍କ ପାଦତଳୁ ମାଟି ଖସିଯାଇଥିଲା । କଲେଜରେ ପରୀକ୍ଷା ଦେବା ବାବଦରେ ବୁଝିବାରୁ ତାଙ୍କର ଆଡମିଶନ ହୋଇ ନ ଥିବା ସେ ଜାଣିବାକୁ ପାଇଥିଲେ । ଏ ବାବଦରେ ସେ ମହାବିଦ୍ୟାଳୟ କର୍ମଚାରୀଙ୍କ ସମେତ ପ୍ରିନ୍ସିପାଲଙ୍କୁ ପଚାରିବାରୁ ତାଙ୍କର ଆଡମିଶନ ହୋଇ ନ ଥିବା ସେମାନେ କହିଥିଲେ । ଲିଲିମଣୀ ମହାବିଦ୍ୟାଳୟର କିରାଣୀ ମାନସ ଶଙ୍କର ମହାନ୍ତିଙ୍କ ସାହାଯ୍ୟରେ ଆଡମିଶନ କରାଇଥିଲେ । ଏବାବଦକୁ କିରାଣୀ ଜଣକ ତାଙ୍କଠାରୁ ୪,୫୦୦ ଟଙ୍କା ନେଇଥିଲେ । ଏପରି କି ଆଡମିଶନ କରାଇବା ପରେ ତାଙ୍କୁ କୌଣସି ରସିଦ୍ ମଧ ଦେଇ ନ ଥିଲେ । ଆଇଡେଣ୍ଟିଟି କାର୍ଡ ମଧ ଦେଇ ନ ଥିଲେ । ବାରମ୍ବାର ଲିଲିମଣୀ କାର୍ଡ ମାଗିବାରୁ ପରୀକ୍ଷା ସମୟରେ ତାହା ପ୍ରଦାନ କରାଯିବ ବୋଲି ସେ କହିଥିଲେ । କିରାଣୀ ଜଣକ ଲିଲିମଣୀଙ୍କୁ କେବଳ ସିଲାବସ୍ ପ୍ରଦାନ କରିଥିଲେ । ଏହା ପରେ ଯୁକ୍ତଦୁଇ ପରୀକ୍ଷା ନିମନ୍ତେ ସେ ଫର୍ମ ଫିଲଅପ୍ କରିବାକୁ ଆସିଥିବା ବେଳେ ସଂପୃକ୍ତ କିରାଣୀ ଏହା କରାଇ ଦେବେ କହି ସେ ବାବଦରେ ତାଙ୍କଠାରୁ ଅର୍ଥ ଟଙ୍କା ନେଇଥିଲେ । ତେବେ ଶୁକ୍ରବାର ଲିଲିମଣୀ କଲେଜକୁ ପରୀକ୍ଷା ଦେବା ନିମନ୍ତେ ଆସିଥିବା ବେଳେ କଲେଜରେ ତାଙ୍କର ଆଡମିଶନ କିମ୍ବା ଫର୍ମ ଫିଲଅପ ହୋଇ ନ ଥିବା ଜାଣିବାକୁ ପାଇଥିଲେ । ଯାହାଫଳରେ ସେ ଯୁକ୍ତଦୁଇ କଳା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି । ଏହାକୁ ନେଇ ସେ ସଂପୃକ୍ତ କିରାଣୀଙ୍କ ବିରୁଦ୍ଧରେ କଲେଜ ଅଧକ୍ଷାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଏ ନେଇ କଲେଜ ଅଧକ୍ଷା କିରାଣୀଙ୍କ ବିରୁଦ୍ଧରେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ପୋଲିସ୍ କଲେଜରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ପଦାକୁ ଆସିବା ପରେ କିରାଣି ଫେରାର ହୋଇଯାଇଛନ୍ତି। ଛାତ୍ରୀଙ୍କଠାରୁ ନାମ ଲେଖା ନାଁରେ ଅର୍ଥ ହଡ଼ପ ହୋଇଥିବା ପୋଲିସକୁ ସୁରାକ୍ ମିଳିଛି।

ଏଠାରେ ସବୁଠାରୁ ବଡ ପ୍ରଶ୍ନ ଉଠୁଛି, କଲେଜ କର୍ତ୍ତୃପକ୍ଷ ଏକ ବର୍ଷରୁ ଅଧିକ ସମୟ ହେଲାଣି ଏ ଘଟଣା ବାବଦରେ କିପରି ଜାଣିପାରିଲେ ନାହିଁ। ଉକ୍ତ ଛାତ୍ରୀଜଣକ ମହାବିଦ୍ୟାଳୟରେ କିପରି ବିନା ଆଡମିଶନରେ କ୍ଲାସ୍ କରୁଥିଲେ । କେବଳ ସେତିକି ନୁହେଁ, କଲେଜରେ ଲିଲିମଣୀଙ୍କ ରୋଲ ନଂ – ୨୬୭ ରହିଛି। ଯଦି ସେ କଲେଜରେ ଆଡମିଶନ ହୋଇନାହାନ୍ତି , ତେବେ ତାଙ୍କୁ ସେହି ରୋଲ ନମ୍ବର କିପରି ପ୍ରଦାନ କରାଗଲା । ଏହି ଘଟଣା ପରେ ସଂପୃକ୍ତ ଛାତ୍ରୀଙ୍କର ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଥିବା ବେଳେ ଏ ବାବଦରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ସେପରି କୌଣସି ପ୍ରତିକ୍ରିୟା ନ ଥିବା ଜଣାପଡ଼ିଛି। ମହାବିଦ୍ୟାଳୟ ଅଧକ୍ଷା ଜୟଶ୍ରୀ ଚୌଧୁରୀଙ୍କୁ ପଚାରିବାରୁ , ଥାନାରେ ଏତଲା ଦିଆଯାଇଛି, ଆଇନ ଅନୁସାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନଗ୍ରହଣକରାଯିବବୋଲିକହିଛନ୍ତି।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

**ଖୁଣ୍ଟା, ୮।୩ (ଡି.ଏନ.ଏ.)**

ଖୁଣ୍ଟା ବ୍ଲକ ଗଡ଼ିଗାଁଠାରେ ବ୍ଲକ କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଫସଲ ସଂରକ୍ଷଣ ଅଧିକାରୀ ମନୋଜ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟଅତିଥି, ମୟୂରଭଞ୍ଜ ଜିଲା ପରିଷଦ ଅଧକ୍ଷ ସୁଜାତା ମୁର୍ମୁ, ବ୍ଲକ ଅଧକ୍ଷ ପୁଷ୍ପଲତା ମାର୍ଣ୍ଡି, ଉପାଧକ୍ଷ ସିଧନାଥ ସରେନ, ଗଡିଗାଁ ସରପଞ୍ଚ ଚମ୍ପା ସରେନ, ଉପ କୃଷି ନିର୍ଦ୍ଦେଶକ ଦାମୋଦର ସେଠୀ, ମୁଖ୍ୟ କୃଷି ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ବିଡିଓ ଦେବଦତ୍ତ ପଣ୍ଡା, ସହକାରୀ ଉଦ୍ୟାନ ଅଧିକାରୀ ଅର୍ଚ୍ଚନା ବେହେରା, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସନ୍ଦୀପ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୃଷକ ସମ୍ପର୍କ ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅତିଥିମାନେ ସୂଚନା ଦେଇଥିଲେ। ଏଥିସହିତ କୃଷକମାନେ କିଭଳି ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବେ, ସାର ଔଷଧର ଠିକ୍ ପରିଚାଳନା, ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଓ ଧାନ ଚାଷ ବ୍ୟତୀତ ପନିପରିବା, ତୈଳବୀଜ, ପ୍ରାଣୀ, ପକ୍ଷୀ ଆଦି ପାଳନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ପ୍ରୋତ୍ସାହନ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଇଥିଲା। ଶେଷରେ ବ୍ଲକ ସହକାରୀ କୃଷି ଅଧିକାରୀ ସ୍ନେହାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଡ଼ି ଅଟକାଇ ଚାନ୍ଦା ଆଦାୟ, ଆରଟିଓଙ୍କ ଚାଳକ ଅଟକ

**ବାରିପଦା ଅଫିସ,୮।୩**

ମୟୂରଭଞ୍ଜ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଗାଡି ଡ୍ରାଇଭର ଜାତୀୟ ରାଜପଥରେ ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଥିବାବେଳେ ପୋଲିସ ତାଙ୍କୁ ଅଟକ ରଖିଛି। ଗୁରୁବାର ରାତି ପ୍ରାୟ ୧୦.୩୦ମି.ରେ ଆରଟିଓଙ୍କ ସରକାରୀ ଗାଡି ଡ୍ରାଇଭର ବାରିପଦା ସହର ଉପକଣ୍ଠ ତଥା ଜାତୀୟ ରାଜପଥର ଦାମୋଦରପୁର ଛକଠାରେ ଏକ ଟ୍ରକକୁ ଅଟକାଇ ଡ୍ରାଇଭରଙ୍କଠାରୁ ମୋବାଇଲ ଓ କାଗଜପତ୍ର ଛଡ଼ାଇ ନେଇ ଟଙ୍କା ଦାବି କରିଥିଲେ। ରାସ୍ତାରେ ଟ୍ରକ ଅଟକି ରହିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଲୋକେ ବାରିପଦା ସଦର ପୋଲିସରେ ଖବର ଦେଇଥିଲେ। ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚାନ୍ଦା ଆଦାୟ କରୁଥିବା ଡ୍ରାଇଭରଙ୍କୁ ଥାନାକୁ ଆଣି ପଚରାଉଚରା କରିଥିବା ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି। ହେଲେ ଥାନାରେ ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ।

# ଜାତୀୟ ସେବା ଯୋଜନା ଶିବିର



ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

**ବାରିପଦା ଅଫିସ, ୮।୩**

ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱତନ୍ତ୍ର ଶିବିର ଉଦ୍ଘାଟିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ ନାୟକ ଉଦ୍ଘାଟନୀ ସଭାରେ ପୌରୋହିତ୍ୟ କରି ଜାତୀୟ ସେବା ଯୋଜନା ଛାତ୍ର ଜୀବନରେ ଗଠନମୂଳକ ପରିବର୍ତ୍ତନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଉପାଧକ୍ଷା ସଂଘମିତ୍ରା ରାଉତ ଜାତୀୟ ସେବା ଯୋଜନା ଛାତ୍ର ଜୀବନରେ ପରିବର୍ତ୍ତନର ସକାରାତ୍ମକ ମୂଳଦୁଆ ପକାଇଥାଏ ବୋଲି କହିଥିଲେ। ଅଧ୍ୟାପକ ମଦନ ମୋହନ ସାହୁ, କେ. ନାୟକ, ଗଣେଶ ଚନ୍ଦ୍ର ପରିଡ଼ା, ରାହୁଲ ନନ୍ଦି, ସୌମ୍ୟରଞ୍ଜନ ଜେନା, ବିଭୁଦ ଗିରି, ସାଗରିକା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଧ୍ୱଜା ଅବତରଣ ସହ ଛାତ୍ରୀଛାତ୍ର ତଥା ଶିବିରାର୍ଥୀମାନେ ଶପଥ ଗହଣ କରିଥିଲେ।

# ବାଇକରୁ ଖସି ୨ ଗୁରୁତର, ଆମ୍ବୁଲାନ୍ସ ନ ଥିବାରୁ ଉତ୍ତେଜନା

**ବଡ଼ସାହି,୮।୩(ସ.ପ୍ର)**

ବଡ଼ସାହି–ଉଦଳା ରାସ୍ତା ଗୁହାଳଡିହୀ ନିକଟରେ ଶୁକ୍ରବାର ରାତି ୭ଟାରେ ଏକ ବାଇକରୁ ଖସି ଦୁଇଜଣ ଯୁବକ ଗୁରୁତର ହୋଇଛନ୍ତି । ସେମାନେ ହେଲେ ରାସଗୋବିନ୍ଦପୁର ବ୍ଲକ ଖଣ୍ଡାପାଳ ପଞ୍ଚାୟତ କରଞ୍ଜପଡ଼ା ଗ୍ରାମର ଗୋବିନ୍ଦ ମୁର୍ମୁ ଓ ଚାନ୍ଦୁ ମୁର୍ମୁ । ଏକ ବାଇକରେ ୩ ଜଣ ଯୁବକ ଉଦଳା ପଟୁ ବଡ଼ସାହି ଅଭିମୁଖେ ଆସୁଥିବା ବେଳେ ଭାରସାମ୍ୟ ହରାଇ ପଡିଯାଇଥିଲେ । ଫଳରେ ଉଭୟଙ୍କ ଗୋଟିଏ ଲେଖାଏ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି । ବଡ଼ସାହି ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ରକ୍ତସ୍ରାବ ହେବାରୁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲକୁ ପଠାଯାଇଛି । ତେବେ ଗୁରୁତରଙ୍କୁ ବାରିପଦା ନେବା ପାଇଁ ୧୦୮ଆମ୍ବୁଲାନ୍ସ ଉପଲବ୍ଧ ନ ଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସ ଗାଡି ଅଚଳାବସ୍ଥା ଅବସ୍ଥାରେ ରହିଛି । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । କଂଗ୍ରେସ ନେତା ପ୍ରକାଶ କରମହପାତ୍ର, ଯୁବ କଂଗେସ ସଭାପତି ଶଶାଙ୍କଶେଖର କର, ସଞ୍ଜୟ ବେହେରା ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ପଠାଇଛନ୍ତି ।

## ଆନ୍ତର୍ଜାତିକ ମହିଳା ଦିବସ

# ଅଙ୍ଗନୱାଡ଼ି କର୍ମୀ ସମ୍ବର୍ଦ୍ଧିତ

**ବାରିପଦା ଅଫିସ,୮।୩**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ୟୁନିଭରସାଲ ଏଜୁକସେନ ପଏଣ୍ଟ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସମରେନ୍ଦ୍ର ବସାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍କେସି ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ବକ୍ତାଭାବେ ଇନରହୁଇଲ କ୍ଲବର ସଭ୍ୟା ସୁପ୍ରିତି ଦଳବେହେରା ଯୋଗଦେଇଥିବା ବେଳେ ଗୋପବନ୍ଧୁ ସାହିତ୍ୟ ସଂସଦ ସମ୍ପାଦକ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ଏବଂ ଓକେସିଏଲ ଜିଲା ପରିଦର୍ଶକ ଚନ୍ଦ୍ରଭାନୁ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦିକା ଅନୀତା ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ଅନନ୍ଦମୟୀ ପ୍ରଥମ ହୋଇଥିବା ବେଳେ ଅନୁପ୍ରଭା ବେହେରା ଦ୍ୱିତୀୟ, ସୀମା କୁମାରୀ ତୃତୀୟ ହୋଇଛନ୍ତି। ସେହିପରି ଜୁନିୟର କୁଇଜ ବିଭାଗରେ ଦୁଃଖୀମଣୀ ହାସଁଦା ପ୍ରଥମ, ସୋନାଲୀ ଗିରି ଦ୍ୱିତୀୟ ଏବଂ ସାୟିଦା ମଲିମ ତୃତୀୟ ହୋଇଛନ୍ତି। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବାରିପଦା ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ଜିଲା ପ୍ରଶାସନ ଏବଂ ଜିଲା ଆଇନ ସହାୟତା ପ୍ରଧିକରଣର ମିଳିତ ସହଯୋଗରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଭିନିତ ଭରଦ୍ୱାଜ ଯୋଗଦେଇ ଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର,ଜିଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ,ମହିଳା ଆଡଭୋକେଟ କାବେରୀ ମିଶ୍ର,ଶିଶୁ ମଙ୍ଗଳ କମିଟିର ଅଧକ୍ଷା କୃଷ୍ଣାକଳ୍ପନା ମହାନ୍ତି, ଡ.ଶରତଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ।

# କଂଗ୍ରେସର ବାଇକ ରାଲି


କଂଗ୍ରେସ ପକ୍ଷରୁ ବାହାରିଥିବା ବାଇକ୍ ରାଲି।

**ଚମ୍ପୁଆ,୮।୩(ଡି.ଏନ.ଏ)**

ଚମ୍ପୁଆରେ ଯୁବ କଂଗ୍ରେସର ବାଇକ ରାଲି ଅନୁଷ୍ଠିତ ହୋଇଛି। ଯୁବ କଂଗ୍ରେସ ସଭାପତି ପାର୍ଥସାରଥି ପହି, ୧୪ ନଂ ଜୋନ୍ ସଭାପତି ବିଶ୍ୱରଂଜନ ସେଠୀ, ସୌମ୍ୟ ରଂଜନ ସେଠୀ, ଅବିନାଶ ମହାପାତ୍ର, ତରୁଣ ସେଠୀ, ବିଭୀଷଣ ସେଠୀଙ୍କ ନେତୃତ୍ୱରେ ପ୍ରାୟ ୨ଶହ ମୋଟରସାଇକେଲରେ କଂଗ୍ରେସ କର୍ମୀମାନେ ରିମୁଳିଶିବ ମନ୍ଦିରଠାରୁ ବାହାରି ଚମ୍ପୁଆ ଓ ବାସୁଦେବପୁର ଦେଇରିମୁଳିରେ ପହଞ୍ଚିଥିଲେ ।

# ‘ନାରୀ ଅବଳା, ଦୁର୍ବଳା ନୁହେଁ’

**ଚମ୍ପୁଆ,୮।୩(ଡି.ଏନ.ଏ)**

**ବିଶ୍ୱ ମହିଳା ଦିବସ**

ଚମ୍ପୁଆ ଟାଉନ ହଲରେ ସାଇନାଥ ଓମେନ୍ସ କୋଅପରେଟିଭ୍ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଏମ୍ପି ଶକୁନ୍ତଳା ଲାଗୁରୀ, ରୀନା ବାରିକ, ଉପକାରାଗାର ମୁଖ୍ୟ ଜୀବନ ସିଂ କୁଦାଦା, କବି ପଦ୍ମିନୀ ମିଶ୍ର, ରଶ୍ମିତା ମହାରଣା ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ନାରୀ ନିର୍ଯାତନା, ଭ୍ରୁଣ ହତ୍ୟା ବୃଦ୍ଧି ପାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। କଳ୍ପନା ଚାୱାଲା ଭଳି ନାରୀ ଆଜି ମହାକାଶରେ ପହଞ୍ଚି ପାରିଥିବା ବେଳେ ଭାରତୀୟ ସୈନ୍ୟ ବାହିନୀଠାରୁ ଆରମ୍ଭ କରି ବିଭିନ୍ନ କର୍ମ କ୍ଷେତ୍ରରେ ନାରୀ ପରାକାଷ୍ଠା ପ୍ରତିପାଦନ କରିପାରିଛି ବୋଲି ମତ ବ୍ୟକ୍ତ କରିଛନ୍ତି। ନାରୀ ଅବଳା ନୁହଁ , କି ଦୁର୍ବଳା ନୁହଁ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଇନାଥ କୋଅପରେଟିଭ୍ ସୋସାଇଟି ସଭାପତି ସଂଯୁକ୍ତା ରାଉତ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମମତା ସାହୁ, ମମତା ରାଉତ, ବର୍ଷା ନାଏକ, ସୁଚିସ୍ମିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## କଂଗ୍ରେସର ପଞ୍ଚାୟତସ୍ତରୀୟ ବୈଠକ

# ଲୋକଙ୍କ ସମସ୍ୟା ବୁଝିବାକୁ ପରାମର୍ଶ


ବୈଠକରେ ଉପସ୍ଥିତ କର୍ମୀ ଓ ଜନସାଧାରଣ।

**ବଡସାହି,୮।୩(ସ୍ୱ.ପ୍ର)**

ବଡସାହି ବ୍ଲକର ପ୍ରତାପପୁର ହରିପୁର ଓ ବଡ଼ସାହି ପଞ୍ଚାୟତର ବେଲପାଳ ଗ୍ରାମରେ କଂଗ୍ରେସ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ପ୍ରକାଶ କରମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବନେତା ସଞ୍ଜୟ ବେହେରା, ସମିତି ସଭ୍ୟ ପାର୍ଥସାରଥି ପଣ୍ଡା, ହାଡିବନ୍ଧୁ ମହାପାତ୍ର, ଖଗେଶ୍ୱର ନାୟକ, ସରପଞ୍ଚ, ଯୁବନେତା ଶଶାଙ୍କ ଶେଖର କର, ସୁମନ୍ତ ସାହୁ, ପଙ୍କଜ ଦାସ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଭାଜପା ଓ ବିଜେଡି ସରକାରଙ୍କୁ ସମାଲୋଚନା କରିଛନ୍ତି । ଆଗାମୀ ନିର୍ବାଚନରେ କିପରି କଂଗ୍ରେସର ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରାଯିବ ସେ ସଂକ୍ରାନ୍ତରେ କର୍ମୀଙ୍କୁ ଗୁରୁମନ୍ତ୍ର ପ୍ରଦାନ ଦିଆଯାଇଛି। ୱାର୍ଡ କମିଟି ଓ ଗ୍ରାମ୍ୟ କମିଟି ମାଧ୍ୟମରେ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ସରକାରଙ୍କୁ ସମାଲୋଚନା

# ଭାଜପାର ବିଜୟ ସଂକଳ୍ପ ସମାବେଶ

**ବାଙ୍ଗିରିପୋଷି, ୮।୩ (ଡି.ଏନ.ଏ.)**


ସମାବେଶରେ ମଞ୍ଚାସୀନ ଅତିଥି।

ବାଙ୍ଗିରିପୋଷି ବ୍ଲକ ଜଳଡ଼ିହା ଯାତ୍ରା ପଡିଆରେ ଭାଜପାର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଛି। ମୋର୍ଚ୍ଚା ସାଧାରଣ ସଂପାଦକ ସୁଗଦା ମୁର୍ମୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ କେନ୍ଦ୍ର ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜୁଏଲ ଓରାମ, ଅଭିନେତା ଶ୍ରୀତମ ଦାସ ଅତିଥିଭାବେ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ରାଜ୍ୟ ସରକାର ସହାୟତା କରୁ ନ ଥିବାରୁ ସମାଲୋଚନା କରିଥିଲେ । ଭାଜପା ପୂର୍ବ ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ଚାନ୍ଦୁଆର ବରିଷ୍ଠ ନେତା ସରୋଜ ହେମ୍ବ୍ରମଙ୍କ ସହ ୨୦୦ରୁ ଉର୍ଦ୍ଧ୍ୱ କର୍ମୀ ଭାଜପାରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର କବି ବିଷ୍ଣୁ ଶତପଥି, ଜଳଧର ସାହୁ, ପୁରୁଷୋତ୍ତମ ନାଏକ, ଭାରତୀ ହାଁସଦା, ଗୁରୁପ୍ରସାଦ ଡାଙ୍ଗୁଆ, ମାଧବ ସୋରେନ, ଗୀତା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

**ଖୁଣ୍ଟା/କୁଆମରା:** ଖୁଣ୍ଟା ମିନି ଷ୍ଟାଡିୟମରେ ଭାଜପାର ବିଜୟ ସଂକଳ୍ପ ସଭା ଅନୁଷ୍ଠିତ ହୋଇଛି ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସି କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ ଅବଗତ କରିବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ରାଜ୍ୟରେ ମହିଳାମାନେ ସୁରକ୍ଷିତ ନ ଥିବା ସହିତ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବା କେନ୍ଦ୍ରମନ୍ତ୍ରୀ ଜୁଏଲ କହିଛନ୍ତି। ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ,ଜିଲାପରିଷଦ ଅଧକ୍ଷ ସୁଜାତା ମୁର୍ମୁ , ପୂର୍ବତନ ଅଧକ୍ଷ ପ୍ରକାଶ ସେନ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ନିହାର ମୋଦି ,ସଦସ୍ୟା ପ୍ରମିଳା ପଣ୍ଡା, ପୂର୍ବତନ ବିଧାୟକ ଭାସ୍କର ମଡେଇ ଓ କାନ୍ଦ୍ରା ସୋରେନ , ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଶେଖ ଏହେସାନ, ସିନେ ତାରକା ଶ୍ରୀତମ ଦାସ , ଖୁଣ୍ଟା ମଣ୍ଡଳ ସଭାପତି ସର୍ଦାର ହେମ୍ବ୍ରମ , ଗୁରୁ ପ୍ରସାଦ ପ୍ରଧାନଙ୍କ ସମେତ ଦଳୀୟ ସରପଞ୍ଚ ସମିତି ସଭ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ।

# GOVERNMENT OF ODISHA

No. 1384-B

**'e'-PROCUREMENT NOTICE**

**E-mail : ceroads.bbsr@gmail.com**

## WORKS DEPARTMENT

**Bid Identification No. CE-DPI & R-94/2018-19**

| | | |
|---|---|---|
| 1 | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/Bridge works as mentioned below : | |
| 2 | Nature of Work | : Road / Bridge works |
| 3 | No. of Work | : 03 Nos |
| 4 | Tender Paper Cost | : Rs. 10,000.00 |
| 5 | Class of Contractor | : 'A' Class / Speical Class as noted against each work |
| 6 | Available of bid document in the Website | : From 10.00 A.M. of 20.03.2019 to 5.00 PM of 10.04.2019 |
| 7 | Date of opening of Bid | : Dt. 11.04.2019 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website : https:// tenderodisha.gov.in. Any addendum/ corrigendum / cancellation of tender can also be seen in the said website. | |

**Sd./- Chief Engineer, (DPI & Roads), Odisha**
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**

34117/11/0238/1819

# ODISHA STATE MEDICAL CORPORATION LTD.

**(A Govt. of Odisha Undertaking)**
***(Assuring Quality, Saving lives)***

Phone No. : (0674) 2380660,2380950
Website: www.osmcl.nic.in, Email: admn.osmcl@nic.in

**No. OSMC/2018-19/SER-HR/05 Date: 09.03.2019**

**NOTICE INVITING TENDER FOR HIRING OF VEHICLES**

No. CAD-1572: Sealed Bids are invited from registered Travel Agencies for providing commercial light diesel vehicles on hire on monthly and call basis. The bid document with all information relating to the bidding process such as Eligibility Criteria, Terms & Conditions, etc. are available on the website www.osmcl.nic.in, which may be downloaded for reference. Interested parties may submit their bids superscribing as "Tender for Hiring of Vehicles on Monthly & Call Basis in reference to Advertisement No.---------dt.----------" to the undersigned through registered post/speed post/ courier only, which should reach on or before 4 P.M. of 30.03.2019 positively and the same will be opened by a Committee in presence of the Participants, who wish to attend the Bid Opening Meeting at 4.30 P.M. on the same day. The undersigned reserves the right to reject any or all the bids without assigning any reason thereof.

**Sd./- Managing Director**
**Regd. Office: Odisha State Medical Corporation Ltd., Convent Square, Bhubaneswar – 751007, Odisha**

10112/11/0068/1819

# idco ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
**IDCO Towers, Janpath, Bhubaneswar - 751022**

Your power to grow
ISO 9001 & 14001 CORPORATION

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
**RFP Notice No. IDCO/HO/P&C/EST-E/1324/03/2017/4659 Date: 05.03.2019**

**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL**

**1. Name of the Work** : Operation, Maintenance & Management of packaging Unit at Sea Food Park, Deras, Khurda, Odisha.
**2. Period of engagement** : 05(Five) Years.
**3. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id. No.PC-EST-E-92/2018-19 | 14.03.2019 at 17.00 Hrs. | 09.04.2019 up to 17.00 Hrs. |

**Further details can be seen from the e - Procurement Portal. www.tendersorissa.gov.in** and Gorrigendum if any will not be published in news papers and can only be seen in e-procurement portal **www.tenderorissa.gov.in**

Sd/-
Chief General Manager (P&C), I/C
IDCO, Bhubaneswar

# ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

## ODISHA POWER TRANSMISSION CORPORATION LTD.

OPTCL Lifeline of Odisha

(A Government of Odisha Undertaking)
Regd. Office : Janpath, Bhubaneswar - 751 022, Odisha
Tel : 0674-2540051(EPABX), Website : www.optcl.co.in, **CIN : U40102OR2004SGC007553**

**e-TENDER NOTICE NO.TW-IT/OT/08/522/2018-19**

Senior General Manager (IT), OPTCL, 3rd Floor, OPTCL, Janpath, Bhubaneswar on behalf of OPTCL invites bids in e-tender mode from reputed eligible bidders for **"Implementation of Video Conferencing System at OERC, Odisha Secretariat, CESU, NESCO Utility, WESCO Utility, SOUTHCO Utility & Office of the E.I.C (07 locations)"** conforming to the terms and conditions mentioned in the e-Tender document.

The interested eligible bidders may visit our website **www.optcl.co.in** on or after **11.03.2019 (17:00 Hrs.)** to go through / download the scope of work and terms and conditions in detail. The techno-commercial bid shall be due for submission on **dated 03.04.2019 (13.30 Hrs.)**

The interested bidders would be required to enrol themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL from 11.03.2019 (17.00 Hrs.) up to 03.04.2019 (11.00 Hrs.)**

**N.B. :** All subsequent addendums / corrigendum to the tender shall be hosted in the OPTCL's official website **http://www.optcl.co.in** and **www.tenderwizard.com/OPTCL** only.

*CR. Advt. No.92/18-19* **Sr. General Manager (IT)**

**Please connect us :** optcl.odisha optcl_odisha energyodisha

# OFFICE OF THE MUNICIPAL COUNCIL, SUNDARGARH

**No.1563 Dt.08.03.2019**

**COMPETITIVE BIDDING THROUGH e-procurement**
**NOTICE INVITING TENDER**

**Bid reference No. SNGM-26/2018-19/ Dt.08.03.2019**

On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class / category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered / empanelled under Sundargarh Municipality are also eligible to participate for the works.

1. Total No. of works for which Tenders invited : 07 Nos.
2. Place of Execution : Inside of Sundargarh Municipality
3. Estimated Cost of Works : 2,23,300/- to Rs.36,70,000/-
4. Eligible Class of Contractors : Registered Contractors of Class-'D' to Class- 'B' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding only. The website for online bidding is **https://www. tendersodisha.gov.in.**
6. The bid documents will be available in the above website from 11 AM, on 11.03.2019 to 5 PM, on 20.03.2019 for online bidding.
7. Bids received online will be opened at 11 AM. on 26.03.2019.
8. The bidder must possess valid and compatible Digital Signature Certificate (DSC)
9. The DTCN for 07 Nos. of work shall be available in the e-procurement portal **https://www.tendersodisha.gov.in** for on-line bidding.

**Sd./- Executive Officer**
**Sundargarh Municipality**

# OFFICE OF THE CDM & PHO CUM DISTRICT MISSION DIRECTOR, KANDHAMAL

**No.3077/NHM/19 Dt.08.03.2019**

**TENDER CALL NOTICE**

**FOR EQUIPMENT, AIDS & DRUGS FOR DEIC (RBSK) O/O CDM & PHO, KANDHAMAL**

Bids are invited from eligible firms / company / agency / suppliers / distributors to supply the equipments, Aids & Drugs to DEIC, RBSK Kandhamal. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the District website: www.kandhamal.nic.in. The last date of submission of bid is on or before 25.03.2019 by 04 PM. to the O/o-CDM&PHO, Kandhamal through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.

**Sd./- CDMO cum District Mission Director NHM, Kandhamal**

# ODISHA HYDRO POWER CORPORATION LIMITED

OHPC

**BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581(O)/ 232641 (R), Fax: 06861-232541,**
No.CAD-1575:- **E-Mail: unit.head_balimela@yahoo.com**

**No. BHEP: CW-126/ 1391 Dated 08.03.19**

**1st CORRIGENDUM TO E-TENDER CALL NOTICE NO. 41/2018-19 (Group-A) DTD. 19.02.2019 OF BHEP, BALIMELA**

**Name of work:- Construction of 11K.V. Switchgear building inside switchyard, BHEP.**

1) The last date and time of availability of bids of the above tender call notice is extended up-to 16.00 hrs of Dtd. 18.03.2019.
2) The last date and time of submission of bids of the above tender call notice is extended upto-16.00 hrs of Dtd. 18.03.2019.
3) The date and time of opening of the above tender is at 12.30 PM of Dtd. 20.03.2019.

All other terms and conditions of the above Tender Notice remain unchanged.

For further detail please visit the website https://tendersodisha.gov.in.

**Sd./- Senior General Manager (EL), Balimela Hydro Electric Project, Balimela**

**04019/11/0124/1819**

# MUNICIPAL OFFICE : JEYPORE

**Ph. No. 06854-231098, Fax No. :06854-230104, Email : jeyporem.hud@nic.in**

**No. 929 E-TENDER NOTICE Date : 07.03.2019**

Bid documents consisting of specification the Bill of Quantity and the Tender Call notice can be seen in the Govt. website https://tendersorissa.gov.in/nicgep/app.

| | | |
|---|---|---|
| 1 | Nature of Work | As per DTCN |
| 2 | No. of Works | 77 |
| 3 | Estimated Cost | As per DTCN |
| 4. | Date & Time of availability and submission of bid in the portal | 11.00 HRS of 15.03.2019 to 16.00 HRS of 05.04.2019 |
| 5. | Received Bid | After 16.00 HRS of 05.04.2019 upto 11.00 HRS of 08.04.2019. |
| 6. | Opening date | 11.00 HRS of 08.04.2019 |

**Sd./- Executive Officer, Jeypore Municipality**

# OFFICE OF THE EXECUTIVE ENGINEER, R.W.S.&.S. DIVISION, JAJPUR AT: CHANDIKHOL

No. 1938-O

**Po- Dhanmandal, Dist- Jajpur, PIN-754024**
**Phone- 06725-221454, E-mail-eerwss_jpr@ori.nic.in**

## E-PROCUREMENT NOTICE

Bid Identification No. rwssjajpur 63 / 2018-19 dt. 07.03.2019

The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of eprocurement system in on-line mode from eligible contractors.

| | | | |
|---|---|---|---|
| 1. | Nature of work: | | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS Schemes of Jajpur district. |
| 2. | No. of works: | | 13 (Thirteen) |
| 3. | Estimated Cost: | | Rs 64.00 lakhs to Rs 188.00 lakhs |
| 4. | Time for completion: | | 9(nine) months |
| 5. | Cost of bidding document: | | Rs.10000/- |
| 6. | Class of Contractors eligible: | | 'B' & 'A' |
| 7. | Availability of bids on-line: | | 11.00 hour of 20.03.2019 to 17.00 hours of 30.03.2019. |
| 8. | Last date and time for seeking clarification: | | up to 17.00 hours of 30.03.2019 |
| 9. | Date & time of opening of Technical Bid online: | | 11.00 hour of 02.04.2019 |
| 10. | Date & time of opening of Financial Bid | | To be announced latter |

Further details can be seen in the website https://www.tendersorissa.gov.in.

**Sd./- Executive Engineer**
**R.W.S & S Division, Jajpur, (at: Chandikhol)**

25027/11/0061/1819

# ହେମଗିର ଶିଳ୍ପ ତାଲିମ କେନ୍ଦ୍ର

**ଗ୍ରା/ପୋ : ହେମଗିର, ଜିଲ୍ଲା : ସୁନ୍ଦରଗଡ଼ (ଓଡ଼ିଶା)**

**ଓଡ଼ିଶା କୋଲ ଏଣ୍ଡ ପାଓ୍ୱାର ଲିମିଟେଡ (ଓ.ସି.ପି. ଏଲ) ସୌଜନ୍ୟରୁ**

ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ, ଓଡ଼ିଶା, ଚିଠି ସଂଖ୍ୟା–୪୧୯୦, ତା.୦୧।୧୦।୨୦୧୮ଦ୍ୱାରା ହେମଗିର ଶିଳ୍ପ ତାଲିମ କେନ୍ଦ୍ରରେ Electrician (ଇଲେକ୍ଟ୍ରିସିଆନ) ୨(୧+୧) ରେ ଶିକ୍ଷା ଓ ତାଲିମ ପାଇଁ ଅନୁମୋଦନ ତଥା ସ୍ୱୀକୃତି ପ୍ରଦାନ କରିଛନ୍ତି।

ଏତଦ୍ୱାରା Electrician Trade (ଇଲେକ୍ଟ୍ରିସିଆନ ଟ୍ରେଡ) Odisha Pattern (ଓଡ଼ିଶା ପଦ୍ଧତି)ରେ ନାମ ଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

**ଯୋଗ୍ୟତା :**

ପ୍ରବେଶିକା : ଶିକ୍ଷାଗତ ଯୋଗ୍ୟତା : ୧୦ମ ପାସ୍
ସର୍ବନିମ୍ନ ବୟସ ସୀମା : ତା.୦୧।୧୨।୨୦୧୮ ସୁଦ୍ଧା ୧୪ ବର୍ଷ ହୋଇଥିବ।

**ନାମଲେଖା ପଦ୍ଧତି :**

ନିର୍ଦ୍ଦେଶକ, ରାଜ୍ୟ ବୈଷୟିକ ଶିକ୍ଷା ଓ ତାଲିମ, ଓଡ଼ିଶାଙ୍କ ଚିଠି ସଂଖ୍ୟା–୪୧୯୦, ତା.୦୧।୧୦।୨୦୧୮ ଓ ITI ନାମଲେଖା ସର୍ତ୍ତାବଳୀ ମୁତାବକ ନାମଲେଖା ପାଇଁ ପ୍ରାର୍ଥିଙ୍କ ଚୟନ ହେବ।

**ସମୟ / :**

ଦରଖାସ୍ତ ବିକ୍ରୟ ଓ ଗ୍ରହଣ : ୦୯।୦୩।୨୦୧୯ରୁ ୧୫।୦୩।୨୦୧୯ ମଧ୍ୟରେ।
ନାମଲେଖା ପ୍ରକ୍ରିୟା : ୧୬।୦୩।୨୦୧୯ରୁ ୧୯।୦୩।୨୦୧୯ ମଧ୍ୟରେ।
ତାଲିମ Session ପ୍ରାରମ୍ଭ : ୨୫।୦୩।୨୦୧୯।
ଦରଖାସ୍ତ ଫର୍ମ ସକାଳ ୧୧ଟା ମଧ୍ୟରେ ହେମଗିର ITIର ଅଧ୍ୟକ୍ଷ କାର୍ଯ୍ୟାଳୟରେ ଉପଲବ୍ଧ ହେବ। ଏହି ଦରଖାସ୍ତ ଫର୍ମର ମୂଲ୍ୟ ଟ.୧୦୦ଙ୍କା। ସଠିକ ଭାବରେ ସୂଚନା ପୂରଣ ହୋଇନଥିବା ତଥା ଆବଶ୍ୟକୀୟ ନଥିପତ୍ର ସଂଲଗ୍ନ କରାଯାଇନଥିବା ଦରଖାସ୍ତ ଫର୍ମ ରଦ୍ଦ ହେବ।

**ସ୍ୱା./- ହେମଗିର ଶିଳ୍ପ ତାଲିମ କେନ୍ଦ୍ର**

**Contact No.-63710-71508 / 82490-72734/96680-89548**

# ZILLA SWASTHYA SAMITI, ANGUL

## DEPARTMENT OF HEALTH & FAMILY WELFARE

**Govt. of Odisha, District Office, Angul**

## TENDER CALL NOTICE

ମୁମ୍ବାଇ, ୮।୩ (ପି.ଟି.)-ପ୍ରୋ-କବାଡ଼ି ଲିଗ୍ (ପିକେଏଲ) ସିଜନ-୭ ଜୁଲାଇରେ ହେବ। ଏଥିପାଇଁ ଖେଳାଳି ନିଲାମି ଏପ୍ରିଲ ୮ ଓ ୯ ତାରିଖରେ ହେବ। ଲିଗ୍ କମିଶନର ଅନୁପମ ଗୋସ୍ୱାମୀ ଏହି ସୂଚନା ଦେଇଛନ୍ତି। ପିକେଏଲ୍ ସିଜନ-୭ ଜୁଲାଇ ୧୯ରୁ ଖେଳାଯିବ। ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ଖେଳସୂଚୀ ପରେ ଘୋଷଣା କରାଯିବ। ଆସନ୍ତା ସିଜନ ପାଇଁ ଖେଳାଳି ରିଟେନଶନ ତାଲିକା ମାର୍ଚ୍ଚ ମଧ୍ୟଭାଗରେ ପ୍ରକାଶ ପାଇବ ବୋଲି ଲିଗ୍ କମିଶନର କହିଛନ୍ତି।

### ଅରବିନ୍ଦ ମେମୋରିଆଲ କ୍ରିକେଟ: ସୁଦର୍ଶନଙ୍କ ବିସ୍ଫୋରକ ଶତକ

# ବୃହତ୍ ବିଜୟ ସହ ପାରାମାଉଣ୍ଟ 'ଏ' ସେମିରେ

ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ 'ଏ' ପ୍ରଥମ ଦଳଭାବେ ଅରବିନ୍ଦ ମେମୋରିଆଲ ଜୁନିୟର(୧୫ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ପାରାମାଉଣ୍ଟ 'ଏ' ୨୧୦ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇ ବୃହତ୍ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ 'ଏ' ଓପନର ସୁଦର୍ଶନ ସ୍ୱାଇଁଙ୍କ ବିସ୍ଫୋରକ ଶତକ ସହାୟତାରେ ୪୦ ଓଭରରେ ୬ ଉଇକେଟ ହରାଇ ୨୮୬ ରନ କରିଥିଲା। ସୁଦର୍ଶନ ୧୧୬ ବଲ୍‌ରୁ ୨୨ ଚୌକା ଓ ୨ ଛକା ସହାୟତାରେ ୧୫୫ ରନରେ ଅପରାଜିତ ଥିବାବେଳେ ବିଦ୍ୟାଧର ବେହେରା ୪୦ ରନ କରିଥିଲେ। ମୁକ୍ତେଶ୍ୱର ବୋଲରମାନେ ଅତିରିକ୍ତଭାବେ ୪୦ ରନ ବ୍ୟୟ କରିଥିଲେ। ଗଗନେଶ ସାହୁ ୨ଟି ଏବଂ କରନ ମହାପାତ୍ର, ଆଦିତ୍ୟ ନାୟକ, ଦିଲୀପ ରେଡ୍ଡୀ ଓ ସିରାଜ ପଟ୍ଟନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଏମସିସି ୩୩.୪ ଓଭରରେ ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କରନ ମହାପାତ୍ର ସର୍ବାଧିକ ୧୯ ରନ କରିଥିଲେ। ବିଜୟୀ ଦଳର ବିଭୁଦତ୍ତ ଦାସ ୩ଟି ଏବଂ ରିତେଶ ପ୍ରିୟରଞ୍ଜନ ଓ ସ୍ୱୟମ ସାର୍ଥକ ରାଉତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଆୟୋଜକ ପାରାମାଉଣ୍ଟ କ୍ଲବର ପୂର୍ବତନ ଖେଳାଳି ତଥା ପ୍ରଶାସକ ଶାନ୍ତନୁ ମିଶ୍ର ଅତିଥିଭାବେ ଯୋଗଦେଇ ସୁଦର୍ଶନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ଶିବାଶିଷ ମଲିକଙ୍କୁ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶାନ୍ତ ଦାସ ଓ ପ୍ରଦୀପ ଜେନା ମ୍ୟାଚ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ଜିତେନ୍ଦ୍ର କୁମାର ସେନାପତି।



ସୁଦର୍ଶନ ସ୍ୱାଇଁଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ୨୩ ବର୍ଷରୁ କମ୍ ଭାରତୀୟ ଦଳରେ ୧୧ ଆରୋଜ ଖେଳାଳି

ଭାସ୍କୋ, ୮।୩(ପି.ଟି.)

ଏଏଫସି ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ଏସିଆନ କପ୍ ଚାମ୍ପିୟନ କାତାର ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଫୁଟବଲ ଦଳ ଘୋଷଣା କରାଯାଇଛି। ଏହି ୨୩ ବର୍ଷରୁ କମ୍ ଫୁଟବଲ ଦଳରେ ୧୧ ଜଣ ଇଣ୍ଡିଆନ ଆରୋଜ ଖେଳାଳି ସ୍ଥାନ ପାଇଛନ୍ତି। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ(ଏଆଇଏଫଏଫ)ର ଯୁବ ଦଳ ଇଣ୍ଡିଆନ ଆରୋଜ ଆଇ-ଲିଗ୍‌ରେ ଖେଳୁଛି। ନିକଟରେ ଇଣ୍ଡିଆନ ଆରୋଜ କଲିକତାର ଶକ୍ତିଶାଳୀ ଦଳ ମୋହନବାଗାନକୁ ପରାସ୍ତ କରିଥିଲା। ତେଣୁ ୨୩ ବର୍ଷରୁ କମ୍ ଦଳର କୋଚ୍ ଡେରିକ ପେରେରା ଏହି ଆରୋଜ ଦଳରୁ ଅଧିକ ଖେଳାଳି ନେବାକୁ ପସନ୍ଦ କରିଛନ୍ତି। 'ଇଣ୍ଡିଆନ ଆରୋଜ ଦଳର ଖେଳାଳିମାନେ ଆମର ଭବିଷ୍ୟତ। ତେଣୁ କେବଳ କାତାର ବିପକ୍ଷ ମ୍ୟାଚ ପାଇଁ ନୁହେଁ, ଏହି ଖେଳାଳିଙ୍କ ଲାଗି ଦୀର୍ଘକାଳିନ ଭିତ୍ତିରେ ଯୋଜନା ପ୍ରସ୍ତୁତ କରାଯାଇଛି'' ବୋଲି ପେରେରା କହିଛନ୍ତି। ସଂଯୋଗ ବଶତଃ ଭାରତ ଏଏଫସି ୨୩ ବର୍ଷରୁ କମ୍ ଚାମ୍ପିୟନଶିପ୍ ଯୋଗ୍ୟତା ପର୍ଯ୍ୟାୟର ପୂର୍ବ ସଂସ୍କରଣରେ ମଧ୍ୟ କାତାରକୁ ଭେଟିଥିଲା। ୨୦୧୭ ଜୁଲାଇ ୨୧ରେ ଏହି ମ୍ୟାଚ ଦୋହାରେ ଖେଳାଯାଇଥିଲା। ନିକଟରେ ଅନୁଷ୍ଠିତ ଏଏଫସି ଏସିଆନ କପ୍ ସଂସ୍କରଣରେ ସର୍ବାଧିକ ଗୋଲ ଦେଇ ଅଲି ଦାଏଇର ରେକର୍ଡ ଭାଙ୍ଗିଥିବା ଅଲ୍‌ମୋଏଜ୍ ଅଲୀଙ୍କ ଗୋଲ ଯୋଗୁ ଭାରତ ସେତେବେଳେ ପରାସ୍ତ ହୋଇଥିଲା। ଉଜବେକିସ୍ତାନ ଏବେ ୨୩ ବର୍ଷରୁ କମ୍ ଏସିଆନ ଚାମ୍ପିୟନ ଅଛି। ଭାରତ-କାତାର ମ୍ୟାଚ ଚଳିତମାସ ୧୧ ତାରିଖରେ ଖେଳାଯିବ।

# ପ୍ରଜନେଶଙ୍କ କ୍ୟାରିୟରର ବୃହତ୍ ବିଜୟ

ଇଣ୍ଡିଆନ ୱେଲ୍ସ(ୟୁନାଇଟେଡ୍ ଷ୍ଟେଟ୍ସ),୮।୩(ଏଏଫ୍‌ପି)

ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇଥିବା ଭାରତୀୟ ପୁରୁଷ ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଏଠାରେ ଚାଲିଥିବା ଇଣ୍ଡିଆନ୍ ୱେଲ୍ସ ଏଟିପି ମାଷ୍ଟର୍ସ ଇଭେଣ୍ଟରେ କ୍ୟାରିୟରର ଏକ ବୃହତ୍ ବିଜୟ ହାସଲ କରିଛନ୍ତି। ସେ ବିଶ୍ୱର ୬୯ତମ ର୍‍ୟାଙ୍କଧାରୀ ବେନଏଟ ପାଇରେଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ସହ ସେ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ପ୍ରଜନେଶ। ଏହି ସ୍ତରରେ ପ୍ରଥମ ଥର ପାଇଁ ଖେଳୁଥିବା ବାମହାତୀ ଖେଳାଳି ୭-୬ (୭/୫), ୬-୪ ସେଟ୍‌ରେ ଫ୍ରେଞ୍ଚ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ପାଇଁ ପ୍ରଜନେଶଙ୍କୁ ଏକ ଘଣ୍ଟା ୨୯ ମିନିଟ୍ ଲାଗିଥିଲା। ଏଥିପୂର୍ବରୁ ସେ ବିଶ୍ୱର ୨୩ ନଂ ଖେଳାଳି ଡେନିସ ଶାପୋଭାଲୋଭଙ୍କୁ ଷ୍ଟଟଗାର୍ଟ ଓପନରେ ହରାଇଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବିଜୟ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୯୭ତମ ସ୍ଥାନରେ ଥିବା ଭାରତୀୟ ଦ୍ୱିତୀୟ ରାଉଣ୍ଡରେ ନିକୋଲୋଜ ବାସିଲାଶଭିଲି(୧୮ତମ)ଙ୍କୁ ଭେଟିବେ। ଉକ୍ତ ବିଜୟ ସହ ପ୍ରଜନେଶ ୪୧ ପଏଣ୍ଟ ହାତେଇଛନ୍ତି। ଏଥିଯୋଗୁ ପରବର୍ତ୍ତୀ ଏଟିପି ର୍‍ୟାଙ୍କିଙ୍ଗ୍‌ରେ ୮୦ ମାନ୍ୟତା ପାଇବା ସ୍ପଷ୍ଟ ହୋଇଛି। ଏହା ମୋ କ୍ୟାରିୟରର ଅନ୍ୟତମ ବୃହତ୍ ବିଜୟ। ୱିମ୍ବେଲଡନ ଓପନର ମୁଖ୍ୟ ପର୍ଯ୍ୟାୟ ଲାଗି ପ୍ରସ୍ତୁତ ହେଉଥିବାବେଳେ ଏହି ବିଜୟ ମୋ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ମୋ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆସିବା ନିଶ୍ଚିତ। କ୍ୱାଲିଟି ଖେଳାଳିଙ୍କ ବିରୋଧରେ ବିଜୟ ମୋର ଆତ୍ମବିଶ୍ୱାସ ବଢ଼ାଇବ ବୋଲି ବିଜୟ ପରେ ପ୍ରଜନେଶ କହିଛନ୍ତି।

## ପ୍ରଥମ ଦିବସ ଖେଳ ବର୍ଷା ଧୋଇନେଲା

ୱେଲିଂଟନ, ୮।୩ (ଏଏଫ୍‌ପି)

ଲଗାଣ ବର୍ଷା ଯୋଗୁ ଶୁକ୍ରବାର ଏଠାରେ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟର ପ୍ରଥମ ଦିବସ ଖେଳ ସମ୍ଭବ ହୋଇପାରି ନାହିଁ। ସ୍ଥାନୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଶନିବାର ସକାଳେ ବର୍ଷା ସମ୍ଭାବନା ରହିଛି। ରବିବାର ପାଗରେ ପରିବର୍ତ୍ତନ ଘଟିପାରେ। ହାମିଲଟନଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୫୨ ରନରେ ଜିତି ନ୍ୟୁଜିଲାଣ୍ଡ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଅଗ୍ରଣୀ ରହିଛି।

# ଆସାମକୁ ହରାଇଲା ଓଡ଼ିଶା

କଟକ ଅଫିସ,୮।୩

ବମ୍ବେର କାନ୍ଦିଭିଲି ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ଶୁକ୍ରବାର ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟ ସୁପରିଲିଗ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ଆସାମକୁ ପରାସ୍ତ କରିଛି । ସୁପରିଲିଗ୍ ପର୍ଯ୍ୟାୟରେ ଗ୍ରୁପ-ବିରେ ସ୍ଥାନ ପାଇଥିବା ଓଡ଼ିଶାର ଏହା ପ୍ରଥମ ବିଜୟ । ପ୍ରଥମ ମ୍ୟାଚରେ ଦଳ କର୍ଣ୍ଣାଟକଠାରୁ ପରାସ୍ତ ହୋଇଥିଲା । ଶନିବାର ହିମାଚଳପ୍ରଦେଶ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ଶୁକ୍ରବାର ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୨୦ ଓଭରରେ ୯ ଉଇକେଟ ହରାଇ ମୋଟ ୧୦୩ରନ କରିଥିଲା । ଅନିତା ଲୋଧି ସର୍ବାଧିକ ୩୧ରନ କରିଥିଲେ । ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୨ରନରେ ପ୍ରଥମ ୩ଟି ଉଇକେଟ ହରାଇବା ସତ୍ତ୍ୱେ ସରିତା ମେହେରଙ୍କ ୩୦ ଓ ପ୍ରଜ୍ଞା ପରମିତା ମହାନ୍ତିଙ୍କ ୪୫ରନ ବଳରେ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।




" ଅନ୍ତର୍ଜାତୀୟ ସ୍ତରରେ ଉନ୍ନତି କରିବାକୁ ହେଲେ ଆମକୁ ଘରୋଇ ସର୍କିଟରେ ଅଧିକ ନିର୍ଭୟର ସହିତ ବ୍ୟାଟିଂ କରିବାକୁ ପଡ଼ିବ ।
– ସ୍ମୃତି ମନ୍ଧାନା, ଭାରତୀୟ ମହିଳା ଟି୨୦ ଅଧିନାୟିକା



" ଭେନିଜୁଏଲା ଓ ମରକ୍କୋ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଆର୍ଜେଣ୍ଟିନା ଦଳ ପାଇଁ ଲିଓନେଲ ମେସିଙ୍କ ଆବଶ୍ୟକତାକୁ ମୁଁ ପରଖିନେବାକୁ ଚାହେଁ ।
– ଲିଓନେଲ ସାଲୋନି, ଆର୍ଜେଣ୍ଟିନା ଫୁଟ୍‌ବଲ କୋଚ୍



## ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ସ୍କୋରବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ଫିଞ୍ଚ୍-ଏଲ୍‌ବିଡବ୍ଲ୍ୟୁ-କୁଲ୍‌ଦୀପ-୯୩
ଖ୍ୱାଜା-କ-ବୁମ୍‌ରା-ବୋ-ସାମି-୧୦୪
ମାକ୍ସୱେଲ-ରନ୍‌ଆଉଟ(ଜାଡେଜା/ଧୋନୀ)-୪୭
ମାର୍ଶ-କ-ଶଙ୍କର-ବୋ-କୁଲ୍‌ଦୀପ-୭
ଷ୍ଟୋଇନିସ୍-ନଟ ଆଉଟ୍-୩୧
ହ୍ୟାଣ୍ଡସ୍କମ୍ବ-ଏଲ୍‌ବିଡବ୍ଲ୍ୟୁ-କୁଲଦୀପ-୦
ଆଲେକ୍ସ କାରେ-ନଟ୍ ଆଉଟ-୨୧
ଅତିରିକ୍ତ-୧୦
ମୋଟ : (୫୦ ଓଭର, ୫ ଉଇକେଟ) ୩୧୩।
ଉଇକେଟ ପତନ: ୧/୧୯୩, ୨/୨୩୯, ୩/୨୫୮, ୪/୨୬୩, ୫/୨୬୩)।
ବୋଲିଂ (ଭାରତ)
ସାମି ୧୦-୦-୫୨-୧
ବୁମ୍‌ରା ୧୦-୦-୫୩-୦
ଜାଡେଜା ୧୦-୦-୬୪-୦
କୁଲ୍‌ଦୀପ ୧୦-୦-୬୪-୩
ଶଙ୍କର ୮-୦-୪୪-୦
କେଦାର ୨-୦-୩୨-୦।

**ଭାରତ ଇନିଂସ**
ଧାୱନ-କ-ମାକ୍ସୱେଲ-ବୋ-ରିଚାର୍ଡସନ-୧
ରୋହିତ-ଏଲ୍‌ବିଡବ୍ଲ୍ୟୁ- କୁମିନ୍ସ-୧୪
କୋହଲି-ବୋ-ଜାମ୍ପା-୧୨୩
ରାୟୁଡୁ-ବୋ-କୁମିନ୍ସ-୨
ଧୋନୀ-ବୋ-ଜାମ୍ପା-୨୬
କେଦାର-ଏଲ୍‌ବିଡବଲ୍ୟୁ-ଜାମ୍ପା-୨୬
ଶଙ୍କର-କ-ରିଚାର୍ଡସନ-ବୋ-ଲିଅନ-୩୨
ଜାଡେଜା-କ-ମାକ୍ସୱେଲ-ବୋ-ରିଚାର୍ଡସନ-୨୪
କୁଲଦୀପ୍-କ-ଫିଞ୍ଚ୍-ବୋ-କୁମିନ୍ସ-୧୦
ସାମି-କ-କୁମିନ୍ସ-ବୋ-ରିଚାର୍ଡସନ-୮
ବୁମ୍‌ରା-ନଟ୍ ଆଉଟ୍-୦
ଅତିରିକ୍ତ-୧୫
ମୋଟ : (୪୮.୨ ଓଭର, ଅଲ୍‌ଆଉଟ୍) ୨୮୧।
ଉଇକେଟ ପତନ: ୧/୧୧, ୨/୧୫, ୩/୨୭, ୪/୮୬, ୫/୧୭୪, ୬/୨୧୯, ୭/୨୫୧, ୮/୨୭୩, ୯/୨୮୧, ୧୦/୨୮୧।
ବୋଲିଂ (ଅଷ୍ଟ୍ରେଲିଆ)
କୁମିନ୍ସ ୮.୨-୧-୩୭-୩
ରିଚାର୍ଡସନ ୯-୨-୩୭-୩
ଷ୍ଟୋଇନିସ୍ ୬-୦-୩୯-୦
ଲିଅନ ୧୦-୦-୫୭-୧
ଜାମ୍ପା ୧୦-୦-୭୦-୩
ମାକ୍ସୱେଲ ୫-୦-୩୦-୦ ।

# କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

ରାଞ୍ଚି, ୮।୩(ପି.ଟି.)

ଅଧିନାୟକ ବିରାଟ କୋହଲିଙ୍କ ୧୨୩ ରନର ଶତକୀୟ ପାଳି (୯୫ ବଲ, ୧୬ ଚୌକା, ୧ ଛକା) ସତ୍ତ୍ୱେ ଭାରତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆଠାରୁ ୩୨ ରନରେ ପରାସ୍ତ ହୋଇଛି। ସ୍ଥାନୀୟ ଜେଏସ୍‌ସିଏ ଆନ୍ତର୍ଜାତିକ ଷ୍ଟାଡିୟମ କମ୍ପ୍ଲେକ୍ସରେ ଶୁକ୍ରବାର ଖେଳାଯାଇଥିବା ଏହି ମୁକାବିଲାରେ ଭାରତ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଓପନର ଉସ୍‌ମାନ ଖ୍ୱାଜା ଓ ଅଧିନାୟକ ଆରୋନ ଫିଞ୍ଚ୍‌ଙ୍କ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ବଳରେ ୫ ଉଇକେଟ ହରାଇ ୩୧୩ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୮.୨ ଓଭରରେ ୨୮୧ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ପରାଜୟ ସତ୍ତ୍ୱେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨–୧ରେ ଅଗ୍ରଣୀ ବଜାୟ ରଖିଛି। ୧୦୪ ରନର ଶତକୀୟ ପାଳି ଖେଳିଥିବା ଖ୍ୱାଜା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚତୁର୍ଥ ଦିନିକିଆ ରବିବାର ମୋହାଲି ଷ୍ଟାଡିୟମରେ ଖେଳାଯିବ।

୩୧୪ ରନ କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। କୋହଲି ଏକା ଲଢିଥିଲେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନ ତାଙ୍କୁ ସହାୟତା ପ୍ରଦାନ କରି ନ ଥିଲେ। ବିଜୟ ପାଇଁ କୋହଲିଙ୍କ ଶତକୀୟ ଇନିଂସ ଯଥେଷ୍ଟ ହୋଇ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଲରାଉଣ୍ଡର ବିଜୟ ଶଙ୍କର ୩୨, ମହେନ୍ଦ୍ର ସିଂ ଧୋନୀ ୨୬, କେଦାର ଯାଦବ ୨୬, ରବୀନ୍ଦ୍ର ଜାଡେଜା ୨୪, ରୋହିତ ଶର୍ମା ୧୪, କୁଲଦୀପ ଯାଦବ ୧୦ ରନ କରି ଆଉଟ ହୋଇଥିଲେ। ଦୁଇ ଓପନର ଶିଖର ଧାୱନ ଓ ରୋହିତ ଶର୍ମା ପୁଣି ବିଫଳ ହେବା ସହ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଧାୱନ ୧ ଓ ରୋହିତ ୧୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ କୁମିନ୍ସ, ଝେ ରିଚାର୍ଡଶନ ଓ ଆଡାମ ଜାମ୍ପା ୩ଟି ଲେଖାଏ, ଅଭିଜ୍ଞ ସ୍ପିନର ନାଥନ ଲିୟନ ଗୋଟିଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର ଘରୋଇ ବୋଲରଙ୍କୁ ନିରାଶ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଆରୋନ ଫିଞ୍ଚ୍ ଓ ଉସ୍‌ମାନ ଖ୍ୱାଜା ଓପନିଂ ଯୋଡିରେ ୩୩ ଓଭର ପୂର୍ବରୁ ୧୯୩ ରନ ସଂଗ୍ରହ କରିଥିଲେ। ଭଲ ଆରମ୍ଭ ସତ୍ତ୍ୱେ ଅଷ୍ଟ୍ରେଲିଆ ୩୧୩ ରନରେ ସୀମିତ ରହିଥିଲା। ଫିଞ୍ଚ୍ ୯୩ ରନ (୯୯ ବଲ, ୧୦ ଚୌକା, ୩ ଛକା) କରି ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଖ୍ୱାଜା ୧୦୪ ରନ (୧୧୩ ବଲ, ୧୧ ଚୌକା , ୧ ଛକା)ର ଶତକୀୟ ପାଳି ଖେଳି ମହମ୍ମଦ ସାମିଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଶଟ୍ ମିଡ୍ ଉଇକେଟରେ ଯଶପ୍ରୀତ ବୁମ୍‌ରାଙ୍କ ହାତରେ ଧରା ପଡିଥିଲେ। ଏଥିସହ ଖ୍ୱାଜା ୩୩ ବର୍ଷ ବୟସରେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଛନ୍ତି। ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଚିରାଚରିତ ଢଙ୍ଗରେ ଧୂଆଁଧାର ବ୍ୟାଟିଂ କରି ୩୧ ବଲରୁ ୩ ଚୌକା ଓ ୩ ଛକା ସହ ୪୭ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ଥ୍ରୋରେ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏହାପରେ ଅଷ୍ଟ୍ରେଲିଆର ରନ୍ ସଂଗ୍ରହ ହାର କମିଥିଲା। ଶନ୍ ମାର୍ଶ ୭ ରନ କରି କୁଲଦୀପଙ୍କ ବଲ୍‌ରେ ବିଜୟ ଶଙ୍କରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ପିଟର ହ୍ୟାଣ୍ଡସ୍କମ୍ବ ଖାତା ଖୋଲିବା ପୂର୍ବରୁ ଏଲ୍‌ବିଡବ୍ଲ୍ୟୁ ହୋଇ କୁଲଦୀପଙ୍କ ତୃତୀୟ ଶିକାର ହୋଇଥିଲେ। ମାର୍କସ ଷ୍ଟୋଇନିସ୍ ୨୬ ବଲରୁ ୪ ଚୌକା ସହ ୩୧ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ୧୭ ବଲରୁ ୩ ଚୌକା ସହ ୨୧ ରନ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଷଷ୍ଠ ଉଇକେଟ ଯୋଡିରେ ୩୮ ବଲରୁ ଅପରାଜିତ ୫୦ ରନ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ଅନ୍ତିମ ୧୦ ଓଭରରେ ଅଷ୍ଟ୍ରେଲିଆ ୬୯ ରନ ସଂଗ୍ରହ କରିଥିଲା। ବୋଲିଂରେ ଭାରତ ତରଫରୁ କୁଲଦୀପ ୩ ଓ ସାମି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।





ଶତକ ହାସଲ ପରେ ଉସମାନ ଖ୍ୱାଜା ଓ ବିରାଟ କୋହଲି।

### ୪ ହଜାର ରନ କରିବାରେ ଦ୍ରୁତତମ ଅଧିନାୟକ

ଭାରତୀୟ ଅଧିନାୟକ ବିରାଟ କୋହଲି ଆଉ ଏକ ସଫଳତାର ପାହାଚ ଅତିକ୍ରମ କରିଛନ୍ତି। ଚଳିତ ସିରିଜରେ ସେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଏଥିସହିତ ସେ କ୍ୟାରିୟରର ୪୧ତମ ଶତକ ହାସଲ କରିଛନ୍ତି। ଆଉ ୮ଟି ଶତକ ଅର୍ଜନ କଲେ ସେ କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକରଙ୍କ ସର୍ବାଧିକ ଦିନିକିଆ ଶତକ ହାସଲ ରେକର୍ଡର ସମକକ୍ଷ ହେବେ। ଏଥି ସହିତ ସେ ୪୦୦୦ ରନ୍ ସଂଗ୍ରହରେ ଦ୍ରୁତତମ ଅଧିନାୟକ ସାବ୍ୟସ୍ତ ହୋଇଛନ୍ତି। ସେ ଅଧିନାୟକ ହିସାବରେ ୬୬ଟି ମ୍ୟାଚ୍ ଖେଳି ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଚତୁର୍ଥ ଭାରତୀୟ ଅଧିନାୟକ ଭାବେ ସେ ଏହି ସଫଳତା ପାଇଛନ୍ତି। ଏହାପୂର୍ବରୁ ମହେନ୍ଦ୍ର ସିଂ ଧୋନୀ, ମହମ୍ମଦ ଆଝାରୁଦ୍ଦିନ ଓ ସୌରଭ ଗାଙ୍ଗୁଲି ଅଧିନାୟକ ହିସାବରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏଥିପାଇଁ ସେ ୨୭ ରନ ଅବଶ୍ୟକ କରୁଥିଲେ। ତେବେ ସେ ୯୫ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ଓ ୧ ଛକା ସହ ଦ୍ରୁତ ୧୨୩ ରନର ଶତକୀୟ ପାଳି ଖେଳି ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ମାତ୍ର ୬୩ଟି ଇନିଂସରେ କୋହଲି ୪ ହଜାର ରନ ସଂଗ୍ରହ କରି ଏବି ଡିଭିଲର୍ସ (୭୭ ଇନିଂସ)ଙ୍କୁ ପଛରେ ପକାଇ ଦ୍ରୁତତମ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

### ପ୍ରଥମ ଶତକ ହାସଲ କରିବାରେ ବୟସ୍କ ଅଷ୍ଟ୍ରେଲୀୟ ଖେଳାଳି

- ୩୩ ବର୍ଷ ୧୨୯ ଦିନ ଆଡାମ ଭୋଗସ୍ ୧୧୨* ବନାମ ୱେଷ୍ଟଇଣ୍ଡିଜ,ଏମ୍‌ସିଜି, ୨୦୧୩
- ୩୨ ବର୍ଷ ୮୦ ଦିନ ଉସ୍‌ମାନ ଖ୍ୱାଜା ୧୦୪ ବନାମ ଭାରତ, ରାଞ୍ଚି, ୨୦୧୯
- ୩୨ ବର୍ଷ ୭୯ ଦିନ ବ୍ରାଡ ହଜ ୧୨୩ ବନାମ ନେଦରଲାଣ୍ଡସ ବାସେଟେର, ୨୦୦୭
- ୩୨ ବର୍ଷ ୪୪ଦିନ ଡେଭିଡ ହସି ୧୧୧ ବନାମ ସ୍କଟଲାଣ୍ଡ, ଏଡିନବର୍ଗ, ୨୦୦୯

### ଭାରତ ବିପକ୍ଷରେ ଭାରତରେ ସର୍ବାଧିକ ଓପନିଂ ପାର୍ଟନରଶିପ୍

- ୨୩୫ ଗ୍ୟାରୀ କର୍ଷ୍ଟେନ-ହର୍ଶେଲ ଗିବ୍ସ, କୋଚି, ୨୦୦୦
- ୨୩୧ ଆରୋନ ଫିଞ୍ଚ୍-ଡେଭିଡ ୱାର୍ନର, ବେଙ୍ଗାଲୁରୁ, ୨୦୧୭
- ୨୧୨ ଜେଫ୍ ମାର୍ଶ- ଡେଭିଡ ବୁନ୍, ଜୟପୁର, ୧୯୮୬
- ୧୯୩ ଆରୋନ ଫିଞ୍ଚ୍-ଉସ୍‌ମାନ ଖ୍ୱାଜା, ରାଞ୍ଚି, ୨୦୧୯

### ରାଞ୍ଚିରେ ଉଚ୍ଚତମ ସ୍କୋର

- ୩୧୩/୫ ଅଷ୍ଟ୍ରେଲିଆ ବନାମ ଭାରତ, ୨୦୧୯
- ୨୯୫/୮ ଅଷ୍ଟ୍ରେଲିଆ ବନାମ ଭାରତ, ୨୦୧୩

## ରାଜୀବ, ସେନ୍ଥିଲଙ୍କ ପ୍ରଭାବୀ ପ୍ରଦର୍ଶନ



ଚେନ୍ନାଇ, ୮।୩(ପି.ଟି.): ମାଲେସିଆର ସେପଙ୍ଗ ଇଣ୍ଟରନ୍ୟାଶନାଲ ସର୍କିଟରେ ଏସିଆ ରୋଡ୍ ରେସିଂ ଚାମ୍ପିୟନଶିପ୍ (ଏଆର୍‌ଆର୍‌ସି)ର ପ୍ରଥମ ରାଉଣ୍ଡ ଶନିବାର ଆରମ୍ଭ ହେବ। ୨୦୧୯ ସିଜନର ଏହି ପ୍ରଥମ ରାଉଣ୍ଡରେ ୭ ଦେଶର ୨୫ ରାଇଡର ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମାନଜନକ ରେସ୍ ପାଇଁ ଇଦିମିତ୍ସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ନିଜକୁ ପ୍ରସ୍ତୁତ କରିଛି। ଦଳର ୨ ଦିନିଆ ପ୍ରି-ସିଜନ ଟେଷ୍ଟ ଗୁରୁବାର ସଫଳତାର ସହ ଶେଷ ହୋଇଛି। ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍‌ର ଅଭିଜ୍ଞ ରାଜୀବ ସେଥୁ ଓ ଯୁବ ରାଇଡର ସେନ୍ଥିଲ କୁମାର ପ୍ରି-ସିଜନ ଟେଷ୍ଟରେ ସେମାନଙ୍କ ଟାଇମିଂରେ ଉନ୍ନତି ଆଣିଛନ୍ତି।

## ରାଜ୍ୟ ବାହୁକୁସ୍ତି ୧୭ରେ

ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ବାହୁକୁସ୍ତି ସଂଘ(ଅଲ୍ ଓଡ଼ିଶା ଆର୍ମ ରେସଲିଂ ଆସୋସିଏଶନ) ଆନୁକୂଲ୍ୟରେ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତାର ୪୦ତମ ସଂସ୍କରଣ ଚଳିତମାସ ୧୭ ତାରିଖରେ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ୧୯୭୭ରୁ ପ୍ରତିଷ୍ଠା ହୋଇଥିବା ଓଡ଼ିଶାର ଏକମାତ୍ର ବାହୁକୁସ୍ତି ସଂଘ ଆଗାମୀ ରାଜ୍ୟ ପ୍ରତିଯୋଗିତାରୁ ଜାତୀୟ ପ୍ରତିଯୋଗିତା ପାଇଁ ଦଳ ମନୋନୟନ କରିବ। ରାଜ୍ୟର ଯେକୌଣସି ବ୍ୟାୟାମଶାଳାର କ୍ରୀଡ଼ାବିତ୍(ମହିଳା/ପୁରୁଷ) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୧୭ ତାରିଖ ସକାଳ ୯ଟାରୁ ୧୦ଟା ମଧ୍ୟରେ ପ୍ରତିଯୋଗୀମାନେ ଉତ୍କଳ କରାଟେ ସ୍କୁଲଠାରେ ୫୦ ଟଙ୍କା ଦେଇ ନାମ ପଞ୍ଜୀକରଣ କରିବାପରେ ପ୍ରତିଯୋଗିତାରେ ଭାଗନେଇପାରିବେ ବୋଲି ରାଜ୍ୟ ବାହୁକୁସ୍ତି ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ପାର୍ବତୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଟକ ଅଫିସ,୮।୩

ପଞ୍ଜାବର ସଙ୍ଗରୁରସ୍ଥିତ ୱାର ହିରୋଜ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପି ଟ୍ରାକ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ୨ଟି ପଦକ ଜିତିଥିବା ଓଡ଼ିଶାର ପାର୍ବତୀ ସେଠୀ ଶୁକ୍ରବାର ପ୍ରତ୍ୟାବର୍ତ୍ତନ କରିଛନ୍ତି । କଟକ ରେଳଷ୍ଟେସନରେ ପାର୍ବତୀଙ୍କୁ ଭବ୍ୟ ସ୍ୱାଗତ ଜଣାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଯୋଗିତାର ଡିସକସ ବିଭାଗରେ ପାର୍ବତୀ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ । ସମ୍ବର୍ଦ୍ଧନା ଅବସରରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ରାଜା କୁମାର, ସୁରେଶ ବେହେରା, ସେଖ ରହିମତୁଲ୍ଲା ଉପସ୍ଥିତ ଥିଲେ । ଏହାଛଡ଼ା ଅନ୍ୟ ଆଥଲେଟ ଶିବାନୀ ଓରାମ, ଶୁଭ୍ରଦୀପା ବିଶ୍ୱାଳ, ମଲି ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

## ସିଧାସଳଖ ବିଶ୍ୱକପ୍ ଖେଳିବେ ସ୍ମିଥ, ୱାର୍ନର

ମେଲବୋର୍ନ,୮।୩

ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନର କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ନ ଖେଳି ସିଧାସଳଖ ବିଶ୍ୱକପ୍ ଖେଳିବେ। ବିଶ୍ୱକପ୍ ପୂର୍ବରୁ ବାସନ୍ଧାଦେଶ ଶେଷ ହେଲା ପରେ ମଧ୍ୟ ସେମାନଙ୍କୁ ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳିବାକୁ ସୁଯୋଗ ମିଳିବ ନାହିଁ। ଦୁଇ ଖେଳାଳିଙ୍କ ଉପରୁ ବାସନ୍ଧ ହଟିବା ପରେ ଅଷ୍ଟ୍ରେଲିଆ ୟୁଏଇଠାରେ ପାକିସ୍ତାନ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ଅଛି। ହେଲେ ସ୍ମିଥ ଓ ୱାର୍ନରଙ୍କୁ ପାକିସ୍ତାନ ସିରିଜ୍ ଲାଗି ଘୋଷିତ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରୁ ସାମିଲ କରାଯାଇନାହିଁ। ଏହାର ଅର୍ଥ ଉଭୟ ଅଷ୍ଟ୍ରେଲିଆନ୍ ଖେଳାଳିଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଫର୍ମ ଫେରିପାଇବାକୁ ଉଦ୍ୟମ କରିବାକୁ ପଡ଼ିବ। ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଟ୍ରେଭର ହନ୍ସ କହିଛନ୍ତି ସ୍ମିଥ ଓ ୱାର୍ନରଙ୍କ ଉପରୁ ଚଳିତ ମାସ ୨୮ ତାରିଖରେ ବାସନ୍ଧ ହଟିବ। କିନ୍ତୁ କହୁଣି ଜନିତ ଆହତ ସମସ୍ୟା ଯୋଗୁ ତାଙ୍କୁ ବିଶ୍ରାମ ଦିଆଯାଇଛି।

## ପ୍ରତିରକ୍ଷା ପାଣ୍ଠିକୁ ମ୍ୟାଚ୍ ଫି' ଦାନ କଲା ଟିମ୍ ଇଣ୍ଡିଆ



ସ୍ୱତନ୍ତ୍ର ମିଲିଟାରୀ କ୍ୟାପ ପରିଧାନ ସହ ଭାରତୀୟ ଦଳର ଖେଳାଳିମାନେ।

ରାଞ୍ଚି,୮।୩

ଭାରତୀୟ କ୍ରିକେଟ ଦଳ ଏଠାରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିବା ବେଳେ ସେମାନଙ୍କ ଗୋଟିଏ ଦିନର ମ୍ୟାଚ୍ ଫି'କୁ ପ୍ରତିରକ୍ଷା ପଣ୍ଠିକୁ ଦାନ କରିଛି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ୩ୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ସ୍ୱତନ୍ତ୍ର ମିଲିଟାରୀ କ୍ୟାପ୍ ପରିଧାନ କରିଥିଲେ। ସ୍ଥଳ ସେନାର ଅବୈତନିକ ଲ୍ୟୁଟନାଣ୍ଟ କର୍ଣ୍ଣେଲ ପଦରେ ଥିବା ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସାଥୀ ଖେଳାଳିଙ୍କୁ ଏହି କ୍ୟାପ ପଡ଼ିଆରେ ପ୍ରଦାନ କରିଥିଲେ। ଏଥିସହ ଦଳର ପ୍ରତ୍ୟେକ ସଦସ୍ୟଙ୍କ ସମ୍ପୂର୍ଣ୍ଣ ମ୍ୟାଚ୍ ଫି'କୁ ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ଦାନ କରାଯିବ ବୋଲି ଅଧିନାୟକ ବିରାଟ କୋହଲି ଘୋଷଣା କରିଥିଲେ। ଖେଳାଳିମାନେ ପରିଧାନ କରିଥିବା କ୍ୟାପରେ ବିସିସିଆଇର ଲୋଗ ମଧ୍ୟ ରହିଥିଲା। ଏହାକୁ ପରିଧାନ କରି ଶହୀଦଙ୍କ ଉଦ୍ଦେଶ୍ୟରେ ଆମେ ଶ୍ରଦ୍ଧାଞ୍ଜଳି ଦେବା ସହ ମ୍ୟାଚ୍ ଫି'କୁ ଜାତୀୟ ରକ୍ଷା ପାଣ୍ଠିକୁ ପ୍ରଦାନ କରୁଛୁ। ଶହୀଦ ସିଆର୍‌ପିଏଫ୍ ଯବାନଙ୍କ ପରିବାରର ସହାୟତା ଲାଗି ସଭିଙ୍କୁ ଆଗେଇ ଆସିବା ଦରକାର ବୋଲି କୋହଲି କହିଥିଲେ। ଦିନିକିଆ ମ୍ୟାଚ୍‌ରେ ଫି' ବାବଦରେ ଦଳର ପ୍ରତ୍ୟେକ ଖେଳାଳି ୮ ଲକ୍ଷ ଟଙ୍କା ଲେଖାଏଁ ପାଇଥାନ୍ତି। ରିଜର୍ଭ ଖେଳାଳିଙ୍କୁ ଏହାର ଅଧା ମିଳିଥାଏ। ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଊର୍ଦ୍ଧ୍ୱ ସିଆର୍‌ପିଏଫ୍ ଯବାନ ପ୍ରାଣ ହରାଇଥିଲେ। ଫଳ ସ୍ୱରୂପ ବିସିସିଆଇ ଆଗାମୀ ଆଇପିଏଲର ଉଦ୍‌ଘାଟନୀ ଉତ୍ସବ ଆୟୋଜନ ନକରିବା ଲାଗି ନିଷ୍ପତ୍ତି ନେଇଥିଲା। ଏଥିଲାଗି ଧାର୍ଯ୍ୟ ବଜେଟକୁ ଶହୀଦ ଯବାନଙ୍କ ପରିବାରଙ୍କୁ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲା।

## ଧାୱନ୍ ଖସିଲେ, 'ଏ' ଗ୍ରେଡ୍‌ରେ ପନ୍ତ

ନୂଆଦିଲ୍ଲୀ,୮।୩(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ପାଇଁ ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକା ଘୋଷଣା କରିଛି। ଯୁବ ଉଇକେଟକିପର ରିଷଭ ପନ୍ତ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରି ଏ' ଗ୍ରେଡ୍‌ରେ ସାମିଲ ହୋଇଛନ୍ତି। ଅନ୍ୟପଟେ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ଏଲିଟ୍ ଏ ପ୍ଲସ୍ ଗ୍ରେଡ୍‌ରୁ ବାଦ୍ ଦିଆଯାଇଛି। ୨୫ ଜଣ କ୍ରିକେଟରଙ୍କୁ ୪ଟି ଗ୍ରୁପ୍‌ରେ ସାମିଲ କରାଯାଇଛି। ସେଗୁଡିକ ହେଲା ଏ ପ୍ଲସ୍ (୭ କୋଟି), ଏ ଗ୍ରେଡ (୫ କୋଟି), ବି ଗ୍ରେଡ (୩ କୋଟି) ଓ ସି ଗ୍ରେଡ (୧ କୋଟି ଟଙ୍କା)। ଗତବର୍ଷ ୨୬ଜଣ ଖେଳାଳିଙ୍କୁ ଚୁକ୍ତିରେ ସାମିଲ କରାଯାଇଥିଲା। କେବଳ ଧାୱନ ନୁହଁ, ଭୁବନେଶ୍ୱର କୁମାର ମଧ୍ୟ ଏ ପ୍ଲସ୍ ଗ୍ରେଡ୍‌ରୁ ବାଦ୍ ପଡିଛନ୍ତି। କେବଳ ଅଧିନାୟକ ବିରାଟ କୋହଲି, ରୋହିତ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରା ଏ ପ୍ଲସ୍ ଗ୍ରେଡ୍‌ରେ ସାମିଲ ହୋଇଛନ୍ତି। ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦ ଓ ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କୁ ନୂଆ କରି ସି ଗ୍ରେଡ୍‌ରେ ସାମିଲ କରାଯାଇଛି। ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ ଓ ଅଲରାଉଣ୍ଡର ବିଜୟ ଶଙ୍କର ଟେଷ୍ଟ ଓ ସୀମିତ ଓଭର କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଚୁକ୍ତିରେ ସାମିଲ ନାହାନ୍ତି। ଏମାନେ ୩ ଟେଷ୍ଟ କିମ୍ବା ୮ଟି ଦିନିକିଆ ଖେଳି ନ ଥିବାରୁ ସାମିଲ ହୋଇ ପାରିନାହାନ୍ତି। ମହିଳା ଚୁକ୍ତିରେ ଅଭିଜ୍ଞ ମିଥାଲି ରାଜ, ହରମନପ୍ରୀତ କୌର, ପୁନମ ଯାଦବ, ସ୍ମୃତି ମନ୍ଧାନା ଏ ଗ୍ରେଡ୍‌ରେ ସାମିଲ ହୋଇଛନ୍ତି।

### ବିସିସିଆଇ କେନ୍ଦ୍ରୀୟ ଚୁକ୍ତି

**ଚୁକ୍ତିରେ ସାମିଲ ଖେଳାଳି**

**ଗ୍ରେଡ୍ ଏ ପ୍ଲସ:** ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ ବୁମ୍‌ରା।
**ଗ୍ରେଡ୍ ଏ:** ମହେନ୍ଦ୍ର ସିଂ ଧୋନୀ, ଚେତେଶ୍ୱର ପୂଜାରା, ରିଷଭ ପନ୍ତ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଇଶାନ୍ତ ଶର୍ମା, ମହମ୍ମଦ ସାମି, କୁଲଦୀପ ଯାଦବ, ଶିଖର ଧାୱନ୍, ଭୁବନେଶ୍ୱର କୁମାର, ଅଜିଙ୍କ୍ୟ ରାହାନେ।
**ଗ୍ରେଡ୍ ବି:** ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଉମେଶ ଯାଦବ, ଯୁଜବେନ୍ଦ୍ର ଚହଲ।
**ଗ୍ରେଡ ସି:** କେଦାର ଯାଦବ, ଦୀନେଶ କାର୍ତ୍ତିକ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ହନୁମା ବିହାରୀ, ଖଲିଲ ଅହମ୍ମଦ, ଋଦ୍ଧିମାନ ଶାହ।

**ଚୁକ୍ତିରେ ସାମିଲ ମହିଳା ଖେଳାଳି**

**ଗ୍ରେଡ ଏ' (୫୦ ଲକ୍ଷ ଟଙ୍କା):** ମିଥାଲି ରାଜ, ହରମନପ୍ରୀତ କୌର, ପୁନମ ଯାଦବ, ସ୍ମୃତି ମନ୍ଧାନା।
**ଗ୍ରେଡ ବି' (୩୦ ଲକ୍ଷ ଟଙ୍କା):** ଏକତା ବିଷ୍ଟ, ଝୁଲଣ ଗୋସ୍ୱାମୀ, ଶିଖା ପାଣ୍ଡେ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍।
**ଗ୍ରେଡ ସି'(୧୦ ଲକ୍ଷ ଟଙ୍କା):** ରାଧା ଯାଦବ, ଡି. ହେମଲତା, ଅନୁଜା ପାଟିଲ, ବେଦା କ୍ରିଷ୍ଣମୂର୍ତ୍ତି, ମାନସୀ ଯୋଶୀ, ପୁନମ ରାଉତ, ମୋନା ମେଶ୍ରାମ, ଅରୁନ୍ଧତି ରେଡ୍ଡୀ, ତାନିୟା ଭାଟିଆ, ରାଜେଶ୍ୱରୀ ଗାଏକ୍ୱାଡ, ପୂଜା ବସ୍ତ୍ରକାର।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

# ଚିଟ୍‌ଫଣ୍ଡ ଠକେଇ ଅଭିଯୋଗରେ ୩ ଗିରଫ

**କେନ୍ଦୁଝର ୮।୩ (ସ୍ୱ.ପ୍ର.)**

ଚିଟଫଣ୍ଡ ଠକେଇ ଅଭିଯୋଗରେ କେନ୍ଦୁଝର ଟାଉନ ଥାନା ପୋଲିସ ୩ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡିଛି। ଜିଏଏଚ ମଲ୍‌ଟିଟ୍ରେଡ ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥା ଘୁଟୁରୁ ଗ୍ରାମରେ ଅଫିସ ଖୋଲି ଚିଟ୍‌ଫଣ୍ଡ କାରବାର କରୁଥିଲେ। ସଂସ୍ଥାର କର୍ମକର୍ତ୍ତା ଲୋକଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ କୋଟି କୋଟି ଟଙ୍କା ଜମା ଆକାରରେ ଆଦାୟ କରିଥିଲେ । ପରେ ଏହି ସଂସ୍ଥା ଲୋକଙ୍କୁ ଠକିଥିବା ଜାଣି ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ତଦନୁଯାୟୀ ପୋଲିସ ଶୁକ୍ରବାର ଚଢାଉ କରି ସଂସ୍ଥାର ମୁଖ୍ୟ କୁହାଯାଉଥିବା ୩ଜଣଙ୍କୁ ଗିରଫ କରିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନ୍ତର୍ଯାମୀ ବେହେରା, ସୁବ୍ରତ ସେଠୀ ଓ ହିମାଂଶୁ ବେହେରା।

ପୋଲିସ ସୂଚନା ଅନୁଯାୟୀ ଓଡିଶା, ଝାଡ଼ଖଣ୍ଡ, ବିହାର ସମେତ ୧୧ ଟି ରାଜ୍ୟରେ ଏହି ସଂସ୍ଥାର କାର୍ଯ୍ୟାଳୟ ରହିଛି । ୨୦୧୮ଫେବୃୟାରୀ ୨୦୧୮ ରୁ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରି ବର୍ଷକ ମଧ୍ୟରେ ପାଖାପାଖି ୫୦ରୁ ୬୦ ହଜାର ଜମାକାରୀଙ୍କ ଠାରୁ ପ୍ରାୟ ୨୬ କୋଟି ଟଙ୍କା ଆଦାୟ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଟାଉନ ଥାନା ଆଇଆଇସି ସୋମନାଥ ଜେନା କହିଛନ୍ତି। ସରକାର ଚିଟଫଣ୍ଡ କାରବାର ରୋକିବା ପାଇଁ କଡାକଡି ଆଇନ ପ୍ରଣୟନ କରିଥିଲେ ମଧ୍ୟ ଏଭଳି ଠକ୍ ସଂସ୍ଥା ଦ୍ୱାରା ଲୋକେ ଠକେଇର ଶୀକାର ହେବାଁ ଚନ୍ତାର କାରଣ ହୋଇଛି ।

# ଯାତ୍ରୀଙ୍କ ଉପରେ ମାଡ଼ିଗଲା ଟ୍ରକ୍, ୩ ମୃତ

**ମର୍ମନ୍ତୁଦ ଦୁର୍ଘଟଣା**



ଦୁର୍ଘଟଣାଗ୍ରସ୍ତ ବସ୍, ଟ୍ରକ୍।

**ବାହାନଗା, ୮।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡ଼ାର ୧୬ ନମ୍ବର ଜାତୀୟ ରାଜପଥ ଉପରେ ଗୁରୁବାର ରାତି ପ୍ରାୟ ୧ଟା ବେଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଭୁବନେଶ୍ୱର ଯାଉଥିବା ବସ୍‌ର ଯାତ୍ରୀମାନେ ରାସ୍ତାକଡ଼ ଦୋକାନରେ ଚା' ପିଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ବସ୍ ହେଲପର ସମେତ ୩ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଖନ୍ତାପଡ଼ା ଥାନା ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଉଦଳା ଅଞ୍ଚଳରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଘରୋଇ ବସ୍ (ନଂ.ଓଡ଼ି-୦୧ଏ-୮୮୮୮) ଖନ୍ତାପଡ଼ାସ୍ଥିତ ଜାତୀୟ ରାଜପଥ କଡ଼ରେ ଥିବା ଏକ ଚା' ଦୋକାନ ସାମ୍ନାରେ ଆସି ଛିଡ଼ା ହୋଇଥିଲା। ବସ୍ ପଛରେ ଏକ ମିନି ଟ୍ରକ୍ ଥିଲା। ଏହି ସମୟରେ ପଛପଟୁ ଏକ ପଥର ବୋଝେଇ ଟ୍ରକ୍ ଆସି ବସ୍ ପଛରେ ଥିବା ମିନିଟ୍ରକ୍‌କୁ ଜୋରରେ ଧକ୍କା ଦେଇଥିଲା। ଫଳରେ ଟ୍ରକ ଆଗକୁ ମାଡିଯାଇଥିଲା। ବସ୍ ପଛରେ ଟାୟାର ଚେକ୍ କରୁଥିବା ହେଲପର ସତ୍ୟଜିତ୍ ପଟ୍ଟନାୟକ, ଚା' ପିଉଥିବା ଜଣେ ମହିଳା ଯାତ୍ରୀ ଓ ଭୁବନେଶ୍ୱରସ୍ଥିତ ବନ୍ଧୁଘରକୁ ଯାଉଥିବା ଅନ୍ୟ ଜଣେ ବସ୍ ଯାତ୍ରୀ ଚାପି ହୋଇଯାଇଥିଲେ। ମୃତକ ଦୁଇ ଯାତ୍ରୀ ହେଲେ ଉଦଳା ଅଞ୍ଚଳର ବିଷ୍ଣୁପ୍ରିୟା ପୃଷ୍ଟି(୩୮) ଓ ଉତ୍ତରପ୍ରଦେଶର ଲାଲା ଗଞ୍ଜିଆ ଗ୍ରାମର ବିଜେନ୍ଦ୍ର ନିଶାଦ(୪୫)।




# ପୋଖରୀରେ ବୁଡ଼ି ଶିଶୁ ମୃତ

**ଭଣ୍ଡାରିପୋଖରୀ, ୮।୩ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଥାନା ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ନାୟକସାହିର ବିଜୟ ନାୟକଙ୍କ ପୁଅ ତନ୍ମୟ ନାୟକ(୨) ଶୁକ୍ରବାର ପୂର୍ବାହ୍ନରେ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ତନ୍ମୟ ପଡ଼ୋଶୀ ଘରକୁ ଯାଇ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବାରୁ ଘର ପଛପଟ ଏକ ପୋଖରୀରେ ତନ୍ମୟ ଭାସୁଥିବାର ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ପକ୍ଷରୁ ଧାମନଗର ଥାନାରେ ଅଭିଯୋଗ କରାଯାଇଛି। ରିପୋର୍ଟ ଲେଖା ଯିବା ସୁଦ୍ଧା ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିଲା।









ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୯ ମାର୍ଚ୍ଚ, ୨୦୧୯



# ବଳକା ଧାନର ଅଭାବୀ ବିକ୍ରି

କେନ୍ଦୁଝର, ୮।୩ (ସ୍ୱ.ପ୍ର.)

- ମଣ୍ଡିରେ ଧାନ ବିକି ନ ପାରି ଚାଷୀ ହତାଶ
- ଉତ୍ପାଦନ ତୁଳନାରେ ଟାର୍ଗେଟ କମ୍
- ଅଧିକ ଧାନ କିଣା ନିମନ୍ତେ ପ୍ରଶାସନ ପକ୍ଷରୁ ଆଲୋଚନା
- ସରକାରଙ୍କୁ ଦିଆଗଲା ପ୍ରସ୍ତାବ

କେନ୍ଦୁଝର ଜିଲାର ଚାଷୀ ଏବେ ବଳକା ଧାନ ବିକି ନ ପାରି ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ଧାନ ଉତ୍ପାଦନ ପ୍ରାୟ ୨୨୫୬୧୩୫ କୁଇଣ୍ଟାଲ ହୋଇଥିବାବେଳେ ସରକାର ଏଥିରୁ ମାତ୍ର ୧୧୫୨୯୪୧ କୁଇଣ୍ଟାଲ କିଣିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ତଦନୁଯାୟୀ ସମିତିମାନଙ୍କୁ ୧୧୪୪୧୦୦ କୁଇଣ୍ଟାଲ ଏବଂ ମିଲରମାନଙ୍କୁ ୧୦୮୮୨୫୦ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ଜିଲାରୁ ମୋଟ ୧୦୪୧୦୪୧ କୁଇଣ୍ଟାଲ ଧାନ କିଣାଯାଇଛି। ଅବଶିଷ୍ଟ ୧୧.୦୦ ଲକ୍ଷ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଖରେ ରହିଯାଇଥିବା ଜଣାପଡିଛି। ଏହାର ସୁଯୋଗ ନେଇ ଦଲାଲମାନେ ଚଳିତବର୍ଷ ଧାନର ସହାୟକ ମୂଲ୍ୟ ୧୫୫୦ରୁ ୧୭୫୦ ଟଙ୍କାକୁ ବୃଦ୍ଧି ପାଇଥିଲେ ବି ଚାଷୀଙ୍କଠାରୁ ମନଇଚ୍ଛା ବହୁ କମ୍ ଦରରେ ଧାନ କିଣୁଥିବା ଅଭିଯୋଗ ହୋଇଛି।

ସରକାରୀ ଭାବେ ଖୋଲିଥିବା ମଣ୍ଡିରେ ଟାର୍ଗେଟ ପୂରଣ ଆଳରେ ଆଉ ଅଧିକ ଧାନ କିଣା ନ ଯିବାରୁ ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୁଧବାର ପୂର୍ବାହ୍ନରେ ଜିଲାପାଳ ତଥା ଡିଏଲପିସିର ଅଧକ୍ଷ ଆଶିଷ ଠାକ୍ରେଙ୍କ ସଭାପତିତ୍ୱରେ ମିନି କନଫରେନ୍ସ ହଲ୍‌ଠାରେ ଏକ ବୈଠକ ବସି ଆଲୋଚନା ହୋଇଥିଲା। ଚାଷୀଙ୍କଠାରୁ ବଳକା ଧାନ କିଣିବା ସକାଶେ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମଧ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଓ ସମସ୍ତ ସମିତିର ସଭାପତି ଉପସ୍ଥିତ ଥିଲେ। ବର୍ତ୍ତମାନ ଜିଲାରେ ଥିବା ବଳକା ଧାନ ପ୍ରାୟ ୧୧ ଲକ୍ଷ କୁଇଣ୍ଟାଲରୁ ଅନ୍ୟୂନ ୫୭୪୫୦୦ କୁଇଣ୍ଟାଲ ଧାନ କିଣିବା ସକାଶେ ସରକାର ବିଚାର କରିବାକୁ ଜିଲାପାଳଙ୍କ ଜରିଆରେ ପ୍ରସ୍ତାବ ଦିଆଯାଇଥିବା ଜଣାପଡିଛି। ଜିଲା ଯୋଗାଣ ଅଧିକାରୀ ପରେଶ ଚନ୍ଦ୍ର ମହାନ୍ତି, ଡିଆରସିଏସ୍ ପ୍ରଭାତ କୁମାର ଜେନା, କେନ୍ଦୁଝର ଆର୍‌ଏମ୍‌ସି ସମ୍ପାଦକ ଅଜୟ କୁମାର ସେଠୀ, ଆନନ୍ଦପୁର ଆର୍‌ଏମ୍‌ସି ସମ୍ପାଦକ ଏକାଦଶୀ ବେହେରା, ସଦର ଏଆର୍‌ସିଏସ୍ ପର୍ଶୁରାମ ପାତ୍ର, ଚମ୍ପୁଆ ଏଆରସିଏସ୍ ସରୋଜିନୀ ଜେନା, କେନ୍ଦୁଝର ଜିଲାର ସମସ୍ତ ମିଲର, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପ୍ରଶାସନର ପ୍ରସ୍ତାବ ସତ୍ତ୍ୱେ ବଳକା ଧାନ ବିକ୍ରି ହେବା ନେଇ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଉତ୍ପାଦନଠାରୁ କମ୍ ଧାନ କିଣିବା ଲାଗି କିଭଳି ଟାର୍ଗେଟ ରଖାଗଲା ସେ ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ଗତବର୍ଷ ପ୍ରତ୍ୟେକ ପରିବାରର ମୁଣ୍ଡ ପିଛା ୩ କୁଇଣ୍ଟାଲ ଧାନ ସଂରକ୍ଷଣ ବ୍ୟବସ୍ଥାକୁ ସରକାର ଚଳିତ ବର୍ଷ ଉଠାଇ ଦେଇଥିବାରୁ ଚାଷୀମାନେ ଦଲାଲମାନଙ୍କୁ ଧାନ ନ ଦେଇ ମଣ୍ଡିରେ ବିକିବାକୁ ଲକ୍ଷ୍ୟ ରଖି ଏବେ ଅଡୁଆରେ ପଡିଥିବା କହିଛନ୍ତି।



କେନ୍ଦୁଝର ଜିଲା ବଣମୂଳକର ଜଣେ ମହିଳା କାଖରେ ଶିଶୁକୁ ଧରି ଜାଳକାଠ ବିକ୍ରି କରିବାକୁ ବଜାରକୁ ଯାଉଛନ୍ତି।

## ସଂକ୍ଷେପରେ

### ସ୍କୁଲ ବସ୍ ଧକ୍କାରେ ଜଣେ ମୃତ

କେନ୍ଦୁଝର ୮।୩ (ସ୍ୱ.ପ୍ର.)- କେନ୍ଦୁଝର ସହରରେ ବିପର୍ଯ୍ୟସ୍ତ ରାସ୍ତାଘାଟ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। କିନ୍ତୁ ରାସ୍ତାଘାଟ ଅବସ୍ଥା ବଦଳୁ ନାହିଁ। ଶୁକ୍ରବାର ମଧ୍ୟାହ୍ନରେ ଏକ ଘରୋଇ ସ୍କୁଲ ବସ ଧକ୍କାରେ ସ୍ଥାନୀୟ ଗାନ୍ଧୀ ଛକଠାରେ ବ୍ରଜମୋହନ ପାତ୍ର (୪୫) ଜଣେ ବ୍ୟକ୍ତିଙ୍କ ମତ୍ୟୁ ଘଟିବାରୁ ଉତ୍ତେଜନା ପ୍ରକାଶ ପାଇଛି। ତାଙ୍କ ଘର ଜନାର୍ଦ୍ଦନପୁର ଶାସନରେ। ସେ ବିଦ୍ୟୁତ୍ ମିସ୍ତ୍ରି ଭାବରେ କାମ କରୁଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ବସର ଚାଳକଙ୍କୁ ଧରି ଘଟଣାର ତଦନ୍ତ କରୁଛି। ଗାନ୍ଧୀ ଛକ ନିକଟରେ ରାସ୍ତା ଅବସ୍ଥା ଭଲ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

### ମହେଶ୍ୱର କେନ୍ଦ୍ର ମତ୍ସ୍ୟ ଉନ୍ନୟନ ବୋର୍ଡର ସଦସ୍ୟ ନିଯୁକ୍ତ



କେନ୍ଦୁଝର ୮।୩ (ସ୍ୱ.ପ୍ର.)- କେନ୍ଦ୍ର ସରକାର କେନ୍ଦୁଝର ଜିଲାର ବରିଷ୍ଠ ଭାଜପା ନେତା ତଥା ଭାଜପା କୃଷକ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁଙ୍କୁ କେନ୍ଦ୍ର ମତ୍ସ୍ୟ ଉନ୍ନୟନ ବୋର୍ଡରେ ସଦସ୍ୟ ଭାବରେ ନିଯୁକ୍ତି ଦେଇଛନ୍ତି। ଏହାକୁ ଭାଜପା କର୍ମୀମାନେ ସ୍ୱାଗତ କରିଛନ୍ତି। ମହେଶ୍ୱର ଭାଜପାରେ ଦୀର୍ଘ ବର୍ଷ ହେଲା କାର୍ଯ୍ୟ କରବା ସହ ରାଜ୍ୟ ଓ ଜାତୀୟ ସଂଗଠନର ବିଭିନ୍ନ ପଦପଦବୀରେ ମଧ କାମ କରିଆସୁଛନ୍ତି।

### ଶ୍ୱାସରୁଦ୍ଧ ହୋଇ ଛାତ୍ରୀ ମୃତ

କେନ୍ଦୁଝର ୮।୩ (ସ୍ୱ.ପ୍ର.) - କେନ୍ଦୁଝର ସହର ମାଧପୁରରେ ଭଡା ଘରେ ରହୁଥିବା ଏକ ପରିବାରର ରଞ୍ଜିତା ନାୟକ ନାମ୍ନୀ ୯ ବର୍ଷ ର ଝିଅର ବେକରେ ଦଉଡି ଫସିଯିବାରୁ ସେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ଘଟଣାର ତାହାର ତଦନ୍ତ କରୁଛି। ପରିବାର ଲୋକେ ଗୁରୁତର ଅବସ୍ଥାରେ ରଞ୍ଜିତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମାଛ ମାରିବାକୁ ଯାଇ ଜୀବନ ଗଲା

ପାଟଣା, ୮।୩ (ସ୍ୱ.ପ୍ର.) - କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ଶଙ୍ଖୁଆ ପଞ୍ଚାୟତ ପ୍ରଧାନପଡା ଗ୍ରାମର ଜଣେ ବ୍ୟକ୍ତି ଗୁରୁବାର ସନ୍ଧ୍ୟାରେ ଗାଁ ବନ୍ଧକୁ ମାଛ ମାରିବାକୁ ଯାଇ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ଗ୍ରାମର ଜଗନ୍ନାଥ ମହାନ୍ତ। ପାଟଣା ଥାନା ଏଏସ୍‌ଆଇ ଅଶୋକ କୁମାର ନାଏକ ଏନେଇ ଏକ ମାମଲା(ନଂ.୬/୧୯) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

### ବିଶ୍ୱ ଗଣିତ ଦିବସ ପାଳିତ

କେନ୍ଦୁଝର ୮।୩ (ସ୍ୱ.ପ୍ର.) -ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ବିଶ୍ୱ ଗଣିତ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ବିଦ୍ୟାମନ୍ଦିର ଗଣିତ ଆଚାର୍ଯ୍ୟ ସତ୍ୟପ୍ରିୟ ମହାନ୍ତି ବିଶ୍ୱ ଗଣିତ ଦିବସ ପାଳନ ସମ୍ପର୍କରେ ସୂଚିତ କରି ବୈଦିକ ଗଣିତ ତଥା ପୁରାତନ ଗଣିତର କଳା କୌଶଳ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ କୁହୁକ ଗଣିତର ବିଭିନ୍ନ ପ୍ରତିଯୋଗିତା କରାଯାଇ ଚାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅମୂଲ୍ୟ କୁମାର ରାଉତ, ମନୋରଞ୍ଜନ ପରିଡା, ଦେବାଶିଷ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୯ ଚୋରା କାଠ ବେପାରୀଙ୍କ ସହ ୧୧ ଗିରଫ

ଆନନ୍ଦପୁର, ୮।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ୨ଟି ସ୍ଥାନରେ ବନ ବିଭାଗ କର୍ମଚାରୀ ଚଢାଉ କରି ବିପୁଳ ପରିମାଣର କାଠ ଓ ୨ଟି ଗାଡି ଜବତ କରିଛନ୍ତି। ଏହି ଘଟଣାରେ ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ମଧ୍ୟରେ ୯ଜଣ ଚୋରା କାଠ ବେପାରୀ ଥିବା ବେଳେ ଜଣେ କାଠ ମିସ୍ତ୍ରି ଓ ତାଙ୍କ ସହଯୋଗୀ ରହିଛନ୍ତି।

ବୁଧବାର ଡିଏଫଓ ଅଜିତ୍ କୁମାର ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ କର୍ମଚାରୀ, ମାଜିଷ୍ଟ୍ରେଟ୍ ଓ ପୋଲିସଙ୍କ ସହାୟତାରେ ରାମଚନ୍ଦ୍ରପୁର ସେକ୍ସନ ନୂଆଗାଁର କାଠ ମିସ୍ତ୍ରି ସୁରେଶ ଓଝାଙ୍କ ଘର ଉପରେ ଅତର୍କିତ ଚଢାଉ କରିଥିଲେ। ସେଠାରୁ ଶାଳ, କସି, ପୁଟିଆ, ଆକାଶିଆ, ଶାଗୁଆନ ପ୍ରଭୃତି ୨୩ ସିଏଫ୍‌ଟି କାଠ ଓ କେତେକ ଯନ୍ତ୍ରାଂଶ ଜବତ ହୋଇଥିଲା। କାଠ ମିସ୍ତ୍ରି ସୁରେଶ ଏବଂ ତାଙ୍କ ସହଯୋଗୀ ମଛାଳୋର ଲଳିତ ଯେନାଙ୍କୁ ଗିରଫ କରାଯାଇଥିଲା। ଗୁରୁବାର ବିଳମ୍ବିତ ରାତିରେ ପଥରପଦା ନିକଟରେ ବେଆଇନ ଭାବେ କାଠ ଚାଲାଣ ହେଉଥିବା ସୂଚନା ପାଇ ଚଢାଉ କରାଯାଇଥିଲା। କାଠ ଚାଲାଣରେ ବ୍ୟବହୃତ ଏକ ସ୍କର୍ପିଓ ଓ ଏକ ବୋଲେରୋ ଗାଡି ଜବତ କରାଯାଇ ସେଥିରେ ଥିବା ୩ଟି ସିଏଫ୍‌ଟି ଶାଳକାଠ ଉଦ୍ଧାର କରାଯାଇଛି। ଏହ ଗାଡିରେ ଥିବା ଅଭିଯୁକ୍ତ ଅଶୋକ ମହାନ୍ତ, କରମ ଆନସାର୍, ଅକତାର୍ ଆନସାର୍, ମୁକ୍ତାର୍ ଆନ୍‌ସାର୍, ଏସ.କେ. ସଲିମ୍, ବାସାରୁକି ଆନସାର୍, କୁତବୁଦ୍ଦିନ୍ ଆନସାର୍, ମହମ୍ମଦ କୁତୁଦ୍ଦିନ୍, ଫିରୋଜ ଆନସାର ପ୍ରମୁଖ ୯ଜଣଙ୍କୁ ଗିରଫ କରାଯାଇଛି। ଚଢାଉରେ ଏସିଏଫ ପ୍ରଫୁଲ୍ଲ କୁମାର ମଲ୍ଲିକ, ସୁରେଶ ଚନ୍ଦ୍ର ସେଠୀ, ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ ତଥା ଆନନ୍ଦପୁରର ସମସ୍ତ ବନପାଳ, ବନରକ୍ଷୀ ସାମିଲ ହୋଇଥିଲେ। ବିଭାଗ ପକ୍ଷରୁ ୭ଟି ଗାଡିରେ ପାଟ୍ରୋଲିଂ କରାଯାଇ ଏହି ଧରପଗଡ କରାଯାଇଥିଲା।




ବନ ବିଭାଗ ଦ୍ୱାରା ଜବତ ୨ଟି ଗାଡ଼ି।

- ବନ୍ୟପ୍ରାଣୀ ବନଖଣ୍ଡରେ ଚୋରା କାଠ ବେପାର
- ୨ ଗାଡ଼ି ସମେତ ବିପୁଳ କାଠ ଜବତ
- ଚଢ଼ାଉ ବେଳେ ପାଟ୍ରୋଲିଂ ଲାଗି ୭ ଗାଡ଼ି ବ୍ୟବହାର

# କଲ୍ୟାଣ ମଣ୍ଡପ ଗୃହ ନିର୍ମାଣ ଲାଗି ଶିଳାନ୍ୟାସ

ଢେଙ୍କିକୋଟ, ୮।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ନିକଟ ୨୦ ନଂ. ଜାତୀୟ ରାଜପଥ କଡରେ ୩୫ ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପ ଗୃହ ନିର୍ମାଣ ଲାଗି ଗୁରୁବାର ସନ୍ଧ୍ୟାରେ ଶିଳାନ୍ୟାସ କରାଯାଇଛି। ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଶିଳାନ୍ୟାସ କରି ଅଞ୍ଚଳବାସୀଙ୍କ ବହୁଦିନର ଦାବି ପୂରଣ ହେବାକୁ ଯାଉଛି ବୋଲି କହିଥିଲେ। ଢେଙ୍କିକୋଟ ସରପଞ୍ଚ ଗୌରୀ ବାରିକ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ସାହୁ, ବିକାଶ ମଞ୍ଚର ସଭାପତି ଯୁଗଳ କିଶୋର ଦାଶ, ସମାଜସେବୀ କୁଳମଣି ମଣ୍ଡଳ, ଶଙ୍କର୍ଷଣ ସାହୁ, କୃଷ୍ଣଚନ୍ଦ୍ର ବାରିକ୍, ବିଜୁ ଯୁବ ବାହିନୀର ସଭାପତି ଦିନେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂଜକ ବେଣୁଧର ଦାଶ ପୂଜାର୍ଚ୍ଚନା କରିବା ପରେ ମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ଶେଷରେ ନିର୍ମଳଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଟଣାରେ ଭାଜପାର ବିଜୟ ସଂକଳ୍ପ ସମାବେଶ

କେନ୍ଦୁଝର, ୮।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଷିପୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ପାଟଣାଠାରେ ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପାର ବରିଷ୍ଠ ନେତା ପ୍ରତାପ ଷଡଙ୍ଗୀ ଓ ଦଳର ନେତ୍ରୀ ତଥା ସିନେତାରକା ଅନୁ ଚୌଧୁରୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

ମୁଖ୍ୟ ଅତିଥି ଷଡଙ୍ଗୀ କହିଥିଲେ, ଏବେ ମହାସଂଗ୍ରାମର ବିଗୁଲ ବାଜିଲାଣି। ଏହି ଅଞ୍ଚଳରେ ଗୁଣ୍ଡାଗର୍ଦ୍ଦି ବଢୁଥିବାରୁ ମା' ଭଉଣୀମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଖଣି ଖାଦାନରେ ମାଫିଆଙ୍କ ରାଜ ଚାଲିଛି। ଏବେ ପରିବର୍ତ୍ତନର ବେଳ ଆସିଥିବାରୁ ବିଜେଡିକୁ ପ୍ରତ୍ୟାଖ୍ୟାନ କରି ଭାଜପାକୁ ସୁଯୋଗ ଦେବାକୁ ସେ ନିବେଦନ କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାର ପାକିସ୍ତାନକୁ ଦେଇଥିବା କଡା ଜବାବ ପ୍ରସଙ୍ଗ ଉଲ୍ଲେଖ କରି ଅତୀତରେ କଂଗ୍ରେସ ଭୋଟ ପାଇଁ ମା, ମାଟି ଓ ଦେଶକୁ ବିକି ଦେବାକୁ ପଛେଇ ନାହିଁ ବୋଲି କହି ଆକ୍ଷେପ କରିଥିଲେ। ଭାଜପା ନେତ୍ରୀ ଅନୁ ଚୌଧୁରୀ ଆନ୍ତର୍ଜାତିକ ମହିଳା ଦିବସ ଉପରେ ଆଲୋକପାତ କରି କହିଥିଲେ, କେନ୍ଦ୍ର ସରକାର ନାରୀ ସଶକ୍ତୀକରଣ ଓ ବିକାଶ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ରାଜନୀତି କରି ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ସହଯୋଗ କରୁ ନାହାନ୍ତି। ଫଳରେ ମହିଳା ଓ ଅନ୍ୟମାନେ କେନ୍ଦ୍ରୀୟ ଯୋଜନାରୁ ସୁଫଳ ପାଇ ପାରୁନାହାନ୍ତି ବୋଲି ବରିଷ୍ଠ ନେତା ବିରଜା ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଅନନ୍ତ ନାୟକ, ମହେଶ୍ୱର ସାହୁ, ସୁକେଶୀ ଓରାମ, ସୁବ୍ରତ ମହାନ୍ତି, ପ୍ରଶାନ୍ତ ଦଳେଇ, କିରଣବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

ଢେଙ୍କିକୋଟ, ୮।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ପୂର୍ବାହ୍ନରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ରୋଗୀ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ରୋଗୀଙ୍କୁ ଉଚିତ ଚିକିତ୍ସା ସେବା ଯୋଗାଇବାରେ ଏହା ସହାୟକ ହେବ ବୋଲି ଡାକ୍ତର ଦେବାଶିଷ ନାୟକ ସୂଚନା ଦେଇଥିଲେ। ଏଠାରେ ବିଭିନ୍ନ କର୍କଟ ରୋଗ ସମେତ ମଧୁମେହ ଓ ଅନ୍ୟ ରୋଗୀଙ୍କ ଲାଗି ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବ। କାୟାକଳ୍ପ ଯୋଜନାରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ଲାଗି ପଦକ୍ଷେପ ନିଆଯାଉଥିବା ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟା ସୁମିତ୍ରା ମହାନ୍ତ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ସାହୁ, ସରପଞ୍ଚ ଗୌରୀ ବାରିକ୍, ଆୟୁଷ ଡାକ୍ତର ତପସ୍ୱିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ପରିଦର୍ଶକ ଅରୂପା ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କପି କରି ଧରାପଡ଼ିଲେ ୪ ପରୀକ୍ଷାର୍ଥୀ

ପାଟଣା, ୮।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ମାଟ୍ରିକ ପରୀକ୍ଷାର ଶେଷ ଦିନରେ କପି କରି ୪ ପରୀକ୍ଷାର୍ଥୀ ଧରାପଡିଛନ୍ତି। ସାମାଜିକ ବିଜ୍ଞାନ ପରୀକ୍ଷାରେ ୪ ପରୀକ୍ଷାର୍ଥୀ କପି କରୁଥିବା ବେଳେ ସ୍କ୍ୱାଡ ହାତରେ ଧରା ପଡ଼ିଥିବା ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର କହିଛନ୍ତି। ଏହି ୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୨ ଜଣ ଛାତ୍ରୀ ରହିଛନ୍ତି।

# 'ସମାଜରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଆନନ୍ଦପୁର, ୮।୩(ସ୍ୱ.ପ୍ର.)



ଆନ୍ତର୍ଜାତିକ ମହିଳା ଦିବସ ଉତ୍ସବରେ ଉପସ୍ଥିତ ଛାତ୍ରୀ ଓ ମହିଳା।

ସମାଜରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ମଧ୍ୟରେ ସଚେତନତା ଓ ଜାଗରଣ ସୃଷ୍ଟି ହେଲେ ସେମାନେ ଅଧିକାର ସାବ୍ୟସ୍ତ କରିପାରିବେ। ପାରିବାରିକ ହିଂସା ଭଳି ବିଭିନ୍ନ ସମସ୍ୟାର ସହଜ ସମାଧାନ ହୋଇ ପାରିବ ବୋଲି କେନ୍ଦୁଝର ଜିଲା ଆନନ୍ଦପୁର ତାଲୁକ ଆଇନସେବା ପ୍ରାଧିକରଣ ପକ୍ଷରୁ ଆନନ୍ଦପୁର ମହାବିଦ୍ୟାଳୟ ପରିସରରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ତାଲୁକ ଆଇନସେବା ସମିତିର ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ ଦାଶଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସଡିଜେଏମ୍ ଶିବାନୀ ଆଚାର୍ଯ୍ୟ, ଘସିପୁରା ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧିକାରୀ ପବିତ୍ରାନନ୍ଦ ପ୍ରଧାନ, ଜେଏମ୍‌ଏଫସି ଅମିତ୍ କୁମାର, ଅତିରିକ୍ତ ଉପଜିଲାପାଳ କୀର୍ତ୍ତନ ଓଝା, ଆନନ୍ଦପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ, ପ୍ରାଧ୍ୟାପକ ଡ.ଦିଲୀପ କୁମାର ଦାଶ, ତାଲୁକ ଆଇନସେବା ସମିତି ସଦସ୍ୟ ଆଇନଜୀବୀ ବାଇଧର ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ମହିଳାମାନଙ୍କର ଅଧିକାର, ସାମାଜିକ ଭୂମିକା, ପାରିବାରିକ ହିଂସା ଆଇନ ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ଅତିଥିମାନେ ସୂଚନା ଦେଇଥିଲେ।

# 'ସେବା ପାଇଁ ରାଜନୀତିକୁ ଆସିଛି'

କେନ୍ଦୁଝର ୮।୩ (ସ୍ୱ.ପ୍ର.)

ଜନସେବା କରିବା ମୋର ମୁଖ୍ୟ ଉଦ୍ଦେଶ୍ୟ। ଅଧାପନା କାର୍ଯ୍ୟ ସମୟରୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ରହି କାମ କରିଛି। ଲୋକଙ୍କ ସେବା ଏବଂ ଅଞ୍ଚଳର ବିକାଶ ପାଇଁ ଅଧାପନା ବୃତ୍ତି ଛାଡି ଏବେ ରାଜନୀତିକୁ ଓହ୍ଲାଇଛି ବୋଲି ଭାଜପାରେ ଯୋଗ ଦେଇଥିବା ପ୍ରାଧ୍ୟାପକ ପଞ୍ଚାନନ ରାଉତ କହିଛନ୍ତି। ଆଗାମୀ ନିର୍ବାଚନରେ ସେ ଘଷିପୁରା ଅସଂରକ୍ଷିତ ବିଧାନସଭା ଆସନରୁ ଲଢିବା ପାଇଁ ଆଗ୍ରହୀ ଥିବା ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଏହି ଆସନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ରଙ୍କ ଦୁର୍ଗ ଭାବେ ବିବେଚିତ। ଏହାଛଡା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କର ଏହା ନିର୍ବାଚନ ମଣ୍ଡଳୀ। ଏଭଳି ସ୍ଥିତିରେ ତାଙ୍କର ଜିତିବାର ଆଧାର କ'ଣ ବୋଲି ପ୍ରଶ୍ନ କରିବାରୁ ସେ କହିଲେ, ତାଙ୍କ ଅଧାପନା ଜୀବନରେ ବହୁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ଘନିଷ୍ଠ ସମ୍ପର୍କ ରହିଛି। ଛାତ୍ର ଜୀବନରୁ ଏବିଭିପି ସହ ଜଡିତଥିଲେ। ୧୯୭୯ରେ ବିଶ୍ୱ ହିନ୍ଦୁ ପରିଷଦ ସହ ସାମିଲ ହୋଇ ୨୦୦୮-୨୦୧୮ ପର୍ଯ୍ୟନ୍ତ ଜିଲା ସମ୍ପାଦକ ଦାୟିତ୍ୱ ତୁଲାଇଛନ୍ତି। ୨୦୧୮ ଜୁଲାଇରୁ ସ୍ୱେଚ୍ଛାକୃତ ଅବସର ନେଇ ଦଳୀୟ କାର୍ଯ୍ୟରେ ସିଧାସଳଖ ସାମିଲ ହୋଇଥିବା କହିଛନ୍ତି।

# ମହିଳା ଦିବସକୁ ନିଶା ନିବାରଣ ଦିବସ ଭାବେ ପାଳିଲେ ମହିଳା

କେନ୍ଦୁଝର ୮।୩ (ସ୍ୱ.ପ୍ର.)




ମଦମୁକ୍ତି ଆନ୍ଦୋଳନ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ମହିଳାଙ୍କ ରାଲି।

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ମୁଖ୍ୟାଳୟଠାରେ ମହିଳାମାନେ ଆନ୍ତର୍ଜାତିକ ମହିଳା ଦିବସକୁ ନିଶା ନିବାରଣ ଦିବସ ଭାବେ ପାଳନ କରିଥିଲେ। । ମଦ ଭଳି ନିଶା ଦ୍ୱାରା କିପରି ସମାଜ ଓ ଦେଶ କିଭଳି କଳୁଷିତ ହେଉଛି ଏବଂ ମହିଳା ମାନେ ନିର୍ଯାତିତ ହେଉଛନ୍ତି, ସେମାନେ ତାହା ଅବତାରଣା କରି ନିଶା ବନ୍ଦ ଦାବିରେ ଏଭଳି ନିଆରା ଆନ୍ଦୋଳନ କରାଯାଉଥିବା ସୂଚନା ଦେଇଥିଲେ। ପ୍ରଥମେ ମହିଳାମାନେ ବହୁ ସଂଖ୍ୟାରେ ମୁହଁରେ କଳାକନା ବାନ୍ଧି ନୀରବ ପଦଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ନିଶା ବନ୍ଦ ନ ହେଲେ ଆଗାମୀ ନିର୍ବାଚନରେ ସରକାରଙ୍କୁ ଭୋଟ ଜରିଆରେ ବିରୋଧ ସେମାନେ ବିରୋଧ କରିବେ ବୋଲି କହିଥିଲେ। ଶର୍ମିଷ୍ଠା ମହାନ୍ତି, ଧୋବଲି ସାହୁ, ସ୍ୱର୍ଣ୍ଣଲତା ସାହୁ, ଦମୟନ୍ତୀ ସାହୁ, ରାଇମଣୀ ମହାନ୍ତି, କୁନି ସାହୁ, ମୀନତୀ ସାହୁ, ଲୀଳାବତୀ ସାହୁ, ରୀନାରାଣୀ ଦଣ୍ଡପାଟ, ଜୟନ୍ତୀ ମୁଣ୍ଡା, ବିଦ୍ୟାବତୀ ମହାରଣାପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ମଦ ଭଳି ବିଭିନ୍ନ ନିଶାଦ୍ରବ୍ୟର କାରବାର ବୃଦ୍ଧି ଯୋଗୁ କେବଳ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ତା' ନୁହେଁ, ମହିଳାମାନେ ଏହାର ଅଧିକ ଶୀକାରହେଉଛନ୍ତି। ଘର ଓ ପରିବାରରେ ଶାନ୍ତି ନଷ୍ଟ ହେବା ସହ ଅର୍ଥନୈତିକ ସ୍ଥିତି ଦୁର୍ବଳ ହେଉଛି। ଆଗାମୀ ଦିନରେ ନିଶା ବନ୍ଦ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ପାଟଣା, ୮।୩ (ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା କରଞ୍ଜିଆ ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ଗୁରୁବାର ବଡ଼ବିଲ ଓ ସାହାରପଡ଼ା ବଜାରରେ ଥିବା ଜବରଦଖଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଜବରଦଖଲକାରୀଙ୍କ ଦୋକାନ ଗୃହ ଭାଙ୍ଗି ଦିଆଯାଇଛି। ମାଜିଷ୍ଟ୍ରେଟ ଭାବେ ସାହାରପଡା ତହସିଲଦାର ଲମ୍ବୋଦର ଖୁଣ୍ଟିଆଙ୍କ ଉପସ୍ଥିତିରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ, ପାଟଣା ଥାନାଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ, ଏଏସ୍ଆଇ ଅଶୋକ ନାଏକ ଓ ସୁଧାଂଶୁ ଶେଖର ଜେନାଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ୪୦ରୁ ଉର୍ଦ୍ଧ୍ୱ ଦୋକାନୀଙ୍କ ଦୋକାନ ଭଙ୍ଗାଯାଇଥିଲା। ଦୋକାନୀମାନଙ୍କ ଜୀବିକା ପ୍ରଭାବିତ ହୋଇଥିବାରୁ ସେମାନଙ୍କୁ ଦୋକାନ କରିବା ପାଇଁ ପ୍ରଶାସନ ପକ୍ଷରୁ ଜମି ଯୋଗାଇ ଦେବାକୁ ଦାବି ହେଉଛି।

### ବିଡିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ପାଟଣା, ୮।୩ (ସ୍ୱ.ପ୍ର.) - ପାଟଣା ବ୍ଲକ ବିଡିଓ କୁଶଳ ଚନ୍ଦ୍ର ନାଏକଙ୍କର କୋରାପୁଟକୁ ଉପଜିଲାପାଳ ଭାବେ ବଦଳି ହୋଇଛି। ଶୁକ୍ରବାର ପାଟଣା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅୟୋଜିତ ସଭାରେ ଏବିଡିଓ ପ୍ରଫୁଲ୍ଲ ନାଏକ ଅଧ୍ୟକ୍ଷତା କରିଥିଲେ। ଜିଲାପରିଷଦ ସଭ୍ୟ ସୁରେଶ ଚନ୍ଦ୍ର ନାଏକ, ଡଲି ପାତ୍ର, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ, କୃଷି ଅଧିକାରୀ ପରେଶ ଦାଶ ଓ ଅଧିକାରୀ ଧନେଶ୍ୱର ନାଏକଙ୍କ ସହ ସରପଞ୍ଚ, ସମିତିସଭ୍ୟ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

### ନାରୀଙ୍କ ସୁରକ୍ଷା ଉପରେ ଆଲୋଚନା



ଜଳେଶ୍ୱର, ୮।୩(ଡି.ଏନ.ଏ.): ଜଳେଶ୍ୱରସ୍ଥିତ ତାଲୁକ ଆଇନ ସେବା କମିଟି ତରଫରୁ ଶୁକ୍ରବାର ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି (ସବ୍‌ଜଜ) ବିନୋଦ ବିହାରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜେଏମ୍‌ଏଫ୍‌ସି ସୁମିତ୍ରା ସାହୁ, କନିଷ୍ଠ ଦେୱାନୀ ବିଚାରପତି ପରିତୋଷ କୁମାର ସେଠୀ, ଆଇନଜୀବୀ ସୁନୀଲ ଜେନା, ରବୀନ୍ଦ୍ର ଦଣ୍ଡପାଟ, ମଦନମୋହନ ରାଉଳ ପ୍ରମୁଖ ମଞ୍ଚାସୀନ ରହି ମହିଳା ଦିବସ ପାଳନର ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିସହିତ ନାରୀମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ପ୍ରଚଳିତ ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରାଯାଇଥିଲା। ଉକ୍ତ ସଭାରେ ପଞ୍ଚାୟତ ପ୍ରତିନିଧି, ସରକାରୀ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ମହିଳା ସଙ୍ଗଠନର ନାରୀନେତ୍ରୀ ଉପସ୍ଥିତ ଥିଲେ।

# 'ପ୍ରତିଭା ପ୍ରଦର୍ଶନ ଦ୍ୱାରା ସମାଜର ହିତ ସାଧନ ସମ୍ଭବ'

କେନ୍ଦୁଝର, ୮।୩ (ସ୍ୱ.ପ୍ର.)

ଯୁଗେ ଯୁଗେ ମହିଳାମାନେ ସମାଜରେ ବନ୍ଦନୀୟା। ସୁସ୍ଥ ସମାଜ ଓ ଦେଶ ଗଠନରେ ସେମାନଙ୍କ ଅବଦାନ ଅତୁଳନୀୟ ବୋଲି ଜିଲା ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଏବଂ ଓସ୍କା ପ୍ଲାନ ସଂଗଠନ ସହଯୋଗରେ ଶୁକ୍ରବାର ଆୟୋଜିତ ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ବକ୍ତାମାନେ କହିଛନ୍ତି। ନଗରଭବନଠାରେ ଆୟୋଜିତ ସମାରୋହକୁ ମୁଖ୍ୟ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ଉଦ୍‌ଘାଟନ କରିଥିଲେ । ସେ କହିଥିଲେ, ମହିଳାମାନେ ନିଜସ୍ୱ ପ୍ରତିଭା, ଅଧ୍ୟବସାୟ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସମ୍ପ୍ରତି ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ପାହାଚ ଚଢ଼ି ଚାଲିଛନ୍ତି। ନିରାଶା ଓ ହତାଶା ଭାବ ପରିହାର କରି ନିଜ ଭିତରେ ଥିବା ପ୍ରତିଭା ପ୍ରଦର୍ଶନକଲେ ସେମାନେ ସମାଜର ହିତ ସାଧନ କରି ପାରିବେ। ଆଜିର ଦିବସରେ ସମସ୍ତେ ଏ ନେଇ ସଂକଳ୍ପ ବଦ୍ଧ ହେବାକୁ ସେ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ଜିଲା ଏଲ୍‌ସିସି କମିଟିର ଅଧ୍ୟକ୍ଷା ଆଡଭୋକେଟ ଜ୍ୟୋତିର୍ମୟୀ ଷଡଙ୍ଗୀ, ସ୍ୱେଚ୍ଛାସେବୀ ସଂଗଠନ ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତ,ଆଇଡିଏର ସମ୍ପାଦିକା ସେବତୀ ସିଂ ପ୍ରମୁଖ ଉଦ୍‌ବୋଧନ ଦେଇ ମହିଳାମାନଙ୍କୁ ଦୟା, କ୍ଷମା, ସେବା,ତ୍ୟାଗ ଓ ମମତାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଗୌରୀଲତା ବେହେରା, ଅଙ୍ଗନୱାଡି କର୍ମୀ ମନୋଜ ମଞ୍ଜରୀ ମିଶ୍ର, ସୁପରଭାଇଜର ଜୟନ୍ତୀ ମହାନ୍ତ, ସିଡିପିଓ ପ୍ରଭାସିନୀ ଚକ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଙ୍ଗନୱାଡି କର୍ମୀ ସୁଶୀଳା ସିଂ ପାଲା ମାଧ୍ୟମରେ ମହିଳା ଦିବସର ବାର୍ତ୍ତା ପରିବେଷଣ କରିଥିଲେ। ପ୍ରୋଗ୍ରାମ ଅଫିସର ସତ୍ୟପ୍ରିୟଦର୍ଶିନୀ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଶ୍ରେଷ୍ଠ ବିବେଚିତ ଅଙ୍ଗନୱାଡିକର୍ମୀ, ଆଶାକର୍ମୀ, ଏଏନ୍‌ଏମ୍ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।



ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସରେ ମଞ୍ଚାସୀନ ଅତିଥି।

ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

### ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ

କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟ ବିଦ୍ୟାଳୟ ଓ ଫାର୍ମାସୀ କଲେଜର ମିଳିତ ଆନୁକୁଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ବସନ୍ତ କୁମାର ଦାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ କହିଥିଲେ । ସେହିପରି ସ୍ଥାନୀୟ କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏହି ସମାରୋହ ପାଳିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ସୁପ୍ରୀତି ସେନଗୁପ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। ଆଚାର୍ଯ୍ୟା ସୁଶ୍ରୀ ରାଉତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିବିଧ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

### ସଚେତନତା ଶିବିର

ବଡବିଲ, (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲର ବିଭିନ୍ନ ସ୍ଥାନରେ ମହିଳା ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇଥିଲା। ବଡବିଲ ତାଲୁକ ଆଇନ ସେବା ସମିତି ପକ୍ଷରୁ ସମିତି ଅଧ୍ୟକ୍ଷ ଆଲୋକ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ମହିଳାଙ୍କ ସୁରକ୍ଷା ନିମନ୍ତେ ସାମ୍ବିଧାନିକ ଆଇନ ବ୍ୟବସ୍ଥା, ଭାରତୀୟ ସାକ୍ଷ୍ୟ ଅଧିନିୟମ ୧୮୭୨ ରେ ଥିବା ବ୍ୟବସ୍ଥା ବିଷୟରେ ସେ ସୂଚନା ପ୍ରଦାନ କରି ଏ ଦିଗର ମହିଳା ମାନେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ବଳରାମ ମହାନ୍ତି ଓ ଦେବପ୍ରିୟ ରଣା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ସୁରକ୍ଷା ପାଇଁ ଥିବା ଫୌଜଦାରୀ କାର୍ଯ୍ୟବିଧି ସଂହିତା ଉପରେ ଆଲୋକପାତ କରିଥିଲେ।



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

### କବିବର କଳା ସଂସ୍କୃତି ସଂଘ ବୈଠକ

ସୋର, ୮।୩(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟି ଅଧୀନ ରାଇପୁର ଗ୍ରାମରେ ଥିବା ଠାକୁରାଣୀ ମଣ୍ଡପ ପରିସରରେ କଳା ସଂସ୍କୃତି ସଂଘର ସାଧାରଣ ବୈଠକ ରବି ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୋର ସହ ଆଖପାଖ ଅଞ୍ଚଳର ଶତାଧିକ କଳାକାର ଯୋଗଦେଇ ପୂର୍ବ ବୈଠକର ବିବରଣୀ ପାଠ କରିବା ପରେ ସାଙ୍ଗଠନିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରିଥିଲେ। ଆଲୋଚନା ପରେ ସର୍ବସମ୍ମତିକ୍ରମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାଗବତ ରାଉତ, ଉପସଭାପତି ଜୟନ୍ତ କୁମାର ଦାସ, ଲକ୍ଷ୍ମୀଧର ମହାରଣା, ବଂଶୀଧର ନାୟକ, ବବିତା ପୃଷ୍ଟି, ସମ୍ପାଦକ ସୁବାସ ଚନ୍ଦ୍ର ବାରିକ, ସହସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, କୋଷାଧ୍ୟକ୍ଷ ଜନାର୍ଦ୍ଦନ ଶଙ୍ଖୁଆ ପ୍ରମୁଖ ମନୋନୀତ ହୋଇଥିଲେ। ମହେଶ ଚନ୍ଦ୍ର ପଣ୍ଡା, ରାମଚନ୍ଦ୍ର ବିଶ୍ୱାଳ, ପ୍ରହ୍ଲାଦ ନାୟକ ଓ ନିର୍ମଳା ବିଶ୍ୱାଳ ପ୍ରମୁଖ ଉପଦେଷ୍ଟା କମିଟିର ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଶ୍ରୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବନମାଳୀ ବେହେରା, ଆର୍ତ୍ତବନ୍ଧୁ ପାଣିଗ୍ରାହୀ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳା ଦିବସରେ ଶୋଭାଯାତ୍ରା

ବାସୁଦେବପୁର/ବନ୍ତ/ଧାମନଗର, ୮।୩ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ବାସୁଦେବପୁରରେ ପ୍ରଗତିଶୀଳ ମହିଳା ମଞ୍ଚ ପକ୍ଷରୁ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଟାଉନ ହଲ୍ ପରିସରରେ ସୁଜାତା ଦାସଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚର ବ୍ଲକ ସଭାପତି ମାଳତୀ ଜେନା, ସମ୍ପାଦିକା ସୁଜାତା ଦାସ ଯୋଗଦେଇ ମହିଳାମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ମତ ରଖିଥିଲେ। କୌଣସି କ୍ଷେତ୍ରରେ ମହିଳାଙ୍କୁ ଅଣଦେଖା କରାଯିବା ଉଚିତ ନୁହେଁ ବୋଲି ସେମାନେ କହିଥିଲେ। ସିପିଆଇଏମ୍‌ଏଲ୍‌ର ଜିଲା ସମ୍ପାଦକ ସୁଶାନ୍ତ ଜେନା, ବ୍ଲକ ସଭାପତି ଚିତ୍ତରଞ୍ଜନ ଜେନା, ଝୁନିଲତା ଜେନା, ପଦ୍ମାବତୀ ମହାଲିକ, ବାସନ୍ତୀ ରାଉତ, ତପୋଇ ଜେନା, ଲିଲି ମଳିକ, ଗୌତମୀ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବନ୍ତ ବ୍ଲକ ଗୋପୀନାଥପୁରଠାରେ ସେଚ୍ଛାସେବୀ ସଙ୍ଗଠନ ସିଏଫ୍‌ଡବ୍ଲ୍ୟୁଏସ୍‌ଡିଓ ଲୋକଶକ୍ତିର ମିଳିତ ସହଯୋଗରେ ଜଗତଜ୍ୟୋତି ମହିଳା ମହାସଂଘ ପକ୍ଷରୁ ମହିଳା ଦିବସ ପାଳନ କରାଯାଇଥିଲା। ନେତ୍ରୀ ତୁଳସୀ ମହାନ୍ତି, କୁଞ୍ଜଲତା ଜେନା, ସରୋଜିନୀ ସାହୁ, କଳ୍ପନା ଜେନାଙ୍କ ନେତୃତ୍ୱରେ ଶତାଧିକ ମହିଳା ମହିଳା ସଶକ୍ତୀକରଣ ଉପରେ ସ୍ଲୋଗାନ ଦେଇ ଗୋପୀନାଥପୁର, ତାଜିପୁର, ମାର୍କଣ୍ଡପୁର, ତୁଳସୀପୁର, ସାହୁପଡା ଆଦି ଗ୍ରାମ ପରିକ୍ରମା କରିଥିଲେ। ପରେ ମଞ୍ଜୁଲତା ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମହାସଂଘର ତୁଳସୀ ମଲିକ, ଭାରତୀ ସାହୁ, କୁଞ୍ଜଲତା ଜେନା, ସରସ୍ୱତୀ ସେଠୀ, ବିମଳା ସେଠୀ, ପ୍ରେମଲତା ସାହୁ, ସୁବର୍ଣ୍ଣ ଦାସ, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଯୋଗ ଦେଇଥିଲେ। ଚମ୍ପା ସାହୁ, ଡଲି ଜେନା, ପାର୍ବତୀ ସାହୁ, ତପସ୍ୱିନୀ ମହାପାତ୍ର, ଭାମା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟରେ ଧୂଷୁରୀ ବନ୍ଧନ କୋନନଗର ଗ୍ରୁପ ତରଫରୁ ଗ୍ରାମୀଣ ଗରିବ ମହିଳାଙ୍କୁ ସହାୟତା ପ୍ରଦାନ ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଆଲୋଚନା ହୋଇଥିଲା। ଧୂଷୁରୀ ସରପଞ୍ଚ ଜ୍ୟୋସ୍ନାରାଣୀ ପ୍ରଧାନ, ସାହାସପୁର ସରପଞ୍ଚ ଅନିରୁଦ୍ଧ ସାହୁ, ଡା. ଗିରୀଶ ଚନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ଜିଲାରେ ୬ଟି କାର୍ଯ୍ୟାଳୟ ସହାୟତାରେ ୧୬୦୦ ଅସହାୟା ମହିଳାଙ୍କୁ ବିନା ମୂଲ୍ୟରେ ବ୍ୟବସାୟ ସମ୍ପଦ ପ୍ରଦାନ ନେଇ ଆଲୋଚନା କରାଯାଇଥିଲା। ସଂସ୍ଥାର ଏସି ବଳରାମ ମଣ୍ଡଳ, ସିନିୟର ଏସି କୌଶିକ ଦାସ ଉପସ୍ଥିତ ଥିଲେ। ସୁଶାନ୍ତ ବେହେରା, ମହେଶ୍ୱର ନାଥ, ରାଜେଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରନେତାଙ୍କୁ ଆକ୍ରମଣ ଅଭିଯୋଗ

ଚାନ୍ଦବାଲି, ୮।୩ (ଡି.ଏନ.ଏ.)

ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଶୁକ୍ରବାର ଭୁଇଁବୃତି ପଞ୍ଚାୟତର କେତେକ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାକୁ ଯାଇଥିଲେ। ତାଙ୍କ ସହିତ ଛାତ୍ର ବିଜେଡିର ରାଜ୍ୟ ସମ୍ପାଦକ ପ୍ରିନ୍ସ ରାକେଶ ନାୟକ ଓ ଅନ୍ୟ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ଯାଇଥିଲେ। ଗରିପୁର ଗାଁର ଏକ ପ୍ରକଳ୍ପ ଶିଳାନ୍ୟାସ କରିବାକୁ ଯିବାବେଳେ ସେହି ଗାଁର ଚନ୍ଦନ ଦାସ ନାମକ ଜଣେ ଯୁବକ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଛାତ୍ରନେତା ନାୟକ ଓ ଅନ୍ୟ ଦୁଇଜଣଙ୍କୁ ଆକ୍ରମଣ କରିଥିବା ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ଆକ୍ରମଣର ଶିକାର ହୋଇଥିବା ୩ ଜଣ ଥାନାରେ ପୃଥକ୍ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ କାଳନ୍ଦୀ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୬୧/୧୯) ରୁଜୁ କରିଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଛାତ୍ରନେତା ନାୟକଙ୍କ ସମର୍ଥକମାନେ ଅପରାହ୍ନରେ ଚାନ୍ଦବାଲି ଥାନା ଘେରାଉ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ତାପସ ପ୍ରଧାନ ସୂଚନା ଦେଇଛନ୍ତି।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ବିଦ୍ୟାର୍ଣ୍ଣବ' ପତ୍ରିକା ଉନ୍ମୋଚିତ

ଧାମନଗର, ୮।୩ (ଡି.ଏନ.ଏ.)

ଧାମନଗର ବ୍ଲକ ଗଡିଆଲିସ୍ଥିତ ଜାଗୁଲାଇ ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବିଇଓ ପୀତାମ୍ବର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁକାନ୍ତି ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ହରେକୃଷ୍ଣ ପାଢ଼ୀ ମୁଖ୍ୟଅତିଥି, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟବକ୍ତା ଏବଂ ଅଧ୍ୟକ୍ଷ ସଞ୍ଜୟ କୁମାର ବହଳ, ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ନାୟକ, ପ୍ରଧାନ ଶିକ୍ଷକ ଗଙ୍ଗାଧର ଦେହୁରୀ, ପ୍ରଧାନ ଶିକ୍ଷକ ଶିଶୀର କୁମାର ମିଶ୍ର, ସିଆର୍‌ସିସି ପୀତବାସ ଜେନା, ତାରାକାନ୍ତ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବିଦ୍ୟାର୍ଣ୍ଣବ'କୁ ଉନ୍ମୋଚନ କରିଥିଲେ। ସେହିପରି ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା, ବିଦ୍ୟାଗତ, ଶୃଙ୍ଖଳିତ ଏବଂ ଉତ୍ତମ ବ୍ୟବହାର ପାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଯାଦୁ ଖେଳାଳି ଶ୍ରୀଧର ଦାସ ଯାଦୁ ଦେଖାଇ ପିଲାଙ୍କୁ ଆକର୍ଷିତ କରିଥିଲେ। ପ୍ରଧାନ ଶିକ୍ଷକ ନିରାକାର ରାଉତଙ୍କ ରଚିତ ଓ ନିର୍ଦ୍ଦେଶିତ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନାଟକ 'ମୁଁ ରାଜା ହେବି' ସମସ୍ତଙ୍କ ମନ ମୋହିଥିଲା। ନିରାକାର ରାଉତ ବାର୍ଷିକ ବିବରଣୀ ପାଠ ଓ କାକଳି ଖଟୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ଧ୍ୟାରାଣୀ ବସନ୍ତିଆ ଧନ୍ୟବାଦ ଦେଇଥିଲେ। ପ୍ରମୋଦ ସ୍ୱାଇଁ, ହୀରାମୋତି ମାର୍ଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଠିଆ ଜଳିଗଲା ଯାତ୍ରୀବାହୀ ବସ୍

ବାରିପଦା ଅଫିସ/ ବାଙ୍ଗିରିପୋଷି, ୮।୩ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଘାଟି ଉପରେ ଅଟକିଥିବା ଏକ ଯାତ୍ରୀବାହୀ ବସ୍ ଠିଆ ଠିଆ ଜଳିଯାଇଛି। ବସ୍‌ଟି ଜଳି ପାଉଁଶ ହୋଇଯାଇଛି। ତେବେ ଏଥିରେ ଯାତ୍ରୀ ନ ଥିବାରୁ କେହି ହତାହତ ହୋଇନାହାନ୍ତି।

ଶୁକ୍ରବାର ସକାଳେ ଏକ ଘରୋଇ ବସ୍ (ଓଡି ୦୯ କେ ୧୮୮୭)କରଞ୍ଜିଆ , ସିଙ୍ଗଡ଼ା ଅଞ୍ଚଳରୁ ପ୍ରାୟ ୫୦ ଲୋକଙ୍କୁ ଭଡ଼ାରେ ନେଇ ସଦଖିଆ ଭୋଜି ପାଇଁ ବେତନଟି ଅଞ୍ଚଳକୁ ଆସୁଥିବାବେଳେ ଘାଟିରେ ଅଟକିଥିଲା। ଯାତ୍ରୀମାନେ ଓହ୍ଲାଇ ଦ୍ୱାରଶୁଣି ମନ୍ଦିରଦର୍ଶନ ନିମନ୍ତେ ଯାଇଥିଲେ। ହେଲେ ହଠାତ୍ ବସ୍‌ରେ ନିଆଁ ଲାଗି ହୁ ହୁ ହୋଇ ଜଳିବାକୁ ଲାଗିଥିଲା। ସ୍ଥାନୀୟ ଲୋକେ ଦେଖି ବସ୍ ଜଳିଗଲା ବୋଲି ଡାକ ଛାଡ଼ିଥିଲେ।


ଜଳିଯାଇଥିବା ବସ୍।

ପାଣି ପକାଇ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ତାପ ଥମି ନ ଥିଲା। ଯାତ୍ରୀମାନେ ବସ୍‌ରେ ନ ଥିବାରୁ କାହାକୁ ଆଘାତ ଲାଗିନାହିଁ। ହେଲେ ଯାତ୍ରୀଙ୍କ ସାମଗ୍ରୀ ପୋଡ଼ିଯାଇଛି। ବାଙ୍ଗିରିପୋଷି ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଛି। ସର୍ଟସର୍କିଟ ଯୋଗୁ ବସ୍‌ରେ ନିଆଁ ଲାଗିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଥିବା କହିଛି।

ପ୍ରତ୍ୟକ୍ଷଦର୍ଶୀ ରାଜକୁମାର ବେହେରାଙ୍କ କହିବା ଅନୁସାରେ, ଦିନ ପ୍ରାୟ ୧୦.୩୦ ମି. ବେଳକୁ ଏହି ବସ୍ ଆସି ମନ୍ଦିର ନିକଟରେ ଅଟକି ଥିଲା। ଗାଡିରେ କେହି ନ ଥିବାବେଳେ ହଠାତ୍ ସମ୍ମୁଖ ଭାଗରୁ ଧୂଆଁ ବାହାରିବା ଦେଖିବାକୁ ମିଳିଥିଲା। ବସ୍ କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକେ ବସ୍ ନିକଟରେ ପହଞ୍ଚିବା ବେଳକୁ ନିଆଁ ଅଣାୟତ୍ତ ହୋଇଥିଲା। ତୁରନ୍ତ ପାଣି ପକାଇ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲା। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବାଙ୍ଗିରିପୋଷି ପୋଲିସ କହିଛି।

# ନିଶାମୁକ୍ତ ସମାଜ ପାଇଁ 'ମୋନା'ର ନିବେଦନ

ବାଲେଶ୍ୱର ଅଫିସ, ୮।୩

ନିଶାମୁକ୍ତ ସମାଜ ଗଠନ ଦିଗରେ ଲଗାତର ସଂଗ୍ରାମ କରୁଥିବା ମହିଳାମାନଙ୍କୁ 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା)' ତରଫରୁ ବିଶ୍ୱ ମହିଳା ଦିବସ ଅବସରରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା କମିଟି ପକ୍ଷରୁ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା। ସଭାପତି ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟକୁ ମଦମୁକ୍ତ ଓଡ଼ିଶା ଦାବିରେ ରାଜ୍ୟ ପରିକ୍ରମା କରୁଥିବା ଅଭିଯାତ୍ରୀମାନଙ୍କୁ ବିଶେଷ କରି ମଦଭାଟିଗୁଡ଼ିକ ବିରୋଧରେ ଆନ୍ଦୋଳନ କରୁଥିବା ସମଗ୍ର ପୁରପଲ୍ଲୀରେ ମହିଳା/ସ୍ୱେଚ୍ଛାସେବୀମାନଙ୍କୁ ବକ୍ତାମାନେ ଧନ୍ୟବାଦ ଜଣାଇଥିଲେ। ରାଜ୍ୟ ପରିକ୍ରମା କରୁଥିବା ଏହି ଅଭିଯାତ୍ରୀମାନଙ୍କୁ କଟକ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପୋଲିସ ଗାଳିଗୁଲଜ କରିବା ଓ ମାଡ଼ ମାରିବା ଘଟଣାର ସର୍ବସମ୍ମତିକ୍ରମେ ନିନ୍ଦା କରାଯାଇଥିଲା। ସଭାରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର ବିଶ୍ୱମହିଳା ଦିବସର ଆଭିମୁଖ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ବୈଠକରେ ଉପଦେଷ୍ଟା ସୁବ୍ରତ କର, ଡ. କେଶବଚରଣ ପଣ୍ଡା, ଡ. କ୍ଷିତୀଶ୍ୱର ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାର ଦାସ, ଶଶାଙ୍କ ଶେଖର ଦତ୍ତ, ଅଞ୍ଜଳି ପଣ୍ଡା, ସୁକାନ୍ତୀ ଲତା ଭକ୍ତା, ରଶ୍ମିତା ଜେନା, ଶର୍ମିଷ୍ଠା ପଣ୍ଡା, ଗୀତାଞ୍ଜଳି ସିଂହ, ପ୍ରଣିତା ମିଶ୍ର, ସ୍ମୃତି ଦାସ, କମଳାକାନ୍ତ ଦାଶ, ବେଣୁଧର ପାଳ, ଭାରତୀ ପଣ୍ଡା, ଅବନ୍ତୀ ପ୍ରଧାନ, କଲ୍ୟାଣୀ ନନ୍ଦ, ତ୍ରିଦିବ କୁମାର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କବିତାପାଠ କରିଥିଲେ।

National Entrance Screening Test 2019
NEST 2019
Admission to 5-year Integrated MSc Programmes in Biology, Chemistry, Mathematics and Physics at NISER (Bhubaneswar) and UM-DAE CEBS (Mumbai)
(Autonomous Institutions under Department of Atomic Energy, Government of India)
For detailed information on NEST 2019 application procedure and previous years' question papers please visit NEST 2019 website: www.nestexam.in
Online Application deadline has been EXTENDED for another week !
Last Date to Apply Online: 18 March 2019 (midnight)
Application can be made only through online portal.
To apply ONLINE, visit www.nestexam.in
Date of Examination: June 01, 2019 (Saturday)

ବିଜ୍ଞପ୍ତି
ସଂ: ୧୯୩୪ ତା: ୦୭।୦୩।୨୦୧୯
ଏତଦ୍ୱାରା ରାଜ୍ୟର ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଚଳିତ ବର୍ଷ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ବଦଳି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଂକଳ୍ପ ସଂଖ୍ୟା ୨୨୧୬୭ ତା. ୦୪।୧୦।୨୦୧୮ ଓ ସଂକଳ୍ପ ସଂଖ୍ୟା ୨୧୯୦୮ ତା. ୦୧।୧୦।୨୦୧୮ରେ ଉଲ୍ଲିଖିତ ସର୍ତ୍ତାବଳୀ ଅନୁସାରେ online ପଦ୍ଧତିରେ ହେବ। Online ଦରଖାସ୍ତ ଗ୍ରହଣ ତା. ୦୨।୦୪।୨୦୧୯ରିଖରୁ ଆରମ୍ଭ ହେବ। ଏ ସମ୍ପର୍କିତ ସବିଶେଷ ବିବରଣୀ ଓ calendar ତା. ୦୧।୦୪।୨୦୧୯ ରିଖରୁ http://opepa.odisha.gov.in ରେ ଉପଲବ୍ଧ ହେବ।
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପ ପ୍ରାଧିକରଣ

ପୂର୍ବ ତଟ ରେଳପଥ
ବେଡ଼ରୋଲ ଲିନେନ୍(Linen) ଗୁଡ଼ିକର ଯନ୍ତ୍ରୀକୃତ(Mechanised) ସଫେଇ
1) ଟେଣ୍ଡର ବିଜ୍ଞପ୍ତି ସଂ. eT-M-KUR-Grl-MW-PUI-49-19
କାର୍ଯ୍ୟର ନାମ : 02 (ଦୁଇ)ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ(ପୁରୀ ଗ୍ରୁପ୍-I)ର ଟ୍ରେନ୍ ନଂ.18425/18426 (ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍) ଏବଂ 18477/18478 (ଉତ୍କଳ ଏକ୍ସପ୍ରେସ୍)ର ବେଡ୍ ରୋଲ୍ ଲିନେନ୍(Linen) ଗୁଡ଼ିକର ଯନ୍ତ୍ରୀକୃତ ସଫେଇ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : 1,80,97,342.96, EMD (ଟଙ୍କାରେ) : 2,40,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.12.03.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.03.2019ରିଖ 1530 ଘଟିକାରେ ।
2) ଟେଣ୍ଡର ବିଜ୍ଞପ୍ତି ସଂ. eT-M-MW-GrIV-PUI-51-2019
କାର୍ଯ୍ୟର ନାମ : 02 (ଦୁଇ)ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ(ପୁରୀ ଗ୍ରୁପ୍-IV)ର ଟ୍ରେନ୍ ନଂ.12801/12802, 12815/12816, 12875/12876, 20813/20814 ଏବଂ 08403/08404 ର ବେଡ୍ ରୋଲ୍ ଲିନେନ୍ (Linen) ଇତ୍ୟାଦି ଗୁଡ଼ିକର ଯନ୍ତ୍ରୀକୃତ ସଫେଇ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : 2,58,52,580.24, EMD (ଟଙ୍କାରେ) : 2,79,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.13.03.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.03.2019ରିଖ 1515 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ ଖୋର୍ଦ୍ଧା ରୋଡ୍
PR-527/J/18-19